ଧାଇଁବା ପଛରେ ରହିଛି ପ୍ରଚୁର ସମ୍ଭାବନା। ଅନନ୍ୟ ଆକର୍ଷଣ। ପୁଣି ସଫଳତାକୁ କରାୟତ୍ତ କରିବାର ଦୁର୍ବାର ଆକାଂକ୍ଷା। ଠେକୁଆ - କଇଁଛ ଦୌଡ଼ ପରି ମନ୍ଥର ଗତି ସମ୍ପନ୍ନ କଇଁଛର ଶେଷରେ ଘଟିଛି ଜିତାପଟ। ନିଜ ଶକ୍ତି ଉପରେ ଆସ୍ଥା ରଖି ଗର୍ବରେ ଅନ୍ଧ ହୋଇଯାଇଥିବା ଠେକୁଆକୁ ଭୋଗିବାକୁ ପଡ଼ିଛି ବିଫଳତା। ସୁତରାଂ ଆମ ଜୀବନର ଧାଁ ଦଉଡ଼ ଭିତରେ କେବଳ ନିଜର ଶକ୍ତି ଉପରେ ଭରସା ରଖିଲେ ହେବନାହିଁ। ଏଥିଲାଗି କୌଶଳର ମଧ୍ୟ ଏକାନ୍ତ ପ୍ରୟୋଜନ ରହିଛି। ନିଜ ଶକ୍ତି, ସାଧନା, ଲକ୍ଷ୍ୟ, କୌଶଳ ଓ ଆତ୍ମବିଶ୍ୱାସ ଆଧାରରେ ବାଟ ଚାଲିଲେ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ସମ୍ଭବ ହୋଇପାରିବ।

ରାଜ କିଶୋରନଗର, ଅନୁଗୋଳ
ମୋ: ୯୪୩୭୫୪୭୧୪୭

## ଏଇ ଭାରତରେ

ଚାକିରି ଛାଡ଼ି ଛତିଶଗଡ଼ର ଚାଷୀ ସମୀକ୍ଷା ଚନ୍ଦ୍ରକର ଟମାଟୋ ଓ ଅନ୍ୟାନ୍ୟ ପରିବା ଚାଷକରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ସମୀକ୍ଷା ଏମ୍‌ବିଏ ପାସ୍ କରିବା ପରେ ପୁଣେର ଏକ କମ୍ପାନୀରେ ଚାକିରି କରିଥିଲେ। ୨୦୨୧ରେ ସେ ଚାକିରି ଛାଡ଼ି ଛତିଶଗଡ଼ ରାୟପୁରର ଚାରୁଡିଆ ଗାଁକୁ ଫେରି ଆସି ଚାଷ କରିବାକୁ ନିଷ୍ପତ୍ତି ନେଇଥିଲେ। ୨୦୨୩-୨୪ ବର୍ଷରେ ସେ ଏହି ଚାଷରୁ ୧.୫ କୋଟି ଟଙ୍କା ରୋଜଗାର କରିଥିଲେ। ସମୀକ୍ଷା ପ୍ରଥମେ ଏକର ପିଛା ୫୦ ଟନ୍ ଟମାଟୋ ଉତ୍ପାଦନ କରୁଥିଲେ, କିନ୍ତୁ ବର୍ତ୍ତମାନ ୫୫ ଟନ୍ ଉତ୍ପାଦନ କରୁଛନ୍ତି। ବଡ଼ କଥା ହେଉଛି ସମୀକ୍ଷା ଚାଷ କାର୍ଯ୍ୟ ପାଇଁ ୧୨୦ ଲୋକଙ୍କୁ ନିଯୁକ୍ତ କରିଛନ୍ତି। ତେବେ ଚଳିତବର୍ଷ ଟାଙ୍କର ଏହି ଚାଷରୁ ଅଧିକ ଲାଭ ହେବ ବୋଲି କହନ୍ତି ଚନ୍ଦ୍ରକର। ବିଶେଷକରି ସେ ଉତ୍ପାଦିତ ଟମାଟୋକୁ ନୂଆଦିଲ୍ଲୀ, ବେଙ୍ଗାଲୁରୁ, ରାୟପୁର, ପାଟନା, କୋଲକାତା ଆଦି ସହରର ମଣ୍ଡିକୁ ପଠାଉଛନ୍ତି। ଏହା ବ୍ୟତୀତ ଟମାଟୋ ବ୍ୟତୀତ ବାଇଗଣ, କାକୁଡ଼ି, ଲାଉ ଚାଷକରି ମାର୍କେଟରେ ବିକ୍ରି କରୁଛନ୍ତ ସମୀକ୍ଷା। ସବୁଠୁ ବେଶି ୨୦ ଏକରରେ ସେ ଟମାଟୋ ଚାଷ କରିଛନ୍ତି ଏବଂ ଅଧିକ ୧୫ ଏକର ଚାଷ କରିବାକୁ ଯୋଜନା କରିଛନ୍ତି। ସମୀକ୍ଷାଙ୍କ ବାପା ଓ ଭାଇ ତାଙ୍କୁ ଚାଷ କାର୍ଯ୍ୟରେ ସାହାଯ୍ୟ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୬ ଡିସେମ୍ବର ୧୯୭୬

- ଭାରତୀୟ କମ୍ୟୁନିଷ୍ଟ ଦଳରୁ ପଞ୍ଜାବ ରାଜ୍ୟ କାଉନସିଲ ସଭ୍ୟ କ୍ରାନ୍ତି ଅରୋରାଙ୍କ ଇସ୍ତଫା ପ୍ରଦାନ।
- ବିମାନ ବାହିନୀ ନିମନ୍ତେ ୨ଟି ସ୍କ୍ୱାଡ୍ରନରେ ୨୧୨ଟି ହେଲିକପ୍ଟର କିଣାଯାଉଥିବା ନେଇ ବାଂଲାଦେଶ ସରକାରଙ୍କ ଘୋଷଣା।
- ବ୍ୟାଙ୍କକ୍ ବିମାନ ଘାଟୀର ଉତ୍ତର ଦିଗରେ ଇଜିପ୍ଟର ଗୋଟିଏ ବୋଇଙ୍ଗ ୭୦୭ ବିମାନରେ ନିଆଁ ଲାଗି ଖସିପଡ଼ିବା ଫଳରେ ୪୨ ଜଣଙ୍କ ମୃତ୍ୟୁ।

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 4 | | | | | 2 | 7 |
| | | 2 | | | | 6 | | |
| 1 | | | | | 3 | 8 | | |
| | | | 4 | 6 | | 7 | | |
| | | | | | | | | |
| | | | 1 | 2 | 5 | | 4 | |
| | 6 | 5 | | | 1 | | | |
| 2 | | | | | | 1 | 9 | |
| | 9 | | | 3 | | | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 9 | 3 | 7 | 8 | 4 | 5 | 1 | 2 |
| 2 | 1 | 8 | 6 | 5 | 3 | 7 | 9 | 4 |
| 4 | 5 | 7 | 9 | 2 | 1 | 8 | 6 | 3 |
| 7 | 8 | 1 | 4 | 6 | 5 | 3 | 2 | 9 |
| 9 | 4 | 2 | 3 | 7 | 8 | 1 | 5 | 6 |
| 5 | 3 | 6 | 1 | 9 | 2 | 4 | 8 | 7 |
| 8 | 7 | 4 | 2 | 1 | 6 | 9 | 3 | 5 |
| 1 | 6 | 9 | 5 | 3 | 7 | 2 | 4 | 8 |
| 3 | 2 | 5 | 8 | 4 | 9 | 6 | 7 | 1 |

ଗତକାଲିର ଉତ୍ତର

# ଟଙ୍କାଖିଆ ମଣିଷ



ଡ. ମନୋରଞ୍ଜନ ପ୍ରଧାନ

ପିଲାବେଳର କଥା ମନେପଡ଼େ। ସେତେବେଳେ (ଆଜକୁ ଚାଳିଶ ବର୍ଷ ପୂର୍ବେ) ବିଶେଷକରି ଗାଁ ଲୋକେ ଚାକିରି କରିବା କିମ୍ବା ବାହାର ରାଜ୍ୟକୁ ଯାଇ ଦାଦନ ଖଟିବାକୁ ପସନ୍ଦ କରୁ ନ ଥିଲେ। ହୁଏତ ଆପଣମାନେ କହିପାରନ୍ତି କି ବେଶି ପାଠ ପଢ଼ାପଢ଼ି କରି ନ ଥିଲେ ସେଥିପାଇଁ। ବାସ୍ତବରେ ବହୁ ଜଣଙ୍କିଙ୍କ ବଡ଼ ପାଠୁଆ ମଧ୍ୟ ପୈତୃକ ଜମିଜମା ଦାୟିତ୍ୱ ନେଇ ସ୍ୱାବଲମ୍ବୀ ଜୀବନ ବିତାଇବାକୁ ପସନ୍ଦ କରୁଥିଲେ। ଫଳତଃ ପରିବାର, କୁଟୁମ୍ବ ଓ ସମାଜ ସହ ଅନ୍ତରଙ୍ଗ ସମ୍ବନ୍ଧ ରହୁଥିଲା। ବୃଦ୍ଧ କାଳରେ ମା'ବାପାଙ୍କ ସେବା ଶୁଶ୍ରୂଷା କରିପାରୁଥିଲେ। ନାତିନାତୁଣୀରେ ଘର ପୂରିଉଠୁଥିଲା। ଓଷାବ୍ରତରେ ଗାଁ ଉତ୍ସବମୁଖର ହେଉଥିଲା। ହେଲେ ବର୍ତ୍ତମାନ ପରିସ୍ଥିତି ବଦଳିଛି। ଗାଁ ଆଜି ସହରାଭିମୁଖୀ। ବିଲପଦର ପଡ଼ିଆ। ଚାଷ କରିବାକୁ କେହି ରାଜି ନୁହନ୍ତି। ମୂଲିଆ ମିଳିବା କଷ୍ଟ। କାରଣ ସମସ୍ତଙ୍କ ଇଚ୍ଛା ନଲିପେଣ୍ଟିପିକା ବାବୁ ହେବା ପାଇଁ। ସେଣେ ଦାଦନ ଖଟିବାକୁ ଯାଇ ବାସନ ମାଜୁଥାଉ କି ମାଲିକର ବଗିଚା କାମ କରୁ ବା ଗୁମ୍ଫୁରି କରୁ ମାତ୍ର ଗାଁରେ ରହି ସ୍ୱାଭିମାନୀ ଓ ସ୍ୱାବଲମ୍ବୀ ହେବାକୁ କାହାର ଇଚ୍ଛା ନାହିଁ।

ସହର କଥା ନ କହିଲେ ଭଲ। ଘରେ କେବଳ ବୁଢ଼ାବୁଢ଼ୀଙ୍କ ଉପସ୍ଥିତି। ପିଲାମାନେ ରୋଜଗାର ପାଇଁ ବିଦେଶରେ। ମା'ବାପାମାନେ ଏଥିପାଇଁ ଦିନରାତି ଏକ କରିଦେଇଥିଲେ। ପିଲାମାନେ ବଡ଼ ବଡ଼ ଅନୁଷ୍ଠାନରେ ପଢ଼ିବେ ଆଉ ପୁଳାପୁଳା ଟଙ୍କା ପଠେଇଲେ ମା'ବାପା ଟଙ୍କାର ପାହାଡ଼ ଉପରେ ବସିବେ। ତାହା ହିଁ ହେଉଛି। ମାସ ପୂରିଲେ କେବଳ ପୁଅ ବୋହୂ, ଝିଅ ଜ୍ୱାଇଁଙ୍କ ପାଖରୁ ଟଙ୍କା ବ୍ୟାଙ୍କରେ ଜମା ହେବାରେ ଲାଗିଛି। ହେଲେ ବୁଢ଼ାବୁଢ଼ୀ ପରିଣତ ବୟସରେ ଆଉ ଗଣିପାରୁ ନାହାନ୍ତି। ପେଟକୁ ଆହାର ମୁଠାଏ ପାଇଁ ବହଳ ବିକଳ। ଚାକରାଣୀ ଦୟାକଲେ ଖାଇବାକୁ ମିଳିବ । ତେଣେ ପୁଅ ଲଣ୍ଡନକୁ ବୋହୂ ଆମେରିକାରେ। ନାତିନାତୁଣୀଟିଏ ଦେଖିବାକୁ ବୁଢ଼ୀମାଉସୀ ଭାରି ଉଦ୍‌ବେଗ। ହେଲେ ଟଙ୍କା ରୋଜଗାରର ବିରତି ମିଳିଲେ ତ! ଇଏ ହେଉଛି ଆଜିର ପାରିବାରିକ ଓ ସାମାଜିକ ଜୀବନ। ଏଠାରେ ଗୋଟିଏ ବାସ୍ତବ ସତ୍ୟ ଉପସ୍ଥାପନ କରୁଛି।

ଏକ ସାମାଜିକ କାମରେ ଆମେ କେତେଜଣ ଘର ଘର ସମ୍ପର୍କ କରୁଥିଲୁ। ଉଦ୍ଦେଶ୍ୟ ଆଜିର ସାମାଜିକ ପରିସ୍ଥିତି ଓ ପାରିବାରିକ ଜୀବନ ସମ୍ବନ୍ଧରେ ଜାଣିବା। ଦେଶ ବିଦେଶକୁ ଯାଇ ଝିଅପୁଅମାନେ ବଡ଼ ଚାକିରି କରୁଥିବା ମା'ବାପାମାନେ କିଭଳି ସୁଖ ସ୍ୱଚ୍ଛନ୍ଦରେ ଅଛନ୍ତି ତାହା ପରଖିବା ଆମର ଇଚ୍ଛା ଥିଲା। ମଜାଦାର କଥା ହେଉଛି ସବୁଠାରୁ ବେକାରିଆ, ଅଳସୁଆ, ଅକାଳକୁଷ୍ମାଣ୍ଡ ଭଳିଅପଶବ୍ଦ ଶୁଣିଥିବା ପିତୃମାତୃ ବୋଲକରା ବନ୍ଧୁ ଜଣେ ଆମ ସାଥିରେ ଥାଆନ୍ତି। ଭଲ ପାଠ ପଢି ସବୁପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ସେହି ମେଧାବୀ ଛାତ୍ର ଜଣକ ନିକଟସ୍ଥ କଲେଜର ଅଧ୍ୟାପକ ଏବଂ ପିତୃ ଚାଷଜମିର ଜଣେ ଚାଷୀ। କେବଳ ମା'ବାପାଙ୍କ ସେବା ଶୁଶ୍ରୂଷା ପାଇଁ ଘର ଛାଡ଼ି ଗଲେନାହିଁ। ସେ ଯାହାହେଉ ଆଜି ଅନେକଙ୍କ ଆଖିରେ ବିଶେଷକରି ଅସହାୟ ବୃଦ୍ଧାବୃଦ୍ଧମାନଙ୍କର। ଆମେ ଯାହା ଦେଖିଲୁ ଅଧିକାଂଶ ଘରେ ରୋଗଣା, ଅସହାୟ, ଅବହେଳିତ ବୃଦ୍ଧାବୃଦ୍ଧ। ସେମାନଙ୍କ ଦୁରାବସ୍ଥା ଦେଖି ଆମେ ମର୍ମାହତ ହେଲୁ। ଟଙ୍କାର ପାହାଡ଼ ଉପରେ ବସିଥିବା ଲୋକମାନେ କିନ୍ତୁ ଖାଇବା ପାଇଁ କିଛି ନାହିଁ। ଘରେ କାମ କରୁଥିବା ମହିଳାଟିର ଦୟା, ଅନୁକମ୍ପାରେ ଯାହା ରୋଷେଇ ହେଉଛି ତାହା ଖାଇବାକୁ ପଡୁଛି। ଯେଉଁ ଦିନ ସେ ଆସିପାରୁନି ପ୍ରାୟତଃ ଭୋକରେ ରହିବାକୁ ପଡ଼େ କିମ୍ବା ଶୁଖିଲା ଖାଦ୍ୟରେ ଚଳିଯାଏ। ମାନେ ଟଙ୍କାର ପ୍ରକୃତ ମୂଲ୍ୟ କେତେ ନଗଣ୍ୟ ସେମାନଙ୍କ ବିକଳ ଅବସ୍ଥା ଦେଖିଲେ ଉପଲବ୍ଧି କରିହେବ। ହେଲେ ବନ୍ଧୁଙ୍କୁ ଦେଖି ଅନେକ ମା'ବାପା କାନ୍ଦିପକାଇଲେ। ଆମେ ଭାଉଥିଲୁ ତୁ ଘରେ ରହି ଭୁଲ୍ କରିଛୁ। କିନ୍ତୁ



ସତ୍ୟ ହେଉଛି ତୋ ମା'ବାପା ପୁଣ୍ୟ କରିଥିଲେ ସେଥିପାଇଁ ପୁଅ ବୋହୂର ସେବା ଓ ନାତିନାତୁଣୀଙ୍କ ଆଦର ଯତ୍ନ ପାଉଛନ୍ତି। ଆଉ ଆମ୍ଭେମାନେ ପାପୀ, ସେଥିପାଇଁ ବୁଢ଼ା ଶାଗୁଣା ଭଳି ପାପର ପ୍ରାୟଶ୍ଚିତ୍ତ କରୁଛୁ। କୋଟି କୋଟି ଟଙ୍କା ରୋଜଗାରର ନିଶା ଆମକୁ ଅନ୍ଧ କରିଥିଲା। ସେଥିପାଇଁ ପିଲାଙ୍କୁ ବିଦେଶବିଦେଶରେ ବଡ଼ ବଡ଼ ଚାକିରି ପାଇଁ ପ୍ରୋତ୍ସାହିତ କରିଥିଲୁ। ସେମାନଙ୍କ ଶୈଶବ ଓ ବାଲ୍ୟଜୀବନକୁ କେବଳ ପାଠ ଘୋଷାରେ ଲଗେଇ ଦେଇଥିଲୁ। ଅଧିକ ରୋଜଗାର ପାଇଁ ପ୍ରତିଯୋଗିତା ଓ ପ୍ରବୃତ୍ତିପାଇଁ ଉସୁକେଇବା ଛଡ଼ା ମୂଲ୍ୟବୋଧ, ଜୀବନାଦର୍ଶ ବା ଭଲ ମଣିଷ ହେବା ପାଇଁ ଦିନେ ମଧ୍ୟ ଚେଷ୍ଟା କରିନୁ।

ତେଣୁ ଆମେ ଏଇ ପରିଣତ ବୟସରେ ନିଃସଙ୍ଗ ଜୀବନ ବିତାଉଛୁ। କେବଳ ସେତିକି ନୁହେଁ ପିଲାମାନେ ମଧ୍ୟ ଟଙ୍କା ପାଇଁ ପାଗଳ। ଜୀବନ ବୋଲି କିଛି ନାହିଁ। ଉଭୟେ ମାସେ ଦୁଇ ମାସରେ ଥରୁଟିଏ ମଧ୍ୟ ଭେଟଘାଟ ନାହିଁ। କି ଜୀବନ! ଅର୍ଥାତ୍ ଟଙ୍କା ଥାଇ କିଛୁ ପେଟପୁରୁନି।

ସବୁକଥା ଶୁଣିବା ଓ ନିଜ ଆଖିରେ ଦେଖିବା ପରେ ଆମେ ଆଶ୍ଚର୍ଯ୍ୟ ପ୍ରକଟ କଲୁ। ଟଙ୍କାଖିଆ ମଣିଷ ଆଜି ଟଙ୍କା ପାଇଁ ସବୁକିଛି ଭୁଲିଯାଉଛି। ନୀତି, ନୈତିକତା, ଆଦର୍ଶ, ସମ୍ପର୍କ ତଥା ପରିବାର ଓ ସମାଜ ପ୍ରତି ଥିବା ଦାୟିତ୍ୱବୋଧ ମଧ୍ୟ ଭୁଲିଯାଉଛି। ଏ ଭଳି ପରିସ୍ଥିତି ଧୀରେ ଧୀରେ ଉତ୍କଟ ରୂପ ନେଉଛି। ତେଣୁ ମା'ବାପାମାନେ ନିଜ ପିଲାମାନଙ୍କୁ ଟଙ୍କା ଖଣି ନ କରି ନିଜର କର୍ତ୍ତବ୍ୟ, ଦାୟିତ୍ୱ ସହ ପରିବାର, ସମାଜ ତଥା ଦେଶ ପ୍ରତି ଥିବା ନାଗରିକବୋଧ ସମ୍ବନ୍ଧରେ ଅବଗତ କରାଇବା ସମୟର ଆହ୍ୱାନ। ହଁ ଏକଥା ମନେରଖିବା ଉଚିତ ଟଙ୍କା ମଣିଷର ଆବଶ୍ୟକତା ପୂରଣ ପାଇଁ ଦରକାର କିନ୍ତୁ ଜୀବନର ଭଲ ଉପଭୋଗ ପାଇଁ ନୁହେଁ। ଟଙ୍କା ଭଲ ପଲଙ୍କ ଓ ଗଦି ଦେଇପାରିବ କିନ୍ତୁ ନିଦ ନୁହେଁ। ଟଙ୍କା ସେବିକା ନିଯୁକ୍ତି ଦେଇପାରେ କିନ୍ତୁ ପୁଅଝିଅ ଭଳି ସେବା ଦେଇପାରିବ ନାହିଁ। ଟଙ୍କା ଦେଇ ଲୋକ କିଣି ହେବ କିନ୍ତୁ ଲୋକ ହେବା ପାଖରେ ଥିବା ପରିବାର ସଦସ୍ୟ ଭଳି ଧୈର୍ଯ୍ୟ, ସାହସ, ସହଯୋଗ ଓ ଭଲ ପାଇବା ଦେଇପାରିବେ ନାହିଁ। ତେଣୁ ଟଙ୍କାଖିଆ ମଣିଷ ବେଳ ଥାଉଁ ସାବଧାନ ହେବା ଦରକାର।

ସହକାରୀ ପ୍ରଫେସର, ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ, ଜୟପୁର, କୋରାପୁଟ
ମୋ: ୯୪୩୭୨୧୪୮୪୮

## ଚିରନ୍ତନୀ

କେନାଲର ଆର ପାଖେ
ତାଳବନ ଫାଁକେ ଫାଁକେ
ଧବଳିତ କାଶବନ ହସଇ
ପ୍ରତୀଚୀର କୋଳେ ରବି ଖସଇ ।
-(ଶରତ-ସନ୍ଧ୍ୟା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରଦୂଷଣ ନିୟନ୍ତ୍ରଣ ସାର୍ଟିଫିକେଟକୁ ଗୁରୁତ୍ୱ

ମହାଶୟ,

ପ୍ରଦୂଷଣ ନିୟନ୍ତ୍ରଣ ସାର୍ଟିଫିକେଟ ହାସଲ ପାଇଁ ସରକାର ଯେଉଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି ତାହା ପ୍ରଶଂସନୀୟ। ଏହାଦ୍ୱାରା ଯାନବାହନଜନିତ ବୃଦ୍ଧି ହେଉଥିବା ପ୍ରଦୂଷଣକୁ ରୋକିବା ଲାଗି ସରକାରଙ୍କ ଲକ୍ଷ୍ୟ ରହିଛନ୍ତି। ପୂର୍ବ ସରକାର ମଧ୍ୟ କିଛି ବର୍ଷ ତଳେ ଏଭଳି ବ୍ୟବସ୍ଥା କରିଥିଲେ। ସେତେବେଳେ ଏହାକୁ ପାଇବା ପାଇଁ ଲୋକେ ଯେମିତି ହାନସ୍ତା ହେଲେ, ଶେଷରେ ସରକାର ବାଧ ହୋଇ ବାରମ୍ବାର ସମୟ ସୀମା ବୃଦ୍ଧି କଲେ। କିନ୍ତୁ ତା' ପରେ ଆଉ ଏହା ଉପରେ ନା ସରକାର ନା ଲୋକେ କେହି ଗୁରୁତ୍ୱ ଦେଲେ ନାହିଁ। ଯାହା ଫଳରେ ପ୍ରଦୂଷଣର ବିଷ ବଢ଼ି ବଢ଼ି ଚାଲିଛି। ଦିଲ୍ଲୀ ପରି ଭୁବନେଶ୍ୱରରେ ମଧ୍ୟ ପ୍ରଦୂଷଣ ସୀମା ଟପିଲାଣି। ଇତିମଧ୍ୟରେ ଅନେକ ବର୍ଷ ବିତିଗଲାଣି ଓ ଯାନବାହନ ସଂଖ୍ୟା ମଧ୍ୟ ବହୁ ଗୁଣରେ ବୃଦ୍ଧି ପାଇଛି। କହିବାର କଥା ହେଉଛି ଏଇ ସାର୍ଟିଫିକେଟ ହାସଲ ପାଇଁ ସରକାର ବିଚାର ବିମର୍ଶ କରି ପଦକ୍ଷେପ ନିଅନ୍ତୁ। ସବୁ ପେଟ୍ରୋଲ ପମ୍ପରେ ଏଥିପାଇଁ ସତନ୍ତ୍ର କର୍ମଚାରୀ ନିଯୁକ୍ତି ଦିଆଯାଉ ଏବଂ ସମୟ ସୀମା ଆଗାମୀ ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ରଖାଯାଉ। ବିଭିନ୍ନ ଗଣମାଧ୍ୟମରେ ଏହାକୁ ବାରମ୍ବାର ପ୍ରଚାର ପ୍ରସାର ପାଇଁ ପଦକ୍ଷେପ ନିଆଯାଉ। ବର୍ତ୍ତମାନ ଯାନବାହନ ସଂଖ୍ୟା ଆଗାମୀ ଫେବୃଆରୀରୁ ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ମାତ୍ରିକ ଓ ଯୁକ୍ତ ୨ ପରୀକ୍ଷା ଚାଲିବ। ବର୍ତ୍ତମାନ ସମସ୍ତେ ଯାନବାହନ ଉପରେ ନିର୍ଭରଶୀଳ। ଲୋକଙ୍କ ସରକାର ଲୋକଙ୍କ ପାଇଁ ବ୍ୟବସ୍ଥାକୁ ସହଜ ସରଳ କରିବାକୁ ପଦକ୍ଷେପ ନିଅନ୍ତୁ।

-ପ୍ରାଧ୍ୟାପକ ଶ୍ରୀକାନ୍ତ ନାୟକ, ଖରସ୍ରୋତା ମହାବିଦ୍ୟାଳୟ, ସିଂହପୁର, ଯାଜପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




# 'ସକାରାତ୍ମକ ଜୀବନ ଜିଇବାରେ ନାଟକର ଭୂମିକା ଗୁରୁତ୍ୱପୂର୍ଣ୍ଣ'

## ସର୍ବଭାରତୀୟ ବହୁଭାଷୀ ନାଟକ ସମାରୋହ ମଠଖାଇ ମହୋତ୍ସବ ଉଦ୍‌ଘାଟିତ

ବଲାଙ୍ଗୀର,୨୫।୧୨(ବୀରେନ୍ଦ୍ର କୁମାର ଝାଙ୍କର)

ସର୍ବଭାରତୀୟ ବହୁଭାଷୀ ନାଟକ ସମାରୋହ ମଠଖାଇ ମହୋତ୍ସବ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ମଠଖାଇ ମହୋତ୍ସବର ଅଧ୍ୟକ୍ଷ ତଥା ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ମୁଖ୍ୟ ଅତିଥି ଭାବେ ସୁବର୍ଣ୍ଣପୁର ଜିଲାପାଳ ଡ. ନୃପରାଜ ସାହୁ, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ନାଟ୍ୟକାର ସନାତନ ଠାକୁର, ମଠଖାଇ ମହୋତ୍ସବ ସଭାପତି ବୀରେନ୍ଦ୍ର ବନ୍ଛୋର, ସମ୍ପାଦକ ଜିତେନ୍ଦ୍ରୀୟ ତ୍ରିପାଠୀ ମଞ୍ଚାସୀନ ଥିଲେ। ମୁଖ୍ୟ ଅତିଥି ଜିଲାପାଳ ଡ. ସାହୁ କହିଛନ୍ତି, ଆମ ସଂସ୍କୃତି କେବେ ମୃତ୍ୟୁ ମାଗେ ନାହିଁ। ସବୁବେଳେ ଜୀବନ ମାଗିଛି। ଜୀବନକୁ ମନଭରି ଭଲ ପାଇଛି। ଜୀବନକୁ ଚିହ୍ନିବାରେ ନାଟକର ଭୂମିକା ଗୁରୁତ୍ୱପୂର୍ଣ୍ଣ। ନାଟକ ଜୀବନକୁ ସକାରାତ୍ମକ କରିବାର ଏକ ପ୍ରମୁଖ ମାର୍ଗ ତିଆରି କରେ। ଜୀବନକୁ ଚିହ୍ନିବାରେ ନାଟକ ମଣିଷକୁ ନିକଟତର କରେ। ଏଣୁ କଳା, ସାହିତ୍ୟ, ସଂସ୍କୃତିର କେବେ ବି ବିଲୁପ୍ତି ନାହିଁ ବୋଲି ସେ କହିଛନ୍ତି। ଅଧ୍ୟକ୍ଷ ନରସିଂହ ମିଶ୍ର ନାଟକ ଜରିଆରେ ସାମାଜିକ ସଚେତନତା, କୁସଂସ୍କାର ଦୂର କରିବା ଏବଂ ଏକ ସଶକ୍ତ ସମାଜ ଗଠନ ଲକ୍ଷ୍ୟ ନେଇ ପ୍ରତିବର୍ଷ ମଠଖାଇ ମହୋତ୍ସବ ବହୁଭାଷୀ ନାଟକ ଜାରି ରଖିଛି ବୋଲି କହିଛନ୍ତି। ଏହି ଅବସରରେ ନାଟକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ନାଟ୍ୟକାର ସନାତନ ଠାକୁରଙ୍କୁ ମର୍ଯ୍ୟାଦାଜନକ ମଠଖାଇ ସମ୍ମାନ ପ୍ରଦାନ କରାଯାଇଥିଲା। ସୁଧାଂଶୁ ଶେଖର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

ସଭା ପ୍ରାରମ୍ଭରେ ବଲାଙ୍ଗୀରର ସାଇସ୍ୱର୍ଣ୍ଣ କଳା ପରିଷଦ ପକ୍ଷରୁ ଲୋକନୃତ୍ୟ ପରିବେଷଣ କରାଯାଇଥିଲା। ସଭା ପରେ ଭୁବନେଶ୍ୱରର ବିଦ୍ୟାକନକ ସୃଜନାନୁଷ୍ଠାନର କଳାକାରମାନେ ବହୁଚର୍ଚ୍ଚିତ ନାଟକ 'ମାଗୁଣିର ଶଗ' ପରିବେଷଣ କରିଥିଲେ। ନବୀନ କୁମାର ପରିଡ଼ାଙ୍କ ନାଟ୍ୟରୂପାନ୍ତର ଏବଂ ଜଗଦୀଶ ପ୍ରସାଦ ମହାରଣାଙ୍କ ନିର୍ଦ୍ଦେଶିତ ଏହି ନାଟକରେ କଳାକାରଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ମୁଗ୍ଧ କରିଥିଲା। ଗୁରୁବାର ମଞ୍ଚକୁ ନାଟ୍ୟକାର ବ୍ରଜବିହାରୀଙ୍କ ସ୍ମୃତିରେ ଏବଂ ଚଳିତବର୍ଷର ମଠଖାଇ ମହୋତ୍ସବକୁ ସ୍ୱର୍ଗତ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ସ୍ମୃତିରେ ଉତ୍ସର୍ଗ କରାଯାଇଛି। ଗୁରୁବାର ସକାଳେ ବଲାଙ୍ଗୀର ସହର ଉପକଣ୍ଠ ମଠଖାଇ ମନ୍ଦିରରୁ ନାଟ୍ୟ ଜ୍ୟୋତି କୋଶଳ କଳା ମଣ୍ଡଳକୁ ଅଣାଯିବା ପରେ ମଠଖାଇ ମହୋତ୍ସବ ଅଧ୍ୟକ୍ଷ ମିଶ୍ର ଏହାକୁ ଗ୍ରହଣ କରିଥିଲେ। ପରେ ସାଂସ୍କୃତିକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା।


କାର୍ଯ୍ୟକ୍ରମରେ ନାଟ୍ୟ ନିର୍ଦ୍ଦେଶକ ସନାତନ ଠାକୁରଙ୍କୁ ମଠଖାଇ ସମ୍ମାନ ପ୍ରଦାନ କରାଯାଉଛି।


ନାଟକ 'ମାଗୁଣିର ଶଗଡ'ର ଏକ ଦୃଶ୍ୟ।

# ବିନା ସୂଚନାଫଳକରେ ପିଚୁରାସ୍ତା ନିର୍ମାଣ

ଲାଠୋର,୨୫।୧୨(ଭୁବନେଶ୍ୱର ବାରିକ)

ସରକାରୀ କାମ କରିବା ପୂର୍ବରୁ ଲୋକଙ୍କୁ ସୂଚନା ଦେବା ପାଇଁ ସୂଚନାଫଳକ ଲଗେଇବା ପରେ କାମ କରିବା ଉଚିତ୍। ହେଲେ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ୍ ବେନ୍ଦେର ପଞ୍ଚାୟତ ସଦର ଗ୍ରାମରେ ପାଟଣାଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମାଣ କରାଯାଇଥିବା ପିଚୁ ରାସ୍ତା ପାଇଁ ସୂଚନାଫଳକ ଲଗାଯାଇ ନ ଥିବା ଅଭିଯୋଗ ହୋଇଛି। ସୂଚନା ଅନୁସାରେ, ବେନ୍ଦେର ଗ୍ରାମରୁ ଭରୁଆମୁଣ୍ଡା ଗ୍ରାମ ପର୍ଯ୍ୟନ୍ତ ପ୍ରାୟ ୨ କିମି ରାସ୍ତା ହେବ। ଦୀର୍ଘ ଦିନରୁ ଏହି ରାସ୍ତା ନିର୍ମାଣ ପାଇଁ ଦାବି ହୋଇ ଆସୁଥିଲା। ଲୋକଙ୍କ ଦାବି ଅନୁସାରେ ପ୍ରାୟ ୮ ଦିନ ହେବ ଉକ୍ତ ରାସ୍ତାକୁ ପିଚୁ କରାଯାଇଛି। ହେଲେ ସୂଚନାଫଳକ ଲଗାଯାଇ ନ ଥିବାରୁ କେତେ ଟଙ୍କା ବ୍ୟୟରେ ଏହି ରାସ୍ତା ନିର୍ମାଣ ହୋଇଛି ଏବଂ କିଏ କରିଛି, ସେ ସମ୍ପର୍କରେ ଜନସାଧାରଣ ଜାଣିପାରୁନାହାନ୍ତି। ଅପରପକ୍ଷେ ରାସ୍ତାକୁ ଭଲ ଭାବରେ ସଫା କରି ମେଶିନ ସାହାଯ୍ୟରେ ଖୋଳି ସମତଳ କରିବା ପରେ ପିଚୁ ପକାଯିବା କଥା। ହେଲେ ରାସ୍ତାକୁ ସମତଳ ନ କରି ତା' ଉପରେ ପିଚୁ ପକାଯାଇଥିବାରୁ ରାସ୍ତାର ସ୍ଥାନେ ସ୍ଥାନେ ଉଚ୍ଚାନିଚ୍ଚା ରହିବା ସହ କେତେକ ଜାଗାରେ ପିଚୁ ପରିମାଣ କମ୍‌ବେଶୀ ହୋଇଛି । ଫଳରେ ରାସ୍ତାର ସ୍ଥାୟୀତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏହାର ତଦନ୍ତ କଲେ ଅନିୟମିତତା ପଦାକୁ ଆସିବ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି। ଏନେଇ ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠଯନ୍ତ୍ରୀ ନବୀନ ବାହାଲ କହିଛନ୍ତି, ୩/୪ ଜାଗାରେ ରାସ୍ତା ନିର୍ମାଣ ହେଉଥିବା ହେତୁ ସୂଚନାଫଳକ ଲଗାଯାଇନାହିଁ। ବେନ୍ଦେରଠାରେ ପ୍ରାୟ ୧୪ ଲକ୍ଷ ଟଙ୍କା ବ୍ୟୟରେ ରାସ୍ତା ନିର୍ମାଣ କରାଯାଇଛି। ଯେଉଁଠି ଠିକାଦାର ଠିକ୍ କାମ କରିନାହାନ୍ତି ସେଠାରେ ଆଉ ଥରେ କାମ କରାଯିବ ବୋଲି ନବୀନ କହିଛନ୍ତି।

## ତଦନ୍ତ ପାଇଁ ଦାବି



# ଜାତୀୟସ୍ତରୀୟ କବାଡ଼ି ପ୍ରତିଯୋଗିତା ପାଇଁ ଚନ୍ଦନ ମନୋନୀତ

ବେଲପଡ଼ା,୨୫।୧୨(ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡ଼ା ବ୍ଲକ୍ ଦିନ ରଘୁ ମେହେର ହାଇସ୍କୁଲର ନବମ ଶ୍ରେଣୀ ଛାତ୍ର ଚନ୍ଦନ ଧରୁଆ ୧୪ବର୍ଷରୁ କମ୍ ଜାତୀୟସ୍ତରୀୟ କବାଡ଼ି ପ୍ରତିଯୋଗିତାରେ ଖେଳିବା ପାଇଁ ମନୋନୀତ ହୋଇଛନ୍ତି। ରାଜ୍ୟସ୍ତରରୁ ୧୨ ଜଣ ଖେଳାଳିଙ୍କୁ ମନୋନୀତ କରାଯାଇଥିଲାବେଳେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପତ୍ରସଂଖ୍ୟା ୩୩୧୬୬/୨୪।୧୨।୨୫ରେ ଚନ୍ଦନଙ୍କୁ ଷଷ୍ଠ ସ୍ଥାନରେ ମନୋନୀତ କରାଯାଇଥିବା ଜଣାପଡ଼ିଛି। ଏହାକୁ ନେଇ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ଚନ୍ଦନଙ୍କ ସଫଳତା ପାଇଁ ବ୍ଲକ୍ ଶିକ୍ଷାଧିକାରୀ ଅଭିନବ ମିଶ୍ର, ନୋଡାଲ ସ୍କୁଲ ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ପଣ୍ଡା, ବ୍ଲକ୍ କ୍ରୀଡ଼ା ସମ୍ପାଦକ ପ୍ରମୋଦ ଠାକୁରଙ୍କ ସମେତ ଅନ୍ୟମାନେ ଶୁଭେଚ୍ଛା ଜଣାଇଛନ୍ତି। ଏହି ପ୍ରତିଯୋଗିତାରେ ଖେଳିବା ପାଇଁ ଚନ୍ଦନ ଆସନ୍ତା ଜାନୁଆରୀ ୫ରେ ଛତିଶଗଡ଼ର ଦୁର୍ଗକୁ ଯିବେ ବୋଲି କ୍ରୀଡ଼ା ସମ୍ପାଦକ ପ୍ରମୋଦ ଠାକୁର କହିଛନ୍ତି। ସୂଚନାଯୋଗ୍ୟ, ଗତ ନଭେମ୍ବର ୧୭,୧୮,୧୯ରେ ଗଣଶିକ୍ଷା ବିଭାଗ ଦ୍ୱାରା ସୁନ୍ଦରଗଡ଼ରେ ରାଜ୍ୟସ୍ତରୀୟ ଖେଳାଳି ଚୟନ କରାଯାଇଥିଲା। ଏଥିରେ ଚନ୍ଦନ ବଲାଙ୍ଗୀର ଜିଲାରୁ ମନୋନୀତ ହୋଇଛନ୍ତି।



# ସାଇ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ

ବେଲପଡ଼ା,୨୫।୧୨ (ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡ଼ାର ସାଇ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପବ୍ଲିକ ସ୍କୁଲର ପ୍ରିନ୍ସିପାଲ ମନୋରମା ପୁଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବେଲପଡ଼ା ପିଏସ୍ କଲେଜର ପ୍ରିନ୍ସପାଲ ସୁରେଶ ଚନ୍ଦ୍ର ମେହେର, ସମ୍ମାନିତ ଅତିଥି ଭାବେ ଡା. ଆକାଶ ପୁଟେଲ, ସ୍କୁଲ ଚେୟାରମ୍ୟାନ୍ ସ୍ୱାଗତିକା ମହାଖୁଡ, ସମ୍ପାଦକ ଶିବବ୍ରତ ମହାଖୁଡ, ମୁଖ୍ୟବକ୍ତା ଭାବରେ ସୁଦାମ ଚରଣ ମହାପାତ୍ର ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳା ଓ ଶିଷ୍ଟାଚାର ଉପରେ ଗୁରୁତ୍ୱ ଦେବା ଶିକ୍ଷକ ଓ ଅଭିଭାବକଙ୍କ ଗୁରୁଦାୟିତ୍ୱ ରହିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶିକ୍ଷୟିତ୍ରୀ ବିନତି ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଅପରାଜିତା ଗୋସ୍ୱାମୀଙ୍କ ପରିଚାଳନାରେ ବିଦ୍ୟାଳୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କୁସମାଞ୍ଜଳି ପଟେଲ, ଆରତି ମିଶ୍ର, ମେଡ଼ମ ବଗର୍ତ୍ତି, ଧନେଶ୍ୱରି ବିଶି, ନନ୍ଦିନୀ ଶେଠ, ବବୁଲୁ ପଟେଲ, ମଳୟ ମେହେର, ଶ୍ରାବନ୍ତ ସେଠ ଓ ଅନ୍ୟ କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ଶ୍ରୀକୃଷ୍ଣା ଖମାରୀ ଧନ୍ୟବାଦ ଦେଇଥିଲେ।










# ନୀତି ଓ ନୈତିକତାର ରାଜନୀତି କରୁଥିଲେ ବାଜପେୟୀ

ବୀରମହାରାଜପୁର,୨୫।୧୨(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କଲ୍ୟାଣ ମଣ୍ଡପଠାରେ ଗୁରୁବାର ପୂର୍ବାହ୍ନ ୧୧ଟା ୩୦ରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ତଥା ସୁଶାସନ ଦିବସ ପାଳିତ ହୋଇଯାଇଛି। ସୁବର୍ଣ୍ଣପୁର ଜିଲା ଭାଜପା ସଭାପତି ବେଣୁଧର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ତୈଳଚିତ୍ର ପାଖରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ବନ୍ଦେ ମାତରଂ ଗାନ କରାଯାଇଥିଲା। ଏହା ପରେ ସ୍ମୃତିଚାରଣ କାର୍ଯ୍ୟକ୍ରମରେ ବରିଷ୍ଠ ଭାଜପା ନେତା ଅଶୋକ କୁମାର ପୂଝାରୀ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବରେ ସୁବର୍ଣ୍ଣପୁର ଜିଲା ଅଟଳ ସ୍ମୃତି କମିଟିର ଜିଲା ସଂଯୋଜକ ତଥା ବିନିକା ଏନଏସିର ଚେୟାରମେନ ଉତ୍ସ କୁମାର କର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ତଥା ପୂର୍ବତନ ଜିଲା ପରିଷଦ ଅଧକ୍ଷା ଉଷା କୁମାରୀ, ପୂର୍ବତନ ଜିଲା ସଭାପତି ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଜୟ କୁମାର ମହାକୁଡ଼, ଏମ୍‌ପି ନମିନି



ବୀରମହାରାଜପୁରରେ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ସମାରୋହରେ ମଞ୍ଚାସୀନ ଅତିଥି।

**ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ**

ନଳିନୀ ପଣ୍ଡା, ଜିଲାର ୨ ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ବିଶି, ସୁକାନ୍ତ ସାହୁ ପ୍ରମୁଖ ମଞ୍ଚାସୀନ ହୋଇ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀ ଜଣେ ପ୍ରଖର ରାଜନେତା, ଶ୍ରେଷ୍ଠ କୁଟନୈତିଜ୍ଞ, ଜଣେ ସାଲିସ ବିହିନ ରାଜନେତା ଥିଲେ। ସେ କ୍ଷମତା ପଛରେ ନ ଦୌଡି ନୀତି ଓ ନୈତିକତା ରାଜନୀତି କରୁଥିଲେ। ଫଳରେ ସାରା ବିଶ୍ୱରେ ତାଙ୍କର ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇପାରିଛି। ଏଣୁ ତାଙ୍କର ଜନ୍ମ ଶତବାର୍ଷିକୀକୁ ସୁଶାସନ ଦିବସ ଭାବରେ ଆଜି ସାରା ଦେଶ ପାଳନ କରୁଛି ବୋଲି ବକ୍ତାମାନେ କହିଥିଲେ। କାର୍ଯ୍ୟକ୍ରମକୁ ଜିଲା ଭାଜପା ସାଧାରଣ ସମ୍ପାଦକ ବିଶ୍ୱମ୍ଭର ମିଶ୍ର ସଂଯୋଜନା କରିଥିବାବେଳେ ସୁକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ଭାଜପା ସମ୍ପାଦିକା ରିତାଞ୍ଜଳୀ ପଧାନ, ରାଜେଶ୍ୱରୀ ସାହୁ, ଜିଲା ଏସସି ମୋର୍ଚ୍ଚା ସଭାପତି ସୁମନ୍ତ ଜଗଦଲା, ଜିଲା ଭାଜପା ଉପସଭାପତି ସତ୍ୟବ୍ରତ ମିଶ୍ର, ମେଟାକାନି ମଣ୍ଡଳ ସଭାପତି ମୁକ୍ତ ବାଘ, ସୁବଳୟା ମଣ୍ଡଳ ସଭାପତି ଅଶୋକ ସାହୁ, ଧର୍ମଶାଳା ମଣ୍ଡଳ ସଭାପତି ବିଶ୍ୱମ୍ଭର ମହାପାତ୍ର, ବୀରମହାରାଜପୁର ମଣ୍ଡଳ ସମ୍ପାଦକ ରମେଶ କୁମାର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଜାତୀୟ ସଙ୍ଗୀତ ଗାନ ପରେ ସଭା ସାଙ୍ଗ କରାଯାଇଥିଲା।

# ନ୍ୟାୟପାଳିକା ଏକାଦଶ ବିଜୟୀ

## ଓକିଲ ସଂଘ, ନ୍ୟାୟପାଳିକା କର୍ମଚାରୀଙ୍କ ମଧ୍ୟରେ କ୍ରିକେଟ ମ୍ୟାଚ

ସୋନପୁର,୨୫।୧୨(ମୃତ୍ୟୁଞ୍ଜୟ ଶତପଥୀ)

ସୋନପୁର କଲେଜ ପଡ଼ିଆଠାରେ ସୁବର୍ଣ୍ଣପୁର ଜିଲା ଓକିଲ ସଂଘ ଏକାଦଶ ଓ ଜିଲା ନ୍ୟାୟପାଳିକା କର୍ମଚାରୀ ଏକାଦଶ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନ୍ୟାୟପାଳିକା ଏକାଦଶ ୯୧ ରନରେ ଜିଲା ଓକିଲ ସଂଘ ଏକାଦଶକୁ ପରାସ୍ତ କରି ବିଜୟୀ ହୋଇଛି। ମ୍ୟାଚରେ ଅଧିକ ରନ ଓ ପ୍ରଭାବଶାଳୀ ପ୍ରଦର୍ଶନ ପାଇଁ ନ୍ୟାୟପାଳିକା ଏକାଦଶର ତ୍ରିଦେବ କୁମାର ମିଶ୍ରଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଛି। ପ୍ରଥମେ ବ୍ୟାଟିଂ କରିଥିବା ନ୍ୟାୟପାଳିକା ଏକାଦଶ ନିର୍ଦ୍ଧାରିତ ୧୫ ଓଭରରେ ୧୬୯ ରନ ସଂଗ୍ରହ କରିଥିଲା। ଜବାବରେ ଜିଲା ଓକିଲ ସଂଘ ଏକାଦଶ ୭୮ ରନରେ ଅଲ ଆଉଟ ହୋଇଥିଲା। ଏହି ମ୍ୟାଚ ଜିଲାର ଓକିଲ ସଂଘ ସଦସ୍ୟ, ନ୍ୟାୟପାଳିକା କର୍ମଚାରୀଙ୍କ ମଧ୍ୟରେ ବନ୍ଧୁତ୍ୱ ଓ ଖେଳପ୍ରୀତିର ଭାବନା ବଢ଼ାଇଛି। ସୁବର୍ଣ୍ଣପୁର ଜିଲାପାଳ ଡ. ନୃପରାଜ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମ୍ୟାଚକୁ ଉଦ୍‌ଘାଟନ



ଆଇନଜୀବୀ ଏକାଦଶ ଖେଳାଳିଙ୍କ ସହିତ ଜିଲାପାଳ ପରିଚିତ ହେଉଛନ୍ତି।

କରିଥିଲେ। ଶରୀର ଓ ମାନସିକ ସୁସ୍ଥତା ପାଇଁ ଏଭଳି ମ୍ୟାଚ ନିୟମିତ ଭାବେ ଆୟୋଜନ ସକାଶେ ସେ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ବିଶ୍ୱ ବିଶ୍ରୁତ କର, ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଦେବାଶିଷ ଦାଶ, ଜିଲା ଓକିଲ ସଂଘ ସଭାପତି ପ୍ରତାପ ପୁରୋହିତ ଓ ସମ୍ପାଦକ ଗଦାଧର ନେଗି ଯୋଗ ଦେଇଥିଲେ। ଅମ୍ପାୟାର୍ ଭାବରେ ଜୟ ନାରାୟଣ ମେଣ୍ଡାଲି ଓ ଶ୍ରୀବନ୍ତ ନାୟକ ମ୍ୟାଚ ପରିଚାଳନା କରିଥିଲେ।

# ଅଟଳଜୀ ଥିଲେ ସୁଶାସନର ମୂର୍ତ୍ତିମନ୍ତ ପ୍ରତୀକ

ସୋନପୁର,୨୫।୧୨(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁରରେ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ ତମ ଜିଲାସ୍ତରୀୟ ଜୟନ୍ତୀ ତଥା ସୁଶାସନ ଦିବସ ଗୁରୁବାର ପାଳିତ ହୋଇଯାଇଛି। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବରେ ସୁବର୍ଣ୍ଣପୁର ଜିଲାପାଳ ଡ. ନୃପରାଜ ସାହୁ ଯୋଗଦାନ କରି ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଥିଲେ ସୁଶାସନର



ସୁଶାସନ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି ବୃନ୍ଦ।

ମୂର୍ତ୍ତିମନ୍ତ ପ୍ରତୀକ ବୋଲି କହିଥିଲେ । ଦେଶର ଭିତ୍ତିଭୂମି ବିକାଶ, ଶିକ୍ଷା ଓ ସ୍ୱାସ୍ଥ୍ୟସେବାର ଉନ୍ନତି, ଜାତୀୟ ରାଜପଥର ବିକାଶ ପାଇଁ ସ୍ୱର୍ଣ୍ଣ ଚତୁର୍ଭୁଜ ଯୋଜନା, ଗ୍ରାମାଞ୍ଚଳକୁ ଉନ୍ନତ ରାସ୍ତା ପାଇଁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଆରମ୍ଭ କରିଥିବା କହି ଜିଲାପାଳ ତାଙ୍କ ସ୍ମୃତିଚାରଣ କରିଥିଲେ। ସମ୍ମାନିତ ଅତିଥି ଭାବେ ସୁବର୍ଣ୍ଣପୁର ଆରକ୍ଷୀ ଅଧୀକ୍ଷକ ନାରାୟଣ ନାୟକ ଯୋଗଦେଇ ଅଟଳଜୀଙ୍କ ସୁଶାସନ ମନ୍ତ୍ର ହିଁ ତାଙ୍କୁ ସବୁଦିନ ଅମର କରି ରଖିବ ବୋଲି କହିଥିଲେ । ଅତିରିକ୍ତ ଜିଲାପାଳ(ରାଜସ୍ୱ) ରାଜେନ୍ଦ୍ର ମାଝୀ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ ଜ୍ୟୋତି ରଞ୍ଜନ ବହିଦାର ଯୋଗଦାନ କରି ବାଜପେୟୀ ଜଣେ ସାଧାରଣ ପରିବାରରେ ଜନ୍ମ ଗ୍ରହଣ କରିଥିଲେ ମଧ୍ୟ ତାଙ୍କର ନିଷ୍ଠା, କର୍ମ ଓ ରାଷ୍ଟ୍ରପ୍ରେମ ତାଙ୍କୁ ଲୋକପ୍ରିୟତାର ଶୀର୍ଷରେ ପହଞ୍ଚାଇ ଥିଲା ବୋଲି ମତପ୍ରକାଶ କରିଥିଲେ। ସହରର ବୁଦ୍ଧିଜୀବୀ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ର ଆଲୋଚନାରେ ଅଂଶଗ୍ରହଣ କରି ସୁଶାସନ ଦିବସ ଉପରେ ମତ ରଖିଥିଲେ । ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅର୍ଜୁନ ମାଝୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରୀତି ସୁନା ଧନ୍ୟବାଦ ପ୍ରଦାନ କରିଥିଲେ।






# ଓଢ଼ଣି ଲଗାଇ ଯୁବତୀଙ୍କ ଆତ୍ମହତ୍ୟା

ତରଭା, ୨୫।୧୨(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ସହର ବନ୍ଧପଡାର ଦିଲ୍ଲୀପ ମହଲାଙ୍କ ଶିକ୍ଷିତା ଅବିବାହିତା ଝିଅ (୨୮) ଗୁରୁବାର ମଧ୍ୟାହ୍ନରେ କୌଣସି କାରଣରୁ ଘରେ ଏକାକୀ ଥିବା ସମୟରେ ନିଜର ଓଢଣୀରେ ନିଜ ଘରେ ଝୁଲି ପଡିଥିଲେ। କିଛି ସମୟ ପରେ ଘରେ ପହଞ୍ଚି ପରିବାର ଲୋକେ ଏହାଦେଖି ତାଙ୍କୁ ଉଦ୍ଧାର କରି ସଙ୍ଗେ ସଙ୍ଗେ ତରଭା ଡାକ୍ତରଖାନାକୁ ନେଇଥିଲେ। ଡାକ୍ତର ତାଙ୍କୁ ପରୀକ୍ଷା କରି ମୃତ ଘୋଷଣା କରିଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଆବଶ୍ୟକ ତଦନ୍ତ କରି ଡାକ୍ତରଖାନାରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାଯାଇଛି। ତରଭା ଥାନାରେ ଏନେଇ ଏକ ଅପମୃତ୍ୟୁ ମାମଲା (ନଂ. ୮/୨୦୨୫) ରୁଜୁ ହୋଇଛି। ଏଏସଆଇ ସୁଧିର ଜେନା ଘଟଣାର ତଦନ୍ତ କରୁଛନ୍ତି। ଆତ୍ମହତ୍ୟାର କାରଣ ଜଣାପଡ଼ିନାହିଁ।







# ସୀମାନ୍ତ ଗାଁରେ ଜମିଲାଣି ଜୁଆଆଡ୍ଡା

- ଘୁଡ୍ଡୁଘୁଡ୍ଡୁପଟ୍ଟି ଓ କୁକୁଡ଼ା ଲଢ଼େଇରେ ବହୁ କୋଟି ଟଙ୍କା ବାଜି
- କ୍ଷତିଗ୍ରସ୍ତ ହେଉଛନ୍ତି ଗ୍ରାମୀଣ ଜନତା

ରାଉରକେଲା, ୨୫।୧୨(ସଙ୍ଗୀତା ଜେନା)

ଆଉ ୫ ଦିନ ପରେ ନୂଆବର୍ଷ। ନବବର୍ଷ ଆଗମନକୁ ନେଇ ଲୋକେ ମନାଉଥିବାବେଳେ ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ ଗ୍ରାମଗୁଡ଼ିକରେ ଜୁଆ ଆସର ଆରମ୍ଭ ହୋଇଗଲାଣି। ଡିସେମ୍ବର ୨୪ତାରିଖରୁ ଉକ୍ତ ଗ୍ରାମଗୁଡ଼ିକରେ ବ୍ୟାପକ ଭାବେ ଘୁଡ୍ଡୁଘୁଡ୍ଡୁପଟ୍ଟି, କୁକୁଡ଼ା ଲଢ଼େଇ ଓ ଜୁଆ ଖେଳ ଆରମ୍ଭ ହୋଇଯାଇଛି। ଏଥିରେ କୋଟି କୋଟି ଟଙ୍କା ବେପାର ହେଉଥିବା ବେଳେ ସାଧାରଣ ଲୋକେ ଆର୍ଥିକ କ୍ଷତିଗ୍ରସ୍ତ ହେଉଛନ୍ତି। ନିକଟ ଅତୀତରେ ରାଉରକେଲା ପୋଲିସ ଜିଲା ପକ୍ଷରୁ ସହର ଓ ପାରିପାର୍ଶ୍ୱିକ ଅଞ୍ଚଳରେ ଅପରାଧ ନିୟନ୍ତ୍ରଣ କରିବା ପାଇଁ ସିସିଟିଭି ଓ ବାଇକ୍ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଫଳରେ ପୋଲିସ ଜିଲାକୁ ଅପରାଧ ଶୂନ୍ୟ କରିବାକୁ ପ୍ରୟାସ କରାଯାଉଛି ବୋଲି ପୋଲିସ କହୁଛି। ହେଲେ ଏପରି କୋଟି କୋଟି ଟଙ୍କାର ବେଆଇନ ଜୁଆଖେଳ ଉପରେ ଅଙ୍କୁଶ ଲଗାଇବାରେ ପୋଲିସ ବିଫଳ ହୋଇଥିବା ଚର୍ଚ୍ଚା ହେଉଛି। ଅପରପକ୍ଷେ ଏହି ଘଟଣାରେ ପୋଲିସ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ପ୍ରତିଶ୍ରୁତି ଦେଇଛି।

ସୂଚନା ଅନୁଯାୟୀ, ବିଶ୍ରା ବ୍ଲକ ବନ୍ଧମୁଣ୍ଡା ସମେତ ସୀମାନ୍ତ ୨୦ରୁ ଊର୍ଦ୍ଧ୍ୱ ଗ୍ରାମରେ ଏପରି ଜୁଆଆଡ୍ଡା ଚାଲିଛି। ଜଙ୍ଗଲ ଘେରା ଗ୍ରାମଗୁଡ଼ିକରେ ଲୋକେ ଦଳ ଦଳ ହୋଇ ଜୁଆଖେଳରେ ଅଂଶଗ୍ରହଣ କରୁଛନ୍ତି। କୁକୁଡ଼ା ଲଢ଼େଇ, ଘୁଡ୍ଡୁଘୁଡ୍ଡୁପଟ୍ଟି ଭଳି ଖେଳରେ ଲୋକେ କୋଟି କୋଟି ଟଙ୍କା ବାଜି ଲଗାଉଛନ୍ତି। ସ୍ଥାନୀୟ ଲୋକଙ୍କ ସୂଚନା ଅନୁଯାୟୀ, ବର୍ଷର ବିଶେଷ ଦିନ ଯଥା ହୋଲି, ଦୀପାବଳି, ଦୁର୍ଗାପୂଜା, ଅଗଷ୍ଟ ୧୫, ଜାନୁଆରୀ ୨୬ ଭଳି ଦିନମାନଙ୍କରେ ଏପରି ବେଆଇନ ଜୁଆଖେଳ ଆୟୋଜନ କରାଯାଉଛି। ଏହି ବେଆଇନ ଧନ୍ଦା ଜାରି ରଖିଥିବାକୁ ବିଭିନ୍ନ ସ୍ତରରେ ଆୟୋଜକମାନେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ସୁରକ୍ଷା ନେଉଛନ୍ତି। ଏଥିରେ ନିଶା କାରବାର ମଧ୍ୟ ବୃଦ୍ଧି ପାଉଛି। ଲୋକେ ପର୍ବ ଆଳରେ ଜମାପୁଞ୍ଜିକୁ ଖର୍ଚ୍ଚ କରି ସର୍ବସ୍ୱାନ୍ତ ହେଉଛନ୍ତି। ଏହି ଜୁଆରେ ଯୁବଗୋଷ୍ଠୀ ଅଧିକ ଅଂଶଗ୍ରହଣ କରୁଥିବା ପରିଲକ୍ଷିତ ହେଉଛି। ଜୁଆ ଖେଳିବା ପାଇଁ ଯୁବକମାନେ ଅପରାଧ କରିବାକୁ ମଧ୍ୟ ପଶ୍ଚାତ୍‌ପଦ ହେଉନାହାନ୍ତି। ସେମାନେ ଋଣ, କରଜ କରି ଜୁଆ ଖେଳିଥିବାବେଳେ ଏହାକୁ ଶୁଝିବା ପାଇଁ ଚୋରି, ଛିନ୍‌ତାଇ କରୁଛନ୍ତି। ଫଳରେ କିଛି ସମୟ ମନୋରଞ୍ଜନ ପାଇଁ ଅନେକ ଜୀବନ ନଷ୍ଟ ହେଉଛି। ତେବେ ବିଶେଷ ଦିନମାନଙ୍କରେ ପୋଲିସ ଅଧିକ ସକ୍ରିୟ ହେବା ଉଚିତ। ନିରନ୍ତର ପାଟ୍ରୋଲିଂ ଓ ଗୁଇନ୍ଦା ବ୍ୟବସ୍ଥା ସୁଦୃଢ଼ କରାଯିବା ଦରକାର ବୋଲି ସ୍ଥାନୀୟ ଲୋକେ ମତ ଦେଇଛନ୍ତି। ଏ ସମ୍ପର୍କରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟଙ୍କୁ ପଚରାଯିବାରୁ ପୋଲିସ କାର୍ଯ୍ୟାନୁଷ୍ଠାନ କରାଯାଉଛି ବୋଲି କହିଥିଲେ।



ବିଶ୍ରା ବ୍ଲକର ଏକ ସ୍ଥାନରେ ଜୁଆ ଆସର ଜମିଛି।

# ମୌସୁମୀ ପ୍ରସ୍ତୁତି ଯୋଜନା ପୁସ୍ତିକା ଉନ୍ମୋଚିତ

ରାଉରକେଲା, ୨୫।୧୨(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ଖଣି ବିଭାଗ ସମ୍ମିଳନୀ କକ୍ଷରେ ସୋମବାର ଆୟୋଜିତ ଏକ କାର୍ଯ୍ୟକ୍ରମରେ ଓଡ଼ିଶା ଖଣି ସମୂହ ସିଏମ୍‌ଏଲ୍‌ଓ ପାଇଁ ମୌସୁମୀ ପ୍ରସ୍ତୁତି ଯୋଜନା ଉପରେ ଏକ ବିସ୍ତୃତ ପୁସ୍ତିକା ଉନ୍ମୋଚିତ ହୋଇଯାଇଛି। ସାମଗ୍ରୀ ପରିଚାଳନା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର, ଓଡିଶା ଖଣି ସମୂହ ସିଏମ୍‌ଏଲ୍‌ଓ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ୍.ପି ସିଂହ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲଚୌଧୁରୀ ଏବଂ ବିତ୍ତ ଓ ଲେଖା ବିଭାଗ ସିଜିଏମ୍ ରାଜେଶ ଦାଶଗୁପ୍ତା ଏହି ପତ୍ରିକାକୁ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ଖଣି ପ୍ରକଳ୍ପ ସିଏମ୍‌ଏଲଓ ବିଭାଗର ସିଜିଏମ୍ ଆନନ୍ଦ କୁମାର, ଖଣି ଆର୍‌ପିଏଣ୍ଡ୍‌ଇ ବିଭାଗର ସିଜିଏମ୍ ଜୟଦେବ ଚଟ୍ଟୋପାଧ୍ୟାୟ ଏବଂ କାରଖାନାର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ରହିଥିଲେ। ସମାବେଶକୁ ସମ୍ବୋଧିତ କରି ବରିଷ୍ଠ ଅଧିକାରୀମାନେ ପୁସ୍ତିକାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏଥିସହ ଖଣି କାର୍ଯ୍ୟକୁ ଉନ୍ନତ କରିବା ଓ ମୌସୁମୀ ସମ୍ବନ୍ଧୀୟ ବିପଦକୁ କମ୍ କରିବା ପାଇଁ ନିର୍ଦ୍ଧାରିତ ନିର୍ଦ୍ଦେଶାବଳୀକୁ କଡାକଡି ପାଳନ କରିବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ। ଏହି ପୁସ୍ତକଟି ଖଣି ଅଞ୍ଚଳରେ ଆହ୍ୱାନମୂଳକ ମୌସୁମୀ ଋତୁରେ ନିରାପଦ, ଦକ୍ଷ ଏବଂ ସ୍ଥାୟୀ ଖଣି କାର୍ଯ୍ୟକୁ ସୁନିଶ୍ଚିତ କରିବାକୁ ଲକ୍ଷ୍ୟ ରଖିଛି। ପ୍ରଥମଥର ପାଇଁ କାର୍ଯ୍ୟକ୍ଷମ ପ୍ରସ୍ତୁତି, ସ୍ଥାନ-ନିର୍ଦ୍ଦିଷ୍ଟ ସର୍ବୋତ୍ତମ ଅଭ୍ୟାସ ଏବଂ ଅଭିନବ ସମାଧାନର ପ୍ରମୁଖ ଦିଗଗୁଡିକୁ ଗୋଟିଏ ଦସ୍ତାବିଜ୍‌ରେ ଏକୀକୃତ କରାଯାଇଛି। ଏହି ପଦକ୍ଷେପ ମୌସୁମୀ ସମ୍ବନ୍ଧୀୟ ଚ୍ୟାଲେଞ୍ଜକୁ ଗ୍ରାସ କରିବା ପାଇଁ ବ୍ୟବସ୍ଥିତ ଯୋଜନା, ଆଧୁନିକ ପ୍ରଯୁକ୍ତିବିଦ୍ୟା ସମ୍ପନ୍ନ ଏବଂ ପରିବେଶଗତ ଭାବେ ଦାୟୀ ଅଭ୍ୟାସଗୁଡିକୁ ପ୍ରତିଫଳିତ କରେ। ଏହି ପୁସ୍ତିକା ଖଣି ବୃତ୍ତିଧାରୀ, ଇଞ୍ଜିନିୟର, ସୁରକ୍ଷା କର୍ମଚାରୀ ଏବଂ କ୍ଷେତ୍ର ଦଳଗୁଡିକର ସାମୂହିକ ପ୍ରୟାସକୁ ମଧ୍ୟ ପ୍ରଦର୍ଶନ କରେ। ଏହା ସମ୍ମୁଖିନ ହେଉଥିବା ଆହ୍ୱାନ, କାର୍ଯ୍ୟକାରୀ ହେଉଥିବା ପ୍ରଶମନ ପଦକ୍ଷେପ ଏବଂ ମୂଲ୍ୟବାନ ଶିକ୍ଷାକୁ ଏକୀକୃତ କରି ଏକ ବ୍ୟବହାରିକ ସନ୍ଦର୍ଭ ଭାବେ କାର୍ଯ୍ୟ କରୁଛି ଯାହାଦ୍ୱାରା ନିରନ୍ତର ଉନ୍ନତିକୁ ପ୍ରୋତ୍ସାହିତ କରାଯାଇପାରିବ। ଏହି ପୁସ୍ତିକା ବରିଷ୍ଠ ପରିଚାଳନାଠାରୁ ଆରମ୍ଭ କରି କ୍ଷେତ୍ର ଅପରେଟର ପର୍ଯ୍ୟନ୍ତ ସମସ୍ତ ସ୍ତରରେ ଖଣି ବୃତ୍ତିଗତଙ୍କ ପାଇଁ ଏକ ଉପଯୋଗୀ ମାର୍ଗଦର୍ଶିକା ହେବ ବୋଲି ଆଶା କରାଯାଉଛି ଏବଂ ମୌସୁମୀ ଋତୁରେ ପ୍ରସ୍ତୁତି, ସ୍ଥିରତା ଏବଂ କାର୍ଯ୍ୟକ୍ଷମ ନିରନ୍ତରତାକୁ ଆହୁରି ସୁଦୃଢ଼ କରିବ ବୋଲି କୁହାଯାଇଛି।



ଅତିଥିମାନେ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

ବହୁଭାଷୀ ନାଟକ ଓ ନୃତ୍ୟ ମହୋତ୍ସବର ଷଷ୍ଠ ସନ୍ଧ୍ୟା

# ନାଟକ 'ବିରଳ ତପସ୍ୱୀ'ରେ ବିରାଡ଼ି, ମୂଷା କାହାଣୀ

ରାଉରକେଲା, ୨୫।୧୨(ଦିନେଶ ମିଶ୍ର)

ରାଉରକେଲା ସେକ୍ଟର-୧୯ସ୍ଥିତ ସିଭିକ୍‌ସେଣ୍ଟର ପରିସରରେ ସ୍ପନ୍ଦନ ଆୟୋଜିତ ୩୬ତମ ସର୍ବଭାରତୀୟ ବହୁଭାଷୀ ନାଟକ ଓ ନୃତ୍ୟ ମହୋତ୍ସବର ଗୁରୁବାର ଷଷ୍ଠ ସନ୍ଧ୍ୟାରେ ଆସାମ ସାରସା ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ଅହମିଆଁ ଭାଷାର ନାଟକ 'ବିରଳ ତପସ୍ୱୀ' ମଞ୍ଚସ୍ଥ ହୋଇଛି। ଗୋଟିଏ ବିରାଡି ଓ ମୂଷାର କାହାଣୀକୁ ନେଇ ଏହି ନାଟକ ଗତିଶୀଳ ହୋଇଥିଲା। ଶୋଷିତ ବର୍ଗ ମୂଷା ସଦୃଶ ସର୍ବଦା ନିଜ ବୃଦ୍ଧି ଓ ବିବେକ ବଳରେ ଶୋଷକ ଗୋଷ୍ଠୀକୁ ଉଚିତ ଜବାବ ଦେବା ପାଇଁ ପ୍ରସ୍ତୁତ ରହିବା ଆବଶ୍ୟକ ବୋଲି ଏହି କାହାଣୀ ମାଧ୍ୟମରେ ସମାଜକୁ ବାର୍ତ୍ତା ଦିଆଯାଇଛି। ଅସିତ କୁମାର ନାଥ ନିର୍ଦ୍ଦେଶନା ଦେଇଥିବାବେଳେ ରାଜଦୀପ ଦତ୍ତ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ଶେଷରେ ନାଟ୍ୟକାର ଅମୀମ କୁମାର ଦତ୍ତଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ସ୍ପନ୍ଦନର ସଦସ୍ୟା ଝିଲିମା ମହାନ୍ତି, କ୍ଷୀରୋଦ ବାଡ଼ତ୍ୟା, ଶିଶିର ମୁଦାଲି, ରମେଶ ଗୌଡ, ଅମୂଲ୍ୟ ବେହେରା, କ୍ରିଷ୍ଣା ସିଂ, ସୁଦୀଶ ମିଶ୍ର, ରାଜେଶ ବେହେରା ପ୍ରମୁଖ ସହଯୋଗ କରିଥିଲେ।



ପରିବେଷିତ ନାଟକର ଏକ ଦୃଶ୍ୟ।

# ଷଣ୍ଢ ଆକ୍ରମଣରେ ଦୋକାନୀ ମୃତ

ରାଉରକେଲା, ୨୫।୧୨(ସଙ୍ଗୀତା ଜେନା)

ଟାଙ୍ଗରପାଲୀ ଥାନା ଅନ୍ତର୍ଗତ ଆଇଡିଏଲ୍ ବ୍ରିଜ ନିକଟରେ ଷଣ୍ଢ ଆକ୍ରମଣରେ ଜଣେ ଦୋକାନୀ ଗୁରୁତର ହୋଇ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ବୁଧବାର ରାତିରେ ତାଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ସମୀର ବାରିକ। ଗୁରୁବାର ପୋଲିସ ଏ ନେଇ ଏକ ମାମଲା (ନଂ.୨୬/୨୫) ରୁଜୁ କରିଛି। ମୃତକଙ୍କ ପୁତୁରା ନିରଞ୍ଜନ ବାରିକଙ୍କ ଏତଲା ଅନୁସାରେ, ଗତ ୨୧ତାରିଖରେ ସମୀର ଆଇଡିଏଲ୍‌ରୁ ଗଞ୍ଜୁ ମାର୍କେଟସ୍ଥିତ ନିଜ ଘରକୁ ଫେରୁଥିଲେ। ଏହି ସମୟରେ ଆଇଡିଏଲ୍ ବ୍ରିଜ ନିକଟରେ ୨ଟି ଷଣ୍ଢ ଲଢ଼େଇ କରୁଥିଲେ। ଗୋଟିଏ ଷଣ୍ଢ ହଠାତ୍ ସମୀରଙ୍କୁ ଆକ୍ରମଣ କରିବାରୁ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସମୀରଙ୍କ ମୃତ୍ୟୁ ହୋଇଛି।

# ଜାତୀୟ ଉପଭୋକ୍ତା ଦିବସ ପାଳିତ

ରାଉରକେଲା, ୨୫।୧୨(ଦିନେଶ ମିଶ୍ର): ରାଉରକେଲା ସେକ୍ଟର-୧୫ସ୍ଥିତ ତାରିଣୀ ମନ୍ଦିର ପରିସରରେ ଜୟ ଜଗନ୍ନାଥ ଟ୍ରଷ୍ଟ ପକ୍ଷରୁ ଜିଲାସ୍ତରୀୟ ଜାତୀୟ ଉପଭୋକ୍ତା ଦିବସ ବୁଧବାର ପାଳିତ ହୋଇଯାଇଛି। ଏଥିରେ ରାଉରକେଲା ଅତିରିକ୍ତ ଖାଦ୍ୟ ଯୋଗାଣ ଅଧିକାରୀ ଜ୍ୟୋତ୍ସ୍ନାରାଣୀ କର୍ଣ୍ଣ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ଉପଭୋକ୍ତା ଦିବସର ଆଭିମୁଖ୍ୟ ଉପରେ ଆଲୋଚନା କରିଥିଲେ। ଟ୍ରଷ୍ଟ ସଭାପତି ଅର୍ଚ୍ଚନା ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସହରରେ ବସବାସ କରୁଥିବା ବହୁ ଖାଉଟି ଉପସ୍ଥିତ ରହି ସେମାନଙ୍କ ଅଧିକାର ଉପରେ ଅବଗତ ହୋଇଥିଲେ। ସଦସ୍ୟା ସଂଯୁକ୍ତା ଗୌଡ, ବନଲତା ଦାସ, ଲିପିକା ଦାସ, ବନ୍ଦନା ଦାସ, ସୁପ୍ରବିନି ଖୁଣ୍ଟିଆଙ୍କ ସହ ବହୁ ଆଶା କର୍ମୀ ସହଯୋଗ କରିଥିଲେ।









# ଭୋଗରାପାଲି କ୍ରିକେଟ୍ ଟୁର୍ନାମେଣ୍ଟ, ସମାସିଂହା ଚାମ୍ପିୟନ

**କୋଲାବିରା, ୨୫।୧୨ (ସଞ୍ଜୟ ପୂଜାରୀ)**

ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକ ସମାସିଂହା ପଞ୍ଚାୟତ ଭୋଗରାପାଲି ଖେଳ ପଡ଼ିଆରେ ଚଳିତ ମାସ ୨୧ ତାରିଖରୁ ଆରମ୍ଭ ହୋଇଥିବା ପ୍ରିମିୟର ଲିଗ କ୍ରିକେଟ ଟୁର୍ନାମେଣ୍ଟ ୨୦୨୫-୨୬ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୋଟ ୧୬ଟି ଦଳ ଭାଗ ନେଇଥିବା ବେଳେ ସମାସିଂହା ଓ ଓଏମ୍‌ପି ଲାଇନ ଝାରସୁଗୁଡ଼ା ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ସମାସିଂହା ଚାମ୍ପିୟନ ହୋଇଛି। ସମାସିଂହା ପ୍ରଥମେ ବ୍ୟାଟିଂ କରି ମୋଟ ୯ ଓଭରରେ ୫ ଉଇକେଟ ବିନିମୟରେ ୧୨୯ ରନ କରିଥିଲା। ଜବାବରେ ଓଏମ୍‌ପି ଦଳ ୧୦୦ ରନ କରିବାକୁ ସକ୍ଷମ ହୋଇଥିଲେ। ସମାସିଂହାର ଅଙ୍କିତ ମ୍ୟାନ ଅଫ ଦି ମ୍ୟାଚ, ସୋମ ବେଷ୍ଟ ବୋଲର, ଓଏମ୍‌ପିର ସୁନୀଲଙ୍କୁ ବେଷ୍ଟ କିପର ଓ ବେଷ୍ଟ ବେଟ୍ସ ମ୍ୟାନ ଭାବରେ ପୁରସ୍କୃତ ହୋଇଥିଲେ। ଏହାସହ ସମାସିଂହାର ସୋମଙ୍କୁ ମ୍ୟାନ ଅଫ ଦି ସିରିଜ ଭାବରେ ଏକ ସାଇକେଲ ଦେଇ ଗ୍ରାମର ମହିଳାମାନେ ପୁରସ୍କୃତ କରିଥିଲେ। ମ୍ୟାଚରେ ପ୍ରମୋଦ ପଟେଲ ଓ ଗଣେଶ ଖଡିଆ ଅମ୍ପାୟର ଦାୟିତ୍ୱ ତୁଲାଇଥିଲେ। ମନୋଜ କିଷାନ ଓ କେଦାରନାଥ ପଟେଲ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଡିଜେ ଶିବାଯୋଗୀ ଧାରା ବିବରଣୀ ପ୍ରଦାନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଯୁବନେତା ଦୁର୍ଗେଶ ମହାନ୍ତି ମୁଖ୍ୟଅତିଥି ଓ ପୂର୍ବତନ ସରପଞ୍ଚ ତୁଲାରାମ ସେନାପତି ମୁଖ୍ୟବକ୍ତା ଭାବରେ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହ ନଗଦ ୫୦ ହଜାର ଟଙ୍କା ଓ ରନର୍ସ ଅପ ଦଳକୁ ଟ୍ରଫି ସହ ୩୦ ହଜାର ଟଙ୍କା ପ୍ରଦାନ କରିଥିଲେ। ଏଥିରେ ସୋଡାମାଲ ସରପଞ୍ଚ ଚନ୍ଦନ ପଟ୍ଟନାୟକ, ଲକ୍ଷ୍ମଣ ରୋହିଦାସ, କୈଳାସ ସେନାପତି, ବିରଞ୍ଚି ପଟେଲ, ଚନ୍ଦ୍ରଶେଖର ପଟେଲ, ସାମାଜିକକର୍ମୀ ତଥା କ୍ରୀଡ଼ାପ୍ରେମୀ ରମେଶ ଚନ୍ଦ୍ର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଏଥିରେ ଭୋଗରାପାଲି କ୍ରିକେଟ ଟିମ୍‌ର ସଭାପତି ପ୍ରମୋଦ ପଟେଲ, ସମ୍ପାଦକ କେଦାରନାଥ ପଟେଲ, କୋଷାଧ୍ୟକ୍ଷ ଜ୍ଞାନେନ୍ଦ୍ର ବୁଦୁଲା, ସହ କୋଷାଧ୍ୟକ୍ଷ ଝଙ୍କାର ପଶାୟତ, ମ୍ୟାଚ ସଂଯୋଜକ କ୍ଷୀରୋଦ କିଷାନ, ଦେବେନ୍ଦ୍ର ବଲୁଆ, ଶୁଭମ ପଟେଲ ପ୍ରମୁଖଙ୍କ ସହ ସମସ୍ତ ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ବିଜୟୀ ଦଳ।

# ଗ୍ୟାସ୍ ସିଲିଣ୍ଡର ଫାଟି ଦମ୍ପତି ଗୁରୁତର

**କୋଲାବିରା, ୨୫।୧୨ (ସଞ୍ଜୟ ପୂଜାରୀ)**

ଝାରସୁଗୁଡ଼ା ଜିଲା କୋଲାବିରା ଗ୍ରାମରେ ଗୁରୁବାର ଭୋରରୁ ଗ୍ୟାସ ସିଲିଣ୍ଡର ଫାଟି ଦମ୍ପତି ଗୁରୁତର ହୋଇଛନ୍ତି। ସେମାନେ ହେଲେ ସୁରେନ୍ଦ୍ର ଟାଣ୍ଡକାର ଓ ତାଙ୍କ ସ୍ତ୍ରୀ ପୁଷ୍ପାଞ୍ଜଳି। ଉଭୟଙ୍କୁ ପ୍ରଥମେ ଝାରସୁଗୁଡ଼ା ମୁଖ୍ୟ ଚିକିତ୍ସାଳୟ ଓ ପରେ ରାଉରକେଲାସ୍ଥିତ ଆଇଜିଏଚ୍‌କୁ ସ୍ଥାନାନ୍ତର କରାଯାଇଛି। କୋଲାବିରା ଗ୍ରାମରେ ଥିବା ହୋଟେଲ ଶକୁନ୍ତଳାର ମାଲିକ ସୁରେନ୍ଦ୍ର ଟାଣ୍ଡକାର ଓ ତାଙ୍କ ସ୍ତ୍ରୀ ପାଣି ଗରମ କରିବା ପାଇଁ ଗ୍ୟାସ ଲଗାଇଥିଲେ। ମାତ୍ର ପୂର୍ବରୁ ଗ୍ୟାସ ଲିକ ଥିବା ଅଥବା ଅନ୍ୟ କାରଣରୁ ନିଆଁ ଲାଗିବା ସମୟରେ ବିସ୍ଫୋରଣ ହୋଇଥିଲା। ଫଳରେ ଉଭୟ ଦମ୍ପତି ଜଳିଯାଇଥିଲେ। ପରିବାର ଲୋକେ ସେମାନଙ୍କୁ ଉଦ୍ଧାର କରି ଝାରସୁଗୁଡା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ପରେ ସେମାନଙ୍କୁ ଉନ୍ନତ ଚିକିତ୍ସା ପାଇଁ ରାଉରକେଲାସ୍ଥିତ ଆଇଜିଏଚ୍ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଖବର ଲେଖା ହେବା ସୁଦ୍ଧା ଉଭୟେ ଗୁରୁତର ଥିବା ସୂଚନା ମିଳିଛି।

# ସାଂସଦ ଖେଳ ମହୋତ୍ସବ ଉଦ୍‌ଯାପିତ



ଏମ୍‌ପି, ବିଧାୟକ ଓ ଅନ୍ୟମାନେ।

**ବ୍ରଜରାଜନଗର, ୨୫।୧୨ (ବିଜୟ ବରାଡ଼)**

ଜିଲା ସ୍ତରୀୟ ସାଂସଦ ଖେଳ ମହୋତ୍ସବର ଭବ୍ୟ ସମାପନୀ ସମାରୋହ ଗୁରୁବାର ସନ୍ଧ୍ୟାରେ ସମାପନ ହୋଇଛି। ଏଥିରେ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ବିଭିନ୍ନ ବ୍ୟକ୍ତିଗତ ଓ ଦଳୀୟ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା। ୧୪, ୧୭ ଓ ୧୯ ବର୍ଷର ବାଳକ ଓ ବାଳିକାମାନଙ୍କ ମଧ୍ୟରୁ ସମୁଦାୟ ୧୫୦ ଜଣ ଖେଳାଳିଙ୍କୁ ଶିଲ୍ଡ ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପାଞ୍ଚଦିନ ଧରି ବ୍ରଜରାଜନଗର ସହର ସମ୍ପୂର୍ଣ୍ଣ ଭାବେ ଖେଳମୟ ହୋଇଉଠିଥିଲା। ସହରର ୭ଟି ଷ୍ଟାଡିୟମରେ ଆଥ୍‌ଲେଟିକ୍ସ ସହିତ କବଡି, ଖୋ-ଖୋ, ବ୍ୟାଡ୍‌ମିଣ୍ଟନ, ଭଲିବଲ, କ୍ରିକେଟ, ଫୁଟବଲ, ଯୋଗା ଆଦି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଲମ୍ବା ଦୌଡ଼, ଉଚ୍ଚ ଓ ଲମ୍ବା ଲାଫ, ଜାଭେଲିନ ଓ ଡିସ୍କସ ଥ୍ରୋରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଖେଳାଳିମାନେ ମଧ୍ୟ ପୁରସ୍କୃତ ହୋଇଥିଲେ। ସମାପନୀ ସମାରୋହକୁ ସମ୍ବୋଧନ କରି ଏମ୍‌ପି ପ୍ରଦୀପ ପୁରୋହିତ କହିଥିଲେ, ସାଂସଦ ଖେଳ ମହୋତ୍ସବର ମୂଳ ଉଦ୍ଦେଶ୍ୟ ହେଉଛି ଗ୍ରାମୀଣ ଅଞ୍ଚଳରେ ଲୁଚିଥିବା ଖେଳ ପ୍ରତିଭାକୁ ଚିହ୍ନଟ କରି ରାଜ୍ୟ ଓ ଜାତୀୟ ସ୍ତରରେ ପହଞ୍ଚାଇବା। ସମାପନୀ ସମାରୋହରେ ମୁଖ୍ୟ ଅତିଥିଙ୍କ ସହିତ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ସମ୍ମାନିତ ଅତିଥିଭାବରେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଝାରସୁଗୁଡ଼ା ଆରକ୍ଷୀ ଅଧୀକ୍ଷକ ଗୁଣ୍ଡାଲା ରାଘବେନ୍ଦ୍ର ରେଡ୍ଡୀ, ଏମ୍‌ସିଏଲ୍‌ର ସିଏମ୍‌ଡି ୟୁ.ଏ. କାଂୱଲେ, ଓରିଏଣ୍ଟ ଲଖନପୁର ଓ ଇବ୍ ଭ୍ୟାଲି ଏରିଆର ଜିଏମ୍, ଜିଲାପାଳ ଗୁନ୍ଦଲା ରାଘବେନ୍ଦ୍ର ରେଡ୍ଡୀ, ଖେଳ ମହୋତ୍ସବର ଚେୟାରମ୍ୟାନ ଓ ଉପଜିଲାପାଳ ସବ୍ୟସାଚୀ ପଣ୍ଡା, ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଦୀର୍ଘ ୫ଦିନ ଧରି ସଫଳ କରିବାରେ ମୁଖ୍ୟ ଭୂମିକାରେ ସାଂସଦ ଖେଳ ମହୋତ୍ସବର ଜିଲା ସଂଯୋଜକ ସୁଲଗ ସାରନା, ସୁନୀଲ ଦାସ, ଅମିତ ଜୟସ୍ତଭାଲ, ଅନିଲ ନାୟକ, ରୁକ୍ମିଣ ଧୂରୁଆ, ନୀରଜ ବାରିକ ପ୍ରମୁଖ ସହାୟତା ପ୍ରଦାନ କରିଥିଲେ। ସମସ୍ତ ଖେଳରେ ଚାମ୍ପିୟନ ହୋଇଥିବା କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ସହ ମାନପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା।

# ଜିଲା ଭାଜପା ପକ୍ଷରୁ ସୁଶାସନ ଦିବସ

**ଝାରସୁଗୁଡା, ୨୫।୧୨ (ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଭାଜପା ପକ୍ଷରୁ ଗୁରୁବାର ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପାୟୀଙ୍କ ୧୦୧ତମ ଜନ୍ମଜୟନ୍ତୀ ଏବଂ ସୁଶାସନ ଦିବସ ପାଳନ କରାଯାଇଛି। ସରାହାଲ ବାଇପାସସ୍ଥିତ ଜିଲା କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ଭାଜପା ଜିଲା ସଭାପତି ସୁନୀଲ ପଣ୍ଡା ସଭାପତିତ୍ୱ କରିଥିବା ବେଳେ ବର୍ତ୍ତମାନ ଜିଲ୍ଲା ସଭାପତି ରଘୁନନ୍ଦନ ପଣ୍ଡାଙ୍କ ଦ୍ୱାରା ନବଗଠିତ ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ନବ ମନୋନୀତ ସମସ୍ତ ଜିଲା ପଦାଧିକାରୀ ଅଟଳ ଜୀଙ୍କ ସ୍ମୃତିଚାରଣ କରିଥିବା ବେଳେ ନୂତନ ଜିଲା ଉପସଭାପତି ସୁଧାଂଶୁ ଦୋରା କହିଥିଲେ, ବାଜପେୟୀ କେବଳ ରାଜନେତା ନ ଥିଲେ, ସେ ଏକାଧାରରେ ଜଣେ ବାଗ୍ମୀ ବକ୍ତା, କବି, ଦେଶ ମାତୃକାକୁ ଭଲ ପାଉଥିବା ଉଦାର ହୃଦୟର ମଣିଷ, ସେ ସବୁବେଳେ ଭାରତୀୟଙ୍କ ପ୍ରିୟ ହୋଇ ରହିଥିବେ ବୋଲି କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନୂତନ ନିର୍ବାଚିତ କର୍ମକର୍ତ୍ତା ନେତାଜୀ ପଟ୍ଟନାୟକ, ଚକାନନ ସା, ଅମରେନ୍ଦ୍ର ରାଏ, କୈଳାଶ ନାୟକ, ପଦ୍ମିନୀ ପଟେଲ, ତପସ୍ୱିନୀ ରଣା, ସଂଯୁକ୍ତା ଓରାମ, ମୋହନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ସଭାପତି ରଘୁନନ୍ଦନ ପଣ୍ଡା ଆଗାମୀ ଦିନରେ ପାର୍ଟିର ସମସ୍ତ କାର୍ଯ୍ୟକ୍ରମ ଠିକ ରୂପେ ପ୍ରତିପାଦିତ କରି ବାକି ଥିବା ସାଙ୍ଗଠନିକ କାର୍ଯ୍ୟ ଆଗାମୀ ୧୫ ଦିନରେ ସମ୍ପୂର୍ଣ୍ଣ କରିବା ପାଇଁ ନବ ଗଠିତ ତାଙ୍କ ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ସୁନାରି ପାକ୍ସରେ ଧାନକିଣା ଆରମ୍ଭ

**ଲଖନପୁର, ୨୫।୧୨ (ଗୌତମସାହୁ)**

ଲଖନପୁର ବ୍ଲକ ସୁନାରି ପ୍ରାଥମିକ କୃଷି ସମବାୟ ସମିତି ଦ୍ୱାରା ବୁଧବାର ଖରିଫ ଧାନ କିଣା ଆରମ୍ଭ ହୋଇଛି। ବରିଷ୍ଠ ଚାଷୀ ଡୋଳାମଣି ବାରିକ ମୁଖ୍ୟଅତିଥି ଥିବାବେଳେ ସମିତି ସଭାପତି ଗୌତମ ପଧାନ, ଜିଲାପରିଷ ଉପସଭାପତି ଅକ୍ଷୟ ସାହୁ, ସରପଞ୍ଚ ସୁନାରି ନନ୍ଦିନୀ ସାହୁ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦାନ କରିଥିଲେ। ପରିଚାଳନା ପରିଷଦର ସମସ୍ତ ସଭ୍ୟ, ସଭ୍ୟା ଓ ସମିତି ସମ୍ପାଦକ, କର୍ମଚାରୀ ଉପସ୍ଥିତ ଥିଲେ। ସରକାରୀ ନିର୍ଦ୍ଦେଶାବଳୀ ଅନୁଯାୟୀ ଧାନ କ୍ରୟ କରାଯିବା ପାଇଁ ସର୍ବସମ୍ମତିରେ ପ୍ରସ୍ତାବ ଗ୍ରହଣ କରାଯାଇଛି।




# ଲୋଇସିଂହା ପଞ୍ଚାୟତରୁ ଉଠିଲା ପ୍ରଥମ ଖରିଫ ଧାନ

**୧୧ ଚାଷୀଙ୍କ ୪୦୦ କୁଇଣ୍ଟାଲ ଧାନ ସଂଗ୍ରହ**

**ବ୍ରଜରାଜନଗର, ୨୫।୧୨ (ବିଜୟ ବରାଡ଼)**

ବ୍ରଜରାଜନଗର ଲୋଇସିଂହା ଗ୍ରାମପଞ୍ଚାୟତ ଅନ୍ତର୍ଗତ କୋଇଲଗା ଗ୍ରାମଠାରେ ଜିଲା ପ୍ରଶାସନ ନିର୍ଦ୍ଦେଶରେ ମାଁ ଲକ୍ଷ୍ମୀ ମିଶନ ଶକ୍ତି କୋଇଲଗା ତରଫରୁ ଚଳିତବର୍ଷ ଖରିଫ ଋତୁରେ ଅମଳ ହୋଇଥିବା ଧାନ ସଂଗ୍ରହ କାର୍ଯ୍ୟର ଶୁଭାରମ୍ଭ ହୋଇଯାଇଛି। ଲୋଇସିଂହା ସରପଞ୍ଚ ସନାତନ ରୋହିଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଧାନ ସଂଗ୍ରହ କେନ୍ଦ୍ରର ଶୁଭାରମ୍ଭ କରିଥିବା ବେଳେ ବୁଧବାର ପ୍ରଥମ ଦିନ ଭୋଇମୁଣ୍ଡା, କୋଇଲଗା, ନିକ୍ତିମାଲ, ଏବଂ ବଲଙ୍ଗିବାହାଲ ଗ୍ରାମର ୧୧ ଚାଷୀଙ୍କଠାରୁ ମୋଟ ୪୦୦ କୁଇଣ୍ଟାଲ ୩୧ କେଜି ଧାନ ସଂଗ୍ରହ ହୋଇଥିଲା। ମାଁ ଲକ୍ଷ୍ମୀ ମିଶନ ଶକ୍ତିର ସଭାନେତ୍ରୀ ରଶ୍ମି ରୋହିଦାସ ସମେତ ମିଶନ ଶକ୍ତିର ସମସ୍ତ ସଦସ୍ୟା ଏବଂ ଆର୍‌ଏମ୍‌ସି ଅଧିକାରୀ ସଞ୍ଜୀବ ମିଶ୍ର ଉପସ୍ଥିତ ଥିଲେ।



# ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା

## ମୃତଦେହ ନେଇ ପଳାଇ ଯାଉଥିବାବେଳେ ଧରାପଡ଼ିଲେ

**ଦେଓଗାଁ,୨୫।୧୨(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ଥାନା ବନ୍ଧପଡ଼ା ଫାଣ୍ଡିଅନ୍ତର୍ଗତ ଜୁର୍ଲାକାନୀ ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଛନ୍ତି ଜଣେ ଯୁବକ। ମୃତା ମହିଳା ହେଲେ ତପ ମଲ୍ଲିକ (୩୧)। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ତପଙ୍କୁ ହତ୍ୟା କରାଯାଇଥିବାନେଇ ତାଙ୍କ ବାପା ଦେଓଗାଁ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ହତ୍ୟା ମାମଲା(ନଂ.୪୧୫/୨୫) ରୁଜୁ କରିଛି। ଅଭିଯୁକ୍ତଙ୍କୁ ଅଟକ ରଖାଯାଇଛି। ହତ୍ୟାକାଣ୍ଡର କାରଣ ଅସ୍ପଷ୍ଟ ରହିଥିବାବେଳେ ପାରିବାରିକ କଳହକୁ କେନ୍ଦ୍ରକରି ହତ୍ୟାକାଣ୍ଡ ଘଟିଥିବା ଅନୁମାନ କରାଯାଉଛି ବୋଲି ତଦନ୍ତ ଦାୟିତ୍ୱରେ ଥିବା ବନ୍ଧପଡ଼ା ଫାଣ୍ଡି ଅଧିକାରୀ ମଳୟ ପଣ୍ଡା ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ବୁଧବାର ବିଳମ୍ବିତ ରାତିରେ ଜୁର୍ଲାକାନୀ ଗ୍ରାମର ମହାଦେବ ମଲ୍ଲିକ କୌଣସି କାରଣକୁ ନେଇ ସ୍ତ୍ରୀ ତପଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ପରେ ମୃତଦେହକୁ ନେଇ ପଳାଇ ଯାଉଥିବାବେଳେ ଗ୍ରାମବାସୀଙ୍କ ହାବୁଡ଼ରେ ପଡ଼ିଯାଇଥିଲେ। ଗ୍ରାମର ଲୋକମାନେ ମହାଦେବଙ୍କୁ କାବୁକରି ଏକ ଖୁଣ୍ଟରେ ବାନ୍ଧି ମାଡ଼ ମାରିବା ସହ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଲାଙ୍ଗୀର ପଠାଇବା ସହ ଅଭିଯୁକ୍ତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଭୀମଭୋଇ ମେଡିକାଲକୁ ପଠାଇଥିଲା। ସେଠାରେ ଚିକିତ୍ସା ଚାଲିଥିବାବେଳେ ସୁସ୍ଥହେବା ପରେ ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ସୂଚନା ଦେଇଛି। ଗୁରୁବାର ସକାଳେ ବଲାଙ୍ଗୀରରୁ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆକୁ ଜବତ କରିବା ସହ ସରଜମିନ ତଦନ୍ତ କରିଥିଲେ। ଅଭିଯୁକ୍ତଙ୍କ ବଡ଼ଭାଇ ଉଦ୍ଧବ କହିଛନ୍ତି, ମହାଦେବ ଘରଜ୍ୱାଇଁ ଭାବେ କଳାହାଣ୍ଡି ଜିଲା ମଦନପୁର ରାମପୁର ଥାନା ଅନ୍ତର୍ଗତ କୁନ୍ଦେଇପାଲି ଗ୍ରାମରେ ସ୍ତ୍ରୀ ଏବଂ ଏକ ଶିଶୁପୁତ୍ର ସହ ରହୁଥିଲେ। ମହାଦେବ ମାନସିକ ବିକାରଗ୍ରସ୍ତ ଥିବାରୁ ମଝିରେ ମଝିରେ ଜୁର୍ଲାକାନୀରେ ଥିବା ନିଜ ଘରେ ମଧ୍ୟ ରହୁଥିଲେ। କିଛିଦିନ ହେଲା ସେ ନିଜ ଘରେ ରହୁଥିବାବେଳେ ତାଙ୍କୁ ଚିକିତ୍ସା କରାଇବା ପାଇଁ ସ୍ତ୍ରୀ ଓ ଶ୍ୱଶୁର ମଧ୍ୟ ଏଠାକୁ ଆସିଥିଲେ। ବୁଧବାର ରାତିରେ କୌଣସି କାରଣରୁ ବନ୍ଦ କୋଠରି ମଧ୍ୟରେ ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିବା ପରେ ମୃତଦେହ ନେଇ ଫେରାର ହୋଇଯାଉଥିଲେ। ହେଲେ ଗ୍ରାମବାସୀ ତାଙ୍କୁ କାବୁ କରିଥିବା ଉଦ୍ଧବ କହିଛନ୍ତି।



ଘଟଣାସ୍ଥଳରେ ପୋଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରୁଛି।

# ପୁଣେରୁ ମାଷ୍ଟରମାଇଣ୍ଡଙ୍କୁ ଗିରଫ କଲା ଇଓଡବ୍ଲ୍ୟୁ

## ପୋଲିସ ଚାକିରି ନାଁରେ ୧.୪୭ କୋଟି ଠକେଇ ଘଟଣା

- ଗୃହ ବିଭାଗର ବଡ଼ ଅଧିକାରୀ ପରିଚୟ ଦେଇ ଲୁଟୁଥିଲେ
- ୩୮ ଆଶାୟୀ ଫସିଥିଲେ, ପୂର୍ବରୁ ଗିରଫ ହୋଇଛନ୍ତି ୩

**ଭୁବନେଶ୍ୱର,୨୫।୧୨ (ସତ୍ୟଜିତ ରାଉତ)**

ପୋଲିସ ଚାକିରି କରାଇଦେବାକୁ କହି ୧.୪୭ କୋଟି ଠକେଇ ଘଟଣାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ମାଷ୍ଟରମାଇଣ୍ଡଙ୍କୁ ପୁଣେରୁ ଗିରଫ କରିଛି। ସେ ହେଲେ ମଞ୍ଚେଶ୍ୱର ଥାନା ଅଞ୍ଚଳରେ ରହୁଥିବା କାଳନ୍ଦୀ ରାଉତ ଓରଫ କୁନାଳ ଓରଫ କାଳିଆ। ପୁଣେରୁ ଗିରଫ ପରେ ଇଓଡବ୍ଲ୍ୟୁ ତାଙ୍କୁ ସ୍ଥାନୀୟ କୋର୍ଟରେ ହାଜର କରିଥିଲା। ପରେ ତାଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଅଣାଯାଇ ଗୁରୁବାର କଟକ ଓପିଆଇଡି କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ଅଭିଯୁକ୍ତ କାଳନ୍ଦୀଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ପୂର୍ବରୁ ସହଯୋଗୀ ବୈକୁଣ୍ଠନାଥ ନାୟକ, ଭୀମ୍‌ସେନ୍ ମହାରଣା ଓ ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ କାଳନ୍ଦୀ ଇଓଡବ୍ଲ୍ୟୁକୁ ଚକ୍‌ମା ଦେଇ ଫେରାର ହୋଇଯାଇଥିଲେ।

ସୂଚନା ଅନୁଯାୟୀ, ୨୦୧୩ରେ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ୍ କମିଶନ ପକ୍ଷରୁ ସବ୍ ଇନ୍ସପେକ୍ଟର, ଡେପୁଟି ସୁବେଦାର ଆଦି ପଦବୀରେ ନିଯୁକ୍ତି ପାଇଁ ବିଜ୍ଞାପନ ପ୍ରକାଶ ପାଇଥିଲା। ୨୦୧୫ରୁ ୨୦୧୬ ମଧ୍ୟରେ ପ୍ରଲିମିନାରି, ମେନ୍, ଫିଜିକାଲ୍ ଓ ଭାଇଭା ଆଦି ପରୀକ୍ଷା ହୋଇଥିଲା। ଆଶାୟୀ ବାଦଲ କୁମାର ରାଉଳଙ୍କ ସମେତ ୩୮ଜଣ ପରୀକ୍ଷାର ସମସ୍ତ ସୋପାନ ଅତିକ୍ରମ କରିଥିଲେ ମଧ୍ୟ ଭାଇଭାରେ ଅସଫଳ ହୋଇଥିଲେ। ତେବେ ଅଭିଯୁକ୍ତମାନେ ନିଜକୁ ଗୃହ ବିଭାଗର ଏଏସ୍‌ଓ ଏବଂ ବଡ଼ ଅଧିକାରୀ ପରିଚୟ ଦେଇ ସେମାନଙ୍କୁ ମିଛ କଥା କହି ଫସାଇଥିଲେ। ଏହାପରେ ଏକ ସପ୍ଲିମେଣ୍ଟାରି ତାଲିକା ବାହାରିବ ଏବଂ ସେଥିରେ ଏମାନଙ୍କ ନାଁ ରହିବ ବୋଲି ଆଶାୟୀଙ୍କ ମନରେ ବିଶ୍ୱାସ ଜନ୍ମାଇଥିଲେ। ଆହୁରି ମଧ୍ୟ ନକଲି ଆଇକାର୍ଡ ଆଦି ଦେଖାଇ ନେତା ମନ୍ତ୍ରୀଙ୍କ ସହ ଭଲ ସମ୍ପର୍କ ଥିବା ଆଶାୟୀମାନଙ୍କୁ କହି ଜାଲ ବିଛାଇଥିଲେ। ଆଶାୟୀମାନେ ଅଭିଯୁକ୍ତଙ୍କ କଥାରେ ପଡ଼ି ୨୦୨୦ରେ ବିଭିନ୍ନ ପର୍ଯ୍ୟାୟରେ ନଗଦ ଓ ଅନଲାଇନ୍ ମାଧ୍ୟରେ ମୋଟ୍ ୧ କୋଟି ୪୭ ଲକ୍ଷ ଟଙ୍କା ଦେଇଦେଇଥିଲେ। ତେବେ ଅଭିଯୁକ୍ତମାନେ ଟଙ୍କା ପାଇବା ପରେ ଆଉ ଧରାଛୁଆଁ ଦେଇ ନ ଥିଲେ। ଠକେଇର ଶିକାର ଆଶାୟୀମାନେ ଇଓଡବ୍ଲ୍ୟୁର ଦ୍ୱାରସ୍ଥ ହେବା ପରେ ୨୦୨୧ ନଭେମ୍ବର ୯ରେ ଏକ ମାମଲା (ନଂ.୧୫/୨୦୨୧) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ୨ ଦିନ ପରେ ଅଭିଯୁକ୍ତ ବୈକୁଣ୍ଠନାଥ ଓ ଭୀମସେନ୍ ଏବଂ ପରେ ଅନ୍ୟ ଅଭିଯୁକ୍ତ ଜଣଙ୍କୁ ଗିରଫ କରିଥିଲା ଇଓଡବ୍ଲ୍ୟୁ।

# ୫ ବର୍ଷୀୟା ଶିଶୁଙ୍କୁ ବଳାତ୍କାର ଉଦ୍ୟମ, ଅଭିଯୁକ୍ତ ଫେରାର

**ଭୋଗରାଇ,୨୫।୧୨(ପ୍ରଦୀପ ଦାସ)**

ବାଲେଶ୍ୱର ଜିଲା ଭୋଗରାଇ ଥାନା ଅଞ୍ଚଳର ଜଣେ ୫ବର୍ଷୀୟା ଶିଶୁଙ୍କୁ ବଳାତ୍କାର ଉଦ୍ୟମ ହୋଇଛି। ପଡ଼ୋଶୀ ସମ୍ପର୍କୀୟ ଅଜା ପୀଡ଼ିତା ଶିଶୁଙ୍କୁ ପ୍ରଲୋଭନ ଦେଖାଇ ବଳାତ୍କାର କରିଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକ୍ରମେ ପୋଲିସ ନାଇଦୋଳି ଗ୍ରାମର ସୁଧୀର ମଣ୍ଡଳଙ୍କ ନାମରେ ଏକ ମାମଲା(ନଂ. ୩୯୩/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣା ପ୍ରଚାରିତ ହେବାପରେ ଅଭିଯୁକ୍ତ ଏବେ ଗାଁରୁ ପଳାଇଯାଇ ଅନ୍ୟ ସ୍ଥାନରେ ଆତ୍ମଗୋପନ କରିଥିବା ଜଣାପଡ଼ିଛି।

ପ୍ରକାଶ ଯେ, ସମ୍ପୃକ୍ତ ଶିଶୁ ପିଉସୀ ଘରକୁ ଯାଇ ଗତ ୧୮ତାରିଖ ସକାଳେ ଘରକୁ ଫେରିଥିଲେ। ସେହିଦିନ ଅପରାହ୍ନରେ ଅଭିଯୁକ୍ତ ଶିଶୁଙ୍କୁ ପ୍ରଲୋଭନ ଦେଖାଇ ଏକ କୁଣ୍ଡା ଦୋକାନ ଘରକୁ ନେଇ ବଳାତ୍କାର ଉଦ୍ୟମ କରିଥିଲେ। ଏହି ଘଟଣା ସମ୍ପର୍କରେ ଶିଶୁଟି ନିଜ ଜେଜେମା'ଙ୍କ ଆଗରେ କହିବାରୁ ଘରେ ସମସ୍ତେ ଶୁଣି ଗାଁଲୋକଙ୍କୁ ଜଣାଇଥିଲେ। ଗାଁରେ ଏହାକୁ ନେଇ ବୈଠକ କରାଯାଇଥିଲେ ମଧ୍ୟ ସମାଧାନର ବାଟ ଫିଟି ନ ବାହାରିବାରୁ ଶିଶୁଙ୍କ ମା' ନ୍ୟାୟ ପାଇଁ ଗୁରୁବାର ଏତଲା ଦେଇଛନ୍ତି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପୋଲିସ କହିଛି।

# ମାଛ ନେଇଯିବାରୁ ନାବାଳକଙ୍କ ଗୁପ୍ତାଙ୍ଗ କାଟିଦେଲେ

**ଏରସମା,୨୫। ୧୨(ଦୀପ୍ତି ଖଣ୍ଡୁଆଳ)**

ଜଗତ୍‌ସିଂହପୁର ଜିଲା ଏରସମା ଥାନା ଅନ୍ତର୍ଗତ ଆମ୍ବିକି ଗ୍ରାମରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ମାଛ ନେଇଯିବାରୁ ଏହି ଗ୍ରାମର ଜଣେ ୧୩ ବର୍ଷୀୟ ନାବାଳକଙ୍କ ଗୁପ୍ତାଙ୍ଗ କାଟିଦିଆଯାଇଥିବା ଅଭିଯୋଗ ହୋଇଛି। ରକ୍ତାକ୍ତ ଅବସ୍ଥାରେ ତାଙ୍କୁ ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏନେଇ ପୀଡ଼ିତଙ୍କ ମା' ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ.୪୬୦/୨୫) ରୁଜୁ କରିଛି।

ଉକ୍ତ ଗ୍ରାମର ନବି ଟାଙ୍ଗୁରୁ ସ୍ଥାନୀୟ ପୋଖରୀରେ ମାଛ ଧରିବା ପାଇଁ ବନିଶୀ ଲଗାଇଥିଲେ। ସମ୍ପୃକ୍ତ ନାବାଳକ ଉକ୍ତ ବନିଶୀରେ ଲାଗିଥିବା ମାଛକୁ ନେଇଯାଇଥିଲେ। ନବି ଏହା ଜାଣିବା ପରେ କ୍ଷୁବ୍ଧ ହୋଇଯାଇଥିଲେ। ସମ୍ପୃକ୍ତ ନାବାଳକଙ୍କୁ ବାଟରେ ପାଇ ତାଙ୍କୁ ମାଡ଼ ମାରିବା ସହ ଏକ ମାରଣାସ୍ତ୍ରରେ ନବି ତାଙ୍କ ଗୁପ୍ତାଙ୍ଗ କାଟି ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି। ଏନେଇ ତଦନ୍ତ ଜାରି ରହିଛି ବୋଲି ଏରସମା ଥାନା ଅଧିକାରୀ ପ୍ରେମଜିତ ଦାସ କହିଛନ୍ତି।

# ଲୋକଲଜ୍ଜା ଭୟରେ ବିଷ ପିଇଲେ ପୀଡ଼ିତା

## ଧାମରାରେ ଯୁବତୀଙ୍କୁ ବଳାତ୍କାର

**ଚାନ୍ଦବାଲି,୨୫।୧୨(ଅଶୋକ ପଣ୍ଡା)**

ଭଦ୍ରକ ଜିଲା ଚାନ୍ଦବାଲିରେ ଜଣେ ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର ଓ ହତ୍ୟା ଘଟଣା ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଥିବା ବେଳେ ଚାନ୍ଦବାଲିରେ ୩ଦିନ ଧରି ନିଆଁ ଜଳୁଛି। ଏହି ତାତି ଥମି ନ ଥିବାବେଳେ ଆଉ ଏକ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି। ଏହି ବ୍ଲକ ଅଧୀନ ଧାମରା ଥାନା ଅଞ୍ଚଳରେ ରୋଷେଇ ଘରେ ଜଣେ ବାପଛେଉଣ୍ଡ ଝିଅଙ୍କୁ ଜଣେ ଯୁବକ ବଳାତ୍କାର କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଗତ ୧୭ ତାରିଖ ସନ୍ଧ୍ୟାରେ ଘଟଣାଟି ଘଟିଥିବା ବେଳେ ଲୋକଲଜ୍ଜା ଭୟରେ ବିଷପିଇ ପୀଡ଼ିତା ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ପୀଡ଼ିତାଙ୍କ ମା' ଏନେଇ ଗୁରୁବାର ଧାମରା ଥାନାରେ ଅଭିଯୋଗ କରିବା ପରେ ଘଟଣା ପଦାକୁ ଆସିଛି। ପୀଡ଼ିତାଙ୍କ ହାତଲେଖା ଚିଠି ଏବଂ ତାଙ୍କ ମା'ଙ୍କ ଅଭିଯୋଗ ଆଧାରରେ ପୋଲିସ ଉକ୍ତ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି।

ଅଭିଯୋଗ ଅନୁଯାୟୀ, ଯୁବତୀ ଜଣକ ଗତ ୧୭ ତାରିଖ ସନ୍ଧ୍ୟାରେ ଘରେ ରୋଷେଇ କରୁଥିବା ବେଳେ ସେହି ଗ୍ରାମର ଜଣେ ଯୁବକ ପହଞ୍ଚି ତାଙ୍କ ଓଢ଼ଣିକୁ ଯୁବତୀଙ୍କ ପାଟିରେ ଦେଇ ବଳାତ୍କାର କରିଥିଲେ। ଘଟଣାର ୨ ଦିନ ପରେ ଅର୍ଥାତ୍ ୨୦ ତାରିଖରେ ଯୁବତୀ ଜଣକ ଏକ କାଗଜରେ ଏ ସମ୍ପର୍କରେ ଲେଖି ଦେଇ ଆତ୍ମହତ୍ୟା ପାଇଁ ଦୁଦୁରା ମଞ୍ଜି ଖାଇ ଦେଇଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ପ୍ରଥମେ ଧାମରା ସ୍ୱାସ୍ଥ୍ୟକେନ୍ଦ୍ର, ପରେ ଭଦ୍ରକ ଏବଂ କଟକର ଏକ ନର୍ସିଂହୋମ୍‌ରେ ଭର୍ତ୍ତି କରାଯାଇଛି। ଏହି ଘଟଣା ବାହାରେ ପ୍ରକାଶ କଲେ ତାଙ୍କର ଅନ୍ୟ ଭଉଣୀମାନଙ୍କ ସହ ଏପରି କରାଯିବ ବୋଲି ଯୁବକ ଜଣକ ଧମକ ଦେଇଥିବା ପୀଡ଼ିତା ଉକ୍ତ ଚିଠିରେ ଉଲ୍ଲେଖ କରିଛନ୍ତି। ଏନେଇ ଧାମରା ଥାନାଧିକାରୀ ଶୋଭନ କୁମାର ସ୍ୱାଇଁ କହିଛନ୍ତି, ଘଟଣାର ସତ୍ୟତା ଅଛି। ଲୋକଲଜ୍ଜା ଭୟରେ ପୀଡ଼ିତା ଏହି ଘଟଣାକୁ ବାହାରେ ପ୍ରକାଶ କରିପାରି ନ ଥିବାବେଳେ ଶେଷରେ ବିଷ ପିଇଦେଇଥିଲେ। ଏନେଇ ଏକ ମାମଲା(ନଂ.୫୬/୨୫) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ତଦନ୍ତ ଜାରି ରହିଛି।

# ଛୁରାମାଡ଼ରେ ୨ ଆହତ, ଅଭିଯୁକ୍ତ ଗିରଫ

## ପୂଜା, ଭୋଜିଭାତକୁ କେନ୍ଦ୍ରକରି ଆକ୍ରମଣ

**ଝାରସୁଗୁଡ଼ା,୨୫।୧୨ (ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା ବଡ଼ମାଳ ଥାନା ଅନ୍ତର୍ଗତ ଶ୍ରୀପୁରା ଗ୍ରାମରେ ଏକ ପୂଜା ଓ ଭୋଜିଭାତ କାର୍ଯ୍ୟକ୍ରମକୁନେଇ ବୁଧବାର ବିଳମ୍ବିତ ରାତିରେ ଛୁରାମାଡ଼ ହୋଇଛି। ଏଥିରେ ୨ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଉକ୍ତ ଗ୍ରାମର ସୌଦାଗର ବାଗ ଏବଂ ଈଶ୍ୱର କିଷାନ। ଆହତଦ୍ୱୟଙ୍କ ଅଭିଯୋଗ କ୍ରମେ ବଡ଼ମାଳ ଥାନା ପୋଲିସ ନଂ.୪୦୪/୨୫ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ମଦନ ସେଠଙ୍କୁ ଗିରଫ ପରେ ଗୁରୁବାର କୋର୍ଟଚାଲାଣ କରିଛି।

ପ୍ରକାଶ ଯେ, ବୁଧବାର ଶ୍ରୀପୁରା ଗ୍ରାମରେ ମା' ଦଶମତୀ ଖଳାପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଠାକୁରଙ୍କ ପୂଜା ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ଲୋକମାନେ ଶୃଙ୍ଖଳିତ ଭାବରେ ପ୍ରସାଦ ସେବନ କରିଥିଲେ। ମାତ୍ର କେତେଜଣ ନିଶାସକ୍ତ ଯୁବକ ଭୋଜିଭାତକୁ ନେଇ ପ୍ରଶ୍ନ ଉଠାଇବା ସହିତ ଆୟୋଜକଙ୍କ ସହିତ ଯୁକ୍ତିତର୍କ କରିଥିଲେ। ଫଳରେ ସେମାନଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ରାଗିଯାଇ ମଦନ ପାଖରେ ଥିବା ଏକ ଛୁରାରେ ସୌଦାଗର ଏବଂ ଈଶ୍ୱରଙ୍କୁ ଆକ୍ରମଣ କରିଥିଲେ। ଉପସ୍ଥିତ ଲୋକମାନେ ମଦନଙ୍କୁ କାବୁ କରିନେଇଥିବାରୁ ସୌଦାଗର ଏବଂ ଈଶ୍ୱର ଅଧିକ କ୍ଷତାକ୍ତରୁ ବର୍ତ୍ତି ଯାଇଥିଲେ। ଖବର ପାଇ ବଡ଼ମାଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତ ଦୁଇଜଣଙ୍କୁ ପ୍ରଥମେ ଶ୍ରୀପୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରେ ଝାରସୁଗୁଡ଼ା ମୁଖ୍ୟ ଚିକିତ୍ସାଳୟ ନେଇ ଚିକିତ୍ସିତ କରାଇଥିଲା। ବର୍ତ୍ତମାନ ଆହତ ଦୁଇଜଣ ସୁସ୍ଥ ଥିବା ବେଳେ ବଡ଼ମାଳ ଥାନା ପୋଲିସ ମାମଲା ରୁଜୁକରିଅଭିଯୁକ୍ତ ମଦନଙ୍କୁଧରିଥିଲା।

## Business

# ଟାଟା ମୋଟର୍ସର ନୂଆ ସିଏରାର ବଜାର ପ୍ରବେଶ

**ଭୁବନେଶ୍ୱର,୨୫।୧୨(ଅନୁରାଧା ମହାରଣା)**




ଟାଟା ମୋଟର୍ସ ପାସେଞ୍ଜର ଭେହିକଲ୍ସ ଲିମିଟେଡ୍, ଡିଅନ୍ ଅଟୋମୋଟିଭ୍ସ ପ୍ରାଇଭେଟ୍ ଲିମିଟେଡ୍ ସହ ମିଳିତ ଭାବରେ ବୁଧବାର ଭୁବନେଶ୍ୱରରେ ସମ୍ପୂର୍ଣ୍ଣ ନୂତନ ଟାଟା ସିଏରା ଲଞ୍ଚ କରିଛି। ଏକ ପ୍ରିମିୟମ ମିଡ୍‌-ଏସ୍‌ୟୁଭି ଭାବରେ ସ୍ଥାନିତ ନୂତନ ସିଏରାର ମୂଲ୍ୟ ୧୧.୪୯ ଲକ୍ଷ (ଏକ୍ସ-ଶୋ'ରୁମ୍)ରୁ ଆରମ୍ଭ ହେଉଥିବା ପ୍ରାରମ୍ଭିକ ମୂଲ୍ୟ ସହିତ ଏସ୍‌ୟୁଭି ସେଗ୍‌ମେଣ୍ଟରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବାର ଲକ୍ଷ୍ୟ ରଖିଛି। ବଜାର ପ୍ରବେଶ କାର୍ଯ୍ୟକ୍ରମରେ ଏକାମ୍ର-ଭୁବନେଶ୍ୱରର ବିଧାୟକ ବାବୁ ସିଂ, ଟାଟା ମୋଟର୍ସ ପାସେଞ୍ଜର ଭେହିକଲ୍ସ ଏବଂ ଇଲେକ୍ଟ୍ରିକ ମୋବିଲିଟିର ରିଜିଓନାଲ ମ୍ୟାନେଜର ମହମ୍ମଦ ସୋଏବ, ସବ୍ୟସାଚୀ ମିଶ୍ର, ସ୍ଥାନୀୟ କର୍ପୋରେଟର ବିରଞ୍ଚି ନାରାୟଣ ମହାସୁପକାର ପ୍ରମୁଖ ଯୋଗଦେଇଥିଲେ। ଲଞ୍ଚ ସମୟରେ ଡିଅନ ଅଟୋମୋଟିଭ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ନିର୍ଦ୍ଦେଶକ ମନୋଜ କୁମାର ସାହୁ କହିଛନ୍ତି, ନୂତନ ସିଏରା ସହ ଆମେ ଭାରତୀୟ ଗତିଶୀଳତା ପାଇଁ ଏକ ନୂତନ ମାନଦଣ୍ଡ ସ୍ଥାପନ କରୁଛୁ। ସିଏରା ଏକ ଆଇକନ୍ ଭାବରେ ବଜାରକୁ ଫେରିଛି। ଏହା ଗୌରବ, ବ୍ୟକ୍ତିତ୍ୱ ଏବଂ ପ୍ରଗତିକୁ ପ୍ରତିଫଳିତ କରୁଛି। ଏସ୍କେପ ମେଡିଓକର ବ୍ରାଣ୍ଡ ଦର୍ଶନ ଅଧୀନରେ, ଟାଟା ମୋଟର୍ସ ସିଏରାକୁ କେବଳ ଏକ ଏସ୍‌ୟୁଭି ଭାବରେ ନୁହେଁ - ଆକାଂକ୍ଷା ଏବଂ ପାର୍ଥକ୍ୟତାର ଏକ ବିବୃତି ଭାବରେ ସ୍ଥାନିତ କରେ। ପେଟ୍ରୋଲ ଭାରିଆଣ୍ଟର ମୂଲ୍ୟ ୧୧.୪୯ ଲକ୍ଷରୁ ଆରମ୍ଭ ହେଉଥିବାବେଳେ ଡିଜେଲ ଭାରିଆଣ୍ଟର ମୂଲ୍ୟ ୧୨.୯୯ ଲକ୍ଷ (ଏକ୍ସ-ଶୋ'ରୁମ୍)ରୁ ଆରମ୍ଭ ହେଉଛି। ଭୁବନେଶ୍ୱରରେ ଅନ୍-ରୋଡ୍ ମୂଲ୍ୟ ୧୪.୯୦ ଲକ୍ଷ ପର୍ଯ୍ୟନ୍ତ ବୃଦ୍ଧି ପାଏ।

# ହାତୀ ମୃତ୍ୟୁ ରୋକିବା ପାଇଁ ଇଣ୍ଡୋନେସିଆକୁ ବନ୍‌ତାରାର ସହଯୋଗ

**ଭୁବନେଶ୍ୱର,୨୫।୧୨**



ଇଣ୍ଡୋନେସିଆରେ ବ୍ୟାପିଥିବା ଏକ ଗମ୍ଭୀର ରୋଗ ଇଇଏଚ୍‌ଭି ସୁମାତ୍ରା ହାତୀମାନଙ୍କ ଜୀବନକୁ ସଙ୍କଟାପନ୍ନ କରୁଛି। ଏହାର ମୁକାବିଲା କରିବା ପାଇଁ ଇଣ୍ଡୋନେସିଆର ବନ ମନ୍ତ୍ରଣାଳୟ ଭାରତର ଗୁଜରାଟରେ ଅବସ୍ଥିତ ବିଶ୍ୱସ୍ତରୀୟ ବନ୍ୟପ୍ରାଣୀ ସଂରକ୍ଷଣ କେନ୍ଦ୍ର ବନ୍‌ତାରାଠାରୁ ବୈଷୟିକ ସହାୟତା ନେଉଛି। ଅନନ୍ତ ଅମ୍ବାନୀଙ୍କ ଦ୍ୱାରା ପ୍ରତିଷ୍ଠିତ ବନ୍‌ତାରା ହାତୀମାନଙ୍କର ଚିକିତ୍ସା, ଠିକ୍ ସମୟରେ ରୋଗ ଚିହ୍ନଟ ଏବଂ ନିବାରଣଜନିତ ଯତ୍ନ କ୍ଷେତ୍ରରେ ଏହାର ବିଶେଷଜ୍ଞତା ମାଧ୍ୟମରେ ଇଣ୍ଡୋନେସିଆର ଅଧିକାରୀମାନଙ୍କୁ ସହାୟତା କରୁଛି ଯାହାଦ୍ୱାରା ଇଇଏଚ୍‌ଭି ଦ୍ୱାରା ହେଉଥିବା ହାତୀ ମୃତ୍ୟୁକୁ ଠିକ୍ ତଥା ପ୍ରଭାବୀ ଢଙ୍ଗରେ ନିୟନ୍ତ୍ରଣ କରାଯାଇପାରିବ। ସୁମାତ୍ରା ହାତୀମାନେ ପୂର୍ବରୁ ହିଁ ବିଲୁପ୍ତହେବାର ଗମ୍ଭୀର ବିପଦରେ ରହିଛନ୍ତି ଏବଂ ଆୟୁସିଏନ ଦ୍ୱାରା ସଙ୍କଟାପନ୍ନ ଶ୍ରେଣୀରେ ତାଲିକାଭୁକ୍ତ ହୋଇଛନ୍ତି। ରିଆଉ ପ୍ରଦେଶର ସେବାଙ୍ଗା ହାତୀ ସଂରକ୍ଷଣ କେନ୍ଦ୍ରରେ ଇଇଏଚଭିରେ ଏକ କମ ବୟସର ହାତୀର ମୃତ୍ୟୁ ହେବା ପରେ ଏହି ପଦକ୍ଷେପ ନିଆଯାଇଛି। ଏହାପରେ ଇଣ୍ଡୋନେସିଆ ସରକାର, ଏହାର ସ୍ଥାନୀୟ ସହଯୋଗୀ ଫଉନା ଲ୍ୟାଣ୍ଡ ଇଣ୍ଡୋନେସିଆ ମାଧ୍ୟମରେ ବନ୍‌ତାରାଠାରୁ ବୈଷୟିକ ସହାୟତା ଲୋଡ଼ିଥିଲେ, ଯାହାଦ୍ୱାରା ରୋଗକୁ ଶୀଘ୍ର ଚିହ୍ନଟ କରାଯାଇପାରିବ ଏବଂ ହାତୀମାନଙ୍କ ଉନ୍ନତ ଚିକିତ୍ସା କରାଯାଇପାରିବ। ଏହି ସହଯୋଗର ଆଧାରରେ ବନ୍‌ତାରାର ପ୍ରାଣୀ ଚିକିତ୍ସକ, ଜୀବବିଜ୍ଞାନୀ ଏବଂ ଅନ୍ୟ ବିଶେଷଜ୍ଞମାନେ ରିଆଉରେ ପହଞ୍ଚିଛନ୍ତି। ଏହି ବିଶେଷଜ୍ଞମାନେ ଇଣ୍ଡୋନେସିଆର ଅଧିକାରୀମାନଙ୍କ ସହ ମିଳିତ ଭାବରେ ହାତୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି ଏବଂ ରୋଗର ପ୍ରାରମ୍ଭିକ ଲକ୍ଷଣଗୁଡ଼ିକ ଉପରେ ଧ୍ୟାନ ଦେଇ ଚିକିତ୍ସା ଓ ଯତ୍ନ ପ୍ରଣାଳୀକୁ ସୁଦୃଢ଼କରିବା ଦିଗରେ କାମ କରୁଛନ୍ତି।

# ନିବେଶକଙ୍କ ଯୋଗଦାନ ସୁଦୃଢ଼ କରିଛି ଏନ୍‌ଏସ୍‌ଇ

**ଭୁବନେଶ୍ୱର,୨୫।୧୨**

ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆ (ଏଏସ୍‌ଇ) ଉତ୍ସାହର ସହ ୨୦୨୫କୁ ଶେଷ କରିବାକୁ ପ୍ରସ୍ତୁତ ରହିଛି। ଏହା ସ୍ଥିର ବଜାର ଅଭିବୃଦ୍ଧି, ବଜାରରେ ଅଧିକ ନିବେଶକଙ୍କ ଯୋଗଦାନ ଏବଂ ନୂତନ ଉତ୍ପାଦ ପ୍ରଚଳନ ଦ୍ୱାରା ସମ୍ଭବ ହୋଇଛି। ଏହିବର୍ଷ ମଧ୍ୟରେ ଭାରତରେ ଷ୍ଟକ୍‌ବଜାର ସ୍ଥିର ରହିଥିବାବେଳେ ନିଫ୍ଟି ୫୦ ସୂଚକାଙ୍କ ପ୍ରାୟ ୧୦% ବୃଦ୍ଧି ପାଇଛି ଏବଂ ଏନ୍‌ଏସ୍‌ଇରେ ତାଲିକାଭୁକ୍ତ କମ୍ପାନୀଗୁଡ଼ିକର ମୋଟ ମୂଲ୍ୟ ପ୍ରାୟ ୪.୪୬୯ ଲକ୍ଷ କୋଟିକୁ ବୃଦ୍ଧି ପାଇଛି। ଏହା ନିବେଶକଙ୍କ ମଧ୍ୟରେ ନିରନ୍ତର ବିଶ୍ୱାସ ଏବଂ ସ୍ଥିର ସମ୍ପତ୍ତି ସୃଷ୍ଟିକୁ ଦର୍ଶାଉଛି। ୨୦୨୫ରେ କମ୍ପାନୀଗୁଡ଼ିକ ବଜାର ମାଧ୍ୟମରେ ଟଙ୍କା ସଂଗ୍ରହ କରିବା ଜାରି ରଖିଥିଲେ। ଏନ୍‌ଏସ୍‌ଇ ମାଧ୍ୟମରେ ସଂଗୃହୀତ ମୋଟ ପାଣ୍ଠି ପ୍ରାୟ ୭% ବୃଦ୍ଧି ପାଇ ୧୯ ଲକ୍ଷ କୋଟି ଟଙ୍କାରୁ ଅଧିକ ହୋଇଛି। କମ୍ପାନୀଗୁଡ଼ିକ ସେମାନଙ୍କର ଅଭିବୃଦ୍ଧି ଏବଂ ବ୍ୟବସାୟିକ ଆବଶ୍ୟକତାକୁ ପାଣ୍ଠି ଯୋଗାଇବା ପାଇଁ ଶେୟାର ଏବଂ ବଣ୍ଡ ଉଭୟକୁ ସକ୍ରିୟ ଭାବରେ ବ୍ୟବହାର କରିଛନ୍ତି। ଆଇପିଓ ବଜାର ମଧ୍ୟ ସକ୍ରିୟ ରହିଥିଲା। ଏନ୍‌ଏସ୍‌ଇର ମେନ୍‌ବୋର୍ଡ ଏବଂ ଏସ୍‌ଏମ୍‌ଇ ପ୍ଲାଟ୍‌ଫର୍ମରେ ଆଇପିଓଗୁଡ଼ିକ ମାଧ୍ୟମରେ ୨୦୦ରୁ ଅଧିକ କମ୍ପାନୀ ପାଣ୍ଠି ସଂଗ୍ରହ କରିଛନ୍ତି, ଯାହା ମିଳିତ ଭାବରେ ପ୍ରାୟ ୧.୭୭ ଲକ୍ଷ କୋଟି ଟଙ୍କା ସଂଗ୍ରହ କରିଥିଲା। ଏହା ନୂତନ ଏବଂ ବୃଦ୍ଧି ପାଉଥିବା କମ୍ପାନୀଗୁଡ଼ିକ ପ୍ରତି ନିବେଶକଙ୍କ ଆଗ୍ରହକୁ ଉଲ୍ଲେଖ କରୁଛି। ବାଣିଜ୍ୟ ପରିମାଣ ଅନୁସାରେ ଏନ୍‌ଏସ୍‌ଇ ବିଶ୍ୱର ସର୍ବବୃହତ୍ ଡେରିଭେଟିଭ୍ସ ଏକ୍ସଚେଞ୍ଜ ଭାବରେ ଏହାର ସ୍ଥାନ ବଜାୟ ରଖିଛି। ବିଶ୍ୱ ସ୍ତରରେ ଏନ୍‌ଏସ୍‌ଇ ଇଣ୍ଟରନ୍ୟାଶନାଲ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ ଆଇଏକ୍ସ) ଏହି ବର୍ଷ ମଧ୍ୟରେ ୧ ଟ୍ରିଲିୟନ ଆମେରିକୀୟ ଡଲାରରୁ ଅଧିକ ଆନୁମାନିକ କାରବାରର ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଅତିକ୍ରମ କରିଛି। ସମଗ୍ର ଦେଶରୁ ଅଧିକ ଲୋକ ଏହି ବଜାରରେ ଅଂଶଗ୍ରହଣ କରିଥିଲେ। ୨୦୨୫ରେ ପ୍ରାୟ ୧.୫ କୋଟି ନୂତନ ନିବେଶକ ଯୋଡିହେବା ସହ ଅନ୍ୟ ପଞ୍ଜୀକୃତ ନିବେଶକଙ୍କ ସଂଖ୍ୟା ୧୨.୪ କୋଟି ଅତିକ୍ରମ କରିଥିଲା।

# ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ୧୧୫ତମ ପ୍ରତିଷ୍ଠା ଦିବସ




**ଭୁବନେଶ୍ୱର,୨୫।୧୨(ଅନୁରାଧା ମହାରଣା)**

ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ୧୧୫ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଛି। ଏହି ଅବସରରେ ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ ଅଧୀନ ଆର୍ଥିକ ସେବା ବିଭାଗ (ଡିଏଫ୍‌ଏସ୍)ର ସଚିବ ଆଇଏଏସ୍ ଏମ୍. ନାଗରାଜୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସୋରାବ୍‌ଜୀ ପୋଚଖାନାୱାଲାଙ୍କ ଉକ୍ତିକୁ ଉଦ୍ଧୃତକରି ନାଗରାଜୁ କହିଥିଲେ, ଏକ ଭଲ ବ୍ୟାଙ୍କର ଲାଭ କେବଳ ତାହାର ବ୍ୟାଙ୍କିଙ୍ଗ୍ ହଲ୍‌ର ଚାରିକାନ୍ଥ ମଧ୍ୟରେ ସୀମିତ ନୁହେଁ କିମ୍ବା ଏହାର ବ୍ୟାଙ୍କିଙ୍ଗ୍ ବ୍ୟବସାୟର ସୀମା ଦ୍ୱାରା ସୀମିତ ନୁହେଁ। ଏହା ବାଣିଜ୍ୟ, ଶାଖା ଏବଂ ଆର୍ଥିକ କାର୍ଯ୍ୟକଳାପର ପ୍ରତ୍ୟେକ କ୍ଷେତ୍ର ପର୍ଯ୍ୟନ୍ତ ବିସ୍ତାରିତ। ଋଣରେ ୭୨ ପ୍ରତିଶତ ରାମ (ରିଟେଲ, କୃଷି ଏବଂ ଏମ୍‌ଏସ୍‌ଏମ୍‌ଇ) ଶେୟାର ଦେଶର ସାଧାରଣ ଜନତାଙ୍କ ସେବା ପ୍ରତି ବ୍ୟାଙ୍କର ପ୍ରତିବଦ୍ଧତାକୁ ସ୍ପଷ୍ଟ କରୁଥିବା ସେ କହିଥିଲେ। ବ୍ୟାଙ୍କ ତାହାର ବ୍ୟବସାୟ ଓ ଅଭିବୃଦ୍ଧିରେ ସୁଧାର ଆଣିଛି। ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କଲ୍ୟାଣ କୁମାର, ଏମ୍. ନାଗାରାଜୁଙ୍କ ଦୀର୍ଘ ଓ ଗୌରବମୟ ଅଭିଜ୍ଞତା ଉପରେ ଆଲୋକପାତ କରିଥିଲେ। ଡିଏଫ୍‌ଏସ୍ ସଚିବ ଭାବରେ ଏମ୍. ନାଗରାଜୁ ଭାରତର ବ୍ୟାଙ୍କିଙ୍ଗ୍, ବୀମା ଏବଂ ଆର୍ଥିକ ଅନ୍ତର୍ଭୁକ୍ତିକୁ ମଜଭୁତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି। କଲ୍ୟାଣ କୁମାର କହିଥିଲେ, ବ୍ୟାଙ୍କର ସାରା ଭାରତରେ ୨୧,୪୯୨ଟି ଟଚ୍ ପଏଣ୍ଟ ରହିଛି ଯାହା ମଧ୍ୟରେ ୪,୫୫୬ଟି ଶାଖା ଅନ୍ତର୍ଭୁକ୍ତ। ଏହାର ୬୫.୧୪% ଗ୍ରାମାଞ୍ଚଳ ଓ ଅର୍ଦ୍ଧ ସହରାଞ୍ଚଳ ଏରିଆରେ ଅବସ୍ଥିତ। ଚଳିତ ମାସ ୩୦ ତାରିଖ ସୁଦ୍ଧା ବ୍ୟାଙ୍କର ମୋଟ୍ ବ୍ୟବସାୟ ୭,୩୭,୯୩୮ କୋଟି ଟଙ୍କା ଥିବାବେଳେ କାସା ଜମା ମୋଟ୍ ଜମାର ୪୬.୮୩ ପ୍ରତିଶତ। ପ୍ରତିଷ୍ଠା ଦିବସ ଅବସରରେ 'ଫିଟ୍ ରୁହନ୍ତୁ-ସୁସ୍ଥ ରୁହନ୍ତୁ, ଗଛ ଲଗାନ୍ତୁ-ପୃଥିବୀକୁ ବଞ୍ଚାନ୍ତୁ, ସ୍ୱଚ୍ଛ ଭାରତ, ସେବା ହିଁ ସଂକଳ୍ପ ଏବଂ ସେଣ୍ଟ ଇଣ୍ଟେଲିକା ଆଦି କାର୍ଯ୍ୟକ୍ରମ ରହିଛି।ଏହି ପଦକ୍ଷେପ ଅନ୍ତର୍ଗତ ସାରା ଦେଶରେ ୨୫ ହଜାରରୁ ଊର୍ଦ୍ଧ୍ୱ ଚାରାରୋପଣ କରାଯାଇଛି। ଗ୍ରାହକ ଅଭିଯୋଗ ସମାଧାନ ସମ୍ପର୍କିତ ଏକ ହ୍ୟାଣ୍ଡ ବୁକ୍ ଉନ୍ମୋଚନ ହୋଇଥିଲା। ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏମ୍ .ଭି .ମୁରଲୀ କ୍ରିଷ୍ଣା ଧନ୍ୟବାଦ ଦେଇଥିଲେ।

# କୁଆଖିଆ ମହୋତ୍ସବରେ ଫ୍ରିଡମ ଷ୍ଟଲ୍



**ଭୁବନେଶ୍ୱର,୨୫।୧୨(ଅନୁରାଧା ମହାରଣା)**

ଯାଜପୁରରେ ଚାଲିଥିବା ୧୨ ଦିନିଆ କୁଆଖିଆ ମହୋତ୍ସବରେ ଭଳି କି ଭଳି ମନଲୋଭା ସମ୍ଭାର ସାଙ୍ଗକୁ ମିନାବଜାର ଯାତ୍ରୀଙ୍କ ବେଶ୍ ମନୋରଞ୍ଜନ କରୁଛି । ସଭାପତି ଅଜୟ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମହୋତ୍ସବରେ ଫ୍ରିଡମ ଅଏଲର ଏକ ଷ୍ଟଲ ଖୋଲାଯାଇଛି। ବିତରକ ଜଗନ୍ନାଥ ଏଣ୍ଟରପ୍ରାଇଜର୍ସର ମୁଖ୍ୟ ଦିଲୀପ ସାମଲଙ୍କ ସଂଯୋଜନାରେ ଏହା ଉଦ୍‌ଘାଟିତ ହୋଇଯାଇଛି। ପ୍ରତ୍ୟେକ ତେଲର କ୍ରୟ ଉପରେ ଆକର୍ଷଣୀୟ ରିହାତି ରହିଥିବା ବେଳେ ୫ଲିଟର ଜାର୍ କିଣିଲେ ଗୋଟିଏ ବାଲ୍‌ଟି ସମ୍ପୂର୍ଣ୍ଣ ଭାବେ ମାଗଣାରେ ଯୋଗାଇ ଦିଆଯାଉଛି ବୋଲି ଫ୍ରିଡମର ଓଡ଼ିଶା ହେଡ୍ ଅମିୟ କୁମାର ଧଳ ସୂଚନା ଦେଇଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ସମ୍ପାଦକ ସନ୍ତୋଷ କୁମାର ରାଉତ, ପ୍ରକାଶ କୁମାର ପାତ୍ର, ଭାଗ୍ୟରଞ୍ଜନ ସେଠୀ, ବସନ୍ତ କୁମାର ଘଡ଼େଇ, ପ୍ରଦୀପ କୁମାର ଦେଓ ପ୍ରମୁଖ ଉପସ୍ଥିତ ଥିଲେ ।







ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ତମ ଜନ୍ମବାର୍ଷିକୀରେ ଗୁରୁବାର ନୂଆଦିଲ୍ଲୀର ବିଜୟ ଘାଟସ୍ଥିତ ସଦୈବ ଅଟଳ ସ୍ମାରକୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି। (ଫଟୋ: ଚମନ ଗୌତମ)

## ବାଂଲାଦେଶରେ ଆଉ ଜଣେ ହିନ୍ଦୁଙ୍କୁ ପିଟି ହତ୍ୟା

ଢାକା, ୨୫।୧୨

ବାଂଲାଦେଶରେ ହିନ୍ଦୁ ଯୁବକ ଦୀପୁ ଚନ୍ଦ୍ର ଦାସ ହତ୍ୟା ଘଟଣାକୁ ନେଇ ଉତ୍ତେଜନା ଲାଗିରହିଥିବାବେଳେ ବୁଧବାର ରାତିରେ ରାଜବାରି ଜିଲାରେ ଆଉଜଣେ ହିନ୍ଦୁଙ୍କୁ ଗ୍ରାମବାସୀ ପିଟିମାରିଦେଇଛନ୍ତି। ବଟିଆଦାୟ ଅଭିଯୋଗରେ ତାଙ୍କୁ ହତ୍ୟା କରାଯାଇଥିବା ଜଣାପଡ଼ିଛି। ମୃତକ ଜଣକ ୩୦ ବର୍ଷୀୟ ଅମ୍ରିତ୍ ମଣ୍ଡଳ ଓରଫ ସମ୍ରାଟ। ଗୁରୁତର ଅବସ୍ଥାରେ ପୋଲିସ ତାଙ୍କୁ ହସ୍ପିଟାଲକୁ ନେଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ସମ୍ରାଟଙ୍କ ଜଣେ ସହଯୋଗୀ ମହମ୍ମଦ ସେଲିମ୍‌ଙ୍କୁ ଅଟକ ରଖିବା ସହ ୨ଟି ବନ୍ଧୁକ ଜବତ କରିଛି। ସମ୍ରାଟଙ୍କ ନାମରେ ହତ୍ୟା ସମେତ ୨ଟି ମାମଲା ରହିଥିଲା। ସେ ସମ୍ରାଟ ବାହିନୀ ନାମରେ ସଂଗଠନ ଗଢ଼ି ସ୍ଥାନୀୟ ଲୋକଙ୍କୁ ଧମକଚମକ ଦେଇ ବଟି ଆଦାୟ କରୁଥିଲେ। ଦୀର୍ଘଦିନ ଭାରତରେ ରହି ସେ ନିକଟରେ ବାଂଲାଦେଶ ଫେରିଥିଲେ।

## ବୁଡ଼ାଜାହାଜରୁ କେ-୪ ମିଶାଇଲର ସଫଳ ପରୀକ୍ଷା



ନୂଆଦିଲ୍ଲୀ, ୨୫।୧୨

ବଙ୍ଗୋପସାଗରରେ ଭାରତୀୟ ବୁଡ଼ାଜାହାଜ ଆଇଏନ୍‌ଏସ୍ ଅରିଘାତରୁ ଆଣବିକ ଶକ୍ତିସମ୍ପନ୍ନ କେ-୪ କ୍ଷେପଣାସ୍ତ୍ରର ପରୀକ୍ଷା ସଫଳତାର ସହ କରାଯାଇଛି। ଏହି ସବ୍‌ମେରାଇନ ଲଞ୍ଚଡ ବାଲିଷ୍ଟିକ୍ ମିଶାଇଲ (ଏସ୍‌ଏଲ୍‌ବିଏମ୍) ୩,୫୦୦ କିଲୋମିଟର ରହିଥିବା କେନ୍ଦ୍ର କହିଛି। ୨୦୨୪ ଅଗଷ୍ଟରେ ଆଇଏନ୍‌ଏସ୍ ଅରିଘାତ ଭାରତୀୟ ସେନାରେ ସାମିଲ ହୋଇଥିଲା। ଏହା ଭାରତର ସଦ୍ୟତମ ଆଣବିକ ଶକ୍ତିସମ୍ପନ୍ନ ବୁଡ଼ାଜାହାଜ। ଏଥିରେ କେ-୪ ମିଶାଇଲ୍ ସାମିଲ କରାଯାଇଥିବାରୁ ଏହା ଭାରତର ସାମରିକ ମୁକାବିଲା ସାମର୍ଥ୍ୟ ବଢ଼ାଇବ।

# ଆରାବଳୀ: ନୂଆ ଖନନ ସମ୍ପୂର୍ଣ୍ଣ ବନ୍ଦ

ନୂଆଦିଲ୍ଲୀ, ୨୫।୧୨

ଆରାବଳୀ ପର୍ବତମାଳାରେ ନୂଆ ଖନନ ସକାଶେ ଲିଜ୍ ପ୍ରଦାନ ଉପରେ ସମ୍ପୂର୍ଣ୍ଣ କଟକଣା ଜାରି କରିବା ପାଇଁ କେନ୍ଦ୍ର ସରକାର ବୁଧବାର ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଆରାବଳୀ ଗିରିଶୃଙ୍ଗର ସୁରକ୍ଷା ପାଇଁ ଏକ ବିସ୍ତୃତ ମ୍ୟାନେଜ୍‌ମେଣ୍ଟ ଯୋଜନା ପ୍ରସ୍ତୁତ ନ ହେବା ପର୍ଯ୍ୟନ୍ତ ନୂଆ ମାଇନିଂ ଲିଜ୍‌ଗୁଡ଼ିକ ଉପରେ ସୁପ୍ରିମକୋର୍ଟଙ୍କ ଏକ ସଦ୍ୟ କଟକଣା ପରେ କେନ୍ଦ୍ର ଏହି ନିଷ୍ପତ୍ତି ନେଇଛି।

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି, ଦିଲ୍ଲୀ ଗୁଜରାଟ ପର୍ଯ୍ୟନ୍ତ ବିସ୍ତୃତ ସମଗ୍ର ଆରାବଳୀ ଗିରିଶୃଙ୍ଗକୁ ବେଆଇନ ଖନନରୁ ସୁରକ୍ଷା ଦେବା ପାଇଁ ଏକ ବଡ଼ ପଦକ୍ଷେପ ନିଆଯାଇଛି। ରାଜ୍ୟଗୁଡ଼ିକ କୌଣସି ନୂଆ ଖନନ ଲିଜ୍ ପ୍ରଦାନ କରିପାରିବେ ନାହିଁ। ଗୁଜରାଟରୁ ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍) ଯାଏ ଚାଲିଥିବା ସମସ୍ତ ଅନିୟନ୍ତ୍ରିତ ଖନନ କାର୍ଯ୍ୟକଳାପ ବନ୍ଦ କରିବାକୁ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ସମଗ୍ର ଆରାବଳୀର ଆଉ କେଉଁ ଅଞ୍ଚଳଗୁଡ଼ିକରେ ଖନନ ବନ୍ଦ କରାଯିବା ଉଚିତ, ତାହା ମଧ୍ୟ ଚିହ୍ନଟ କରିବାକୁ ଭାରତର ଜଙ୍ଗଲ ଗବେଷଣା ଓ ଶିକ୍ଷା ପରିଷଦ (ଆଇସିଏଫ୍‌ଆର୍‌ଇ)କୁ ନିର୍ଦ୍ଦେଶ ଦିଆଯାଇଛି। ଆଇସିଏଫ୍‌ଆର୍‌ଇ ଏକ ବିଜ୍ଞାନଭିତ୍ତିକ ବିସ୍ତୃତ ମ୍ୟାନେଜ୍‌ମେଣ୍ଟ ପ୍ଲାନ୍ ଫର୍ ସଷ୍ଟେନେବଲ ମାଇନିଂ (ଏମ୍‌ପିଏସ୍‌ଏମ୍) ପ୍ରସ୍ତୁତ କରିବ, ଯାହାକୁ ବିଭିନ୍ନ ପକ୍ଷଙ୍କ ବିଚାରବିମର୍ଶ ଓ ମତାମତ ପାଇଁ ସାର୍ବଜନୀନ କରାଯିବ। ବର୍ତ୍ତମାନ ଚାଲିଥିବା ଖନନ କାର୍ଯ୍ୟକୁ କଡ଼ାକଡ଼ି ପାଳନ କରାଯିବ। ପରିବେଶ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ଅତିରିକ୍ତ କଟକଣା ଲାଗୁ କରାଯିବ। ଏହି କଟକଣା ଆରାବଳୀର ସମସ୍ତ ଅଞ୍ଚଳରେ ସମାନ ଭାବେ ଲାଗୁ ହେବ ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଦିଲ୍ଲୀ, ହରିୟାଣା, ରାଜସ୍ଥାନ ଓ ଗୁଜରାଟ ପର୍ଯ୍ୟନ୍ତ ପରିବ୍ୟାପ୍ତ ଆରାବଳୀ ହେଉଛି ବିଶ୍ୱର ଅନ୍ୟତମ ପ୍ରାଚୀନ ପର୍ବତମାଳା, ଯାହାକି ସମ୍ପୃକ୍ତ ଅଞ୍ଚଳରେ ପ୍ରଦୂଷଣ ରୋକିବା ସହ ଭୂତଳ ଜଳ ସଂରକ୍ଷଣ ଦିଗରେ ବିଶେଷ ସହାୟକ ହୋଇଥାଏ। ୨୦୨୫ ନଭେମ୍ବରରେ ସୁପ୍ରିମକୋର୍ଟ ପରିବେଶ ମନ୍ତ୍ରଣାଳୟ ନେତୃତ୍ୱାଧୀନ ଏକ କମିଟିର ସୁପାରିସକୁ ଗ୍ରହଣ କରିଥିଲେ, ଯହିଁରେ ଆରାବଳୀର ଏକକ ଆଇନଗତ ସଂଜ୍ଞା ପରିଭାଷିତ ହୋଇଥିଲା। ତହିଁରେ ଆରାବଳୀ ହିଲ୍‌କୁ ୧୦୦ ମିଟର ଉଚ୍ଚତା ଉପରେ ଅବସ୍ଥିତ ପର୍ବତ ଘେରା ଏକ ଅଞ୍ଚଳ ବୋଲି ଦର୍ଶାଯାଇଥିଲା। ଅନ୍ୟପକ୍ଷେ ଏହାଦ୍ୱାରା ବେଆଇନ ଖନନ ବଢ଼ିବା ସହ ପରିବେଶ ଧ୍ୱଂସହେବ ବୋଲି ବିରୋଧୀ କଂଗ୍ରେସ ସମାଲୋଚନା କରିଥିଲା।



### ଲୋକଙ୍କୁ ବିଭ୍ରାନ୍ତ କରୁଛି କେନ୍ଦ୍ର: କଂଗ୍ରେସ

ଆରାବଳୀ ପ୍ରସଙ୍ଗରେ କେନ୍ଦ୍ର ସରକାର ଡ୍ୟାମେଜ୍ କଣ୍ଟ୍ରୋଲ ପାଇଁ ଲୋକଙ୍କୁ ବିଭ୍ରାନ୍ତ କରୁଛନ୍ତି ବୋଲି ବୁଧବାର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର କଟକଣା ଜାରି ପରେ କଂଗ୍ରେସ ସମାଲୋଚନା କରିଛି। କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ Xରେ ଉଲ୍ଲେଖ କରିଛନ୍ତି, ଡ୍ୟାମେଜ୍ କଣ୍ଟ୍ରୋଲ ପାଇଁ ଏଭଳି ନିର୍ବୋଧ ଉଦ୍ୟମ କାହାକୁ ବୋକା ବନାଇପାରିବ ନାହିଁ। ଆରାବଳୀକୁ ସୁରକ୍ଷା ଦିଆଯାଉନାହିଁ, ବରଂ ବିକ୍ରି କରାଯାଉଛି ବୋଲି ସେ ଅଭିଯୋଗ ଆଣିଛନ୍ତି।

## ସେନ୍‌ଗାରଙ୍କ ଜେଲଦଣ୍ଡ ସ୍ଥଗିତ ନିର୍ଦ୍ଦେଶକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ

**ଉନ୍ନାଓ ବଳାତ୍କାର ମାମଲା**

ନୂଆଦିଲ୍ଲୀ, ୨୫।୧୨ (ପି.ଟି.)

୨୦୧୭ ଉନ୍ନାଓ ବଳାତ୍କାର ମାମଲାରେ ବହିଷ୍କୃତ ଭାଜପା ନେତା କୁଲଦୀପ୍ ସିଂ ସେନ୍‌ଗାରଙ୍କ ଜେଲଦଣ୍ଡକୁ ଦିଲ୍ଲୀ ହାଇକୋର୍ଟ ସ୍ଥଗିତ ରଖିଥିବାବେଳେ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ଉପରେ ସ୍ଥଗିତାଦେଶ ଲଗାଇବା ପାଇଁ ଆବେଦନକାରୀ ଅଞ୍ଜଲେ ପଟେଲ୍ ଏବଂ ପୂଜା ଶିଳ୍ପକର ପିଟିଶନରେ ନିବେଦନ କରିଛନ୍ତି। ବଳାତ୍କାର ମାମଲାରେ ତଳକୋର୍ଟ ସେନ୍‌ଗାରଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ ଶୁଣାଇଥିଲେ। ତଳକୋର୍ଟଙ୍କ ରାୟକୁ ଅନୁଧ୍ୟାନ ନ କରି ହାଇକୋର୍ଟ ରାୟ ଦେଇଥିବା ଆବେଦନକାରୀ ଦର୍ଶାଇଛନ୍ତି। ସେନ୍‌ଗାରଙ୍କ ବିରୋଧରେ ପୂର୍ବରୁ ଗମ୍ଭୀର ଆପରାଧିକ ମାମଲା ଥିବା ଏବଂ ସେ ବଳାତ୍କାରରେ ସାମିଲ ଥିବା ପ୍ରମାଣିତ ହୋଇଥଲା। ଗତ ୨୩ରେ ହାଇକୋର୍ଟ ଦୋଷୀସାବ୍ୟସ୍ତ ସେନ୍‌ଗାରଙ୍କ ଜେଲ ଦଣ୍ଡାଦେଶକୁ ସ୍ଥଗିତ ରଖିଥିଲେ। ଅପରାଧୀ ୭ ବର୍ଷ ୫ ମାସ ଜେଲରେ କଟାଇସାରିଲେଣି ବୋଲି ହାଇକୋର୍ଟ କହିଥିଲେ।

## ଭାରତରେ ମ୍ୟାଲେରିଆ ମାମଲା କମିଛି: ଆଇସିଏମ୍‌ଆର୍ ରିପୋର୍ଟ

ନୂଆଦିଲ୍ଲୀ, ୨୫।୧୨

ଭାରତରେ ମ୍ୟାଲେରିଆ ମାମଲା ୨୦୧୫ରେ ୧୧.୭ ଲକ୍ଷ ଥିବାବେଳେ ୨୦୨୪ରେ ତାହା ୨,୨୭,୦୦୦କୁ ହ୍ରାସ ପାଇଛି, ଅର୍ଥାତ୍ ୮୦ରୁ ୮୫ ପ୍ରତିଶତ କମିଥିବା ଆଇସିଏମ୍‌ଆର୍ (ଇଣ୍ଡିଆନ୍ କାଉନ୍‌ସିଲ ଅଫ୍ ମେଡିକାଲ ରିସର୍ଚ୍ଚ)ର ସଦ୍ୟତମ ରିପୋର୍ଟରେ କୁହାଯାଇଛି। ମ୍ୟାଲେରିଆଜନିତ ମୃତ୍ୟୁସଂଖ୍ୟା ଏହି ସମୟ ମଧ୍ୟରେ ୩୮୪ରୁ ୮୩କୁ ଖସିଛି ବା ୭୮ ପ୍ରତିଶତ ହ୍ରାସ ଘଟିଛି। ମ୍ୟାଲେରିଆ ସମସ୍ୟା କମାଇବାରେ ଭାରତ ଉଲ୍ଲେଖନୀୟ ଏବଂ ଲଗାତାର ପ୍ରଗତି କରିଥିବା ମ୍ୟାଲେରିଆ ବିନାଶ ଦିଗରେ ଭାରତର ଅଗ୍ରଗତି-ଟେକ୍ନିକାଲ ରିପୋର୍ଟ ୨୦୨୫ରେ କୁହାଯାଇଛି। ସମ୍ପ୍ରତି ୯୨ ପ୍ରତିଶତ ଜିଲାରେ ବାର୍ଷିକ ମ୍ୟାଲେରିଆ ସଂକ୍ରମଣ ୧ରୁ କମ୍ ରହିଛି। ଅର୍ଥାତ୍ ଭାରତ ମ୍ୟାଲେରିଆ ବିନାଶର ପ୍ରାରମ୍ଭିକ ପର୍ଯ୍ୟାୟରେ ପହଞ୍ଚି ଆଗାମୀ ଦିନରେ ଆହୁରି ଉନ୍ନତ ସ୍ଥାନରେ ରହିବାକୁ ଯାଉଛି ବୋଲି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା କହିଛନ୍ତି।

# ଦେଶର ବିକାଶ ଅଟଳଜୀଙ୍କ ଶ୍ରେୟ: ଯୋଗୀ

ଲକ୍ଷ୍ନୌ, ୨୫।୧୨

ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମବାର୍ଷିକୀରେ ଗୁରୁବାର ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଲୋକ ଭବନଠାରେ ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀ ମହାମାନା ପଣ୍ଡିତ ମଦନ ମୋହନ ମାଲବ୍ୟ ଏବଂ ରାଜା ବିଜଲି ପାସିଙ୍କୁ ସେମାନଙ୍କ ଜନ୍ମଦିନରେ ଶ୍ରଦ୍ଧା ସୁମନ ଅର୍ପଣ କରିବା ସହ ଉକ୍ତ ସମ୍ପ୍ରଦାୟଙ୍କୁ କ୍ରିସ୍‌ମାସ ଅଭିନନ୍ଦନ ଜଣାଇଛନ୍ତି। ଅଟଳଜୀଙ୍କ ଜନ୍ମବାର୍ଷିକୀ ରାଷ୍ଟ୍ର ପାଇଁ ଏକ ଶୁଭ ଅବସର। ଲକ୍ଷ୍ନୌରୁ ପ୍ରତିନିଧିତ୍ୱ କରୁଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳଜୀ ଦେଶକୁ ବିକାଶର ନୂଆ ଦୃଷ୍ଟିକୋଣ ଦେଇଥିଲେ ଏବଂ ଭାରତକୁ ପ୍ରଗତି ପଥରେ ସ୍ଥାପନ କରିଥିଲେ। ଚଳିତ ବର୍ଷ ତାଙ୍କର ଜନ୍ମ ଶତବାର୍ଷିକୀ ପାଳନ ହେଉଥିବାରୁ ଏହା ସ୍ୱତନ୍ତ୍ର ଭାବେ ଉଲ୍ଲେଖନୀୟ। ଏହାକୁ ମନେରଖିବା ପାଇଁ ସାରା ଦେଶର ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନଗୁଡ଼ିକରେ ଅଟଳଜୀଙ୍କ କବିତା, ଲେଖା ଉପରେ ଆଲୋଚନା ଏବଂ ସାମ୍ବାଦିକତା, ସଂସଦ ଏବଂ ଅନ୍ତର୍ଜାତୀୟ ଫୋରମ୍‌ରେ ସେ ଦେଇଥିବା ଗୁରୁତ୍ୱପୂର୍ଣ୍ଣ ବକ୍ତୃତାଗୁଡ଼ିକ ଉପରେ ବିଚାରବିମର୍ଶ କରାଯାଉଛି।

ଅଟଳଜୀ ସର୍ବାଧିକ ସମୟ ଉତ୍ତରପ୍ରଦେଶରୁ ପାର୍ଲାମେଣ୍ଟରେ ପ୍ରତିନିଧିତ୍ୱ କରିଥିଲେ। ତାଙ୍କର ଉତ୍ତୁଙ୍ଗ ବ୍ୟକ୍ତିତ୍ୱ, ରାଷ୍ଟ୍ର ନାୟକତ୍ୱ ଏବଂ ସଫଳତା ଦେଶର ଅନେକ ପିଢ଼ିଙ୍କୁ ଅନୁପ୍ରାଣିତ କରୁଥିବ ବୋଲି ଯୋଗୀ କହିଛନ୍ତି। ଅଟଳଜୀଙ୍କ ଲିଗାସିର ସଂରକ୍ଷଣ ଏବଂ ତାଙ୍କ ବିଚାରଧାରାକୁ ବଳବତ୍ତର ରଖିବା ଲାଗି ଡବଲ ଇଞ୍ଜିନ୍ ସରକାର ଲକ୍ଷ୍ନୌରେ ରାଷ୍ଟ୍ର ପ୍ରେରଣା ସ୍ଥଳ ନିର୍ମାଣ କରିଛନ୍ତି। ସେଠାରେ ୩ ଜଣ ମହାନ ରାଷ୍ଟ୍ରୀୟ ନେତାଙ୍କ ପ୍ରତିମୂର୍ତ୍ତି ସାଙ୍ଗକୁ ଡିଜିଟାଲ ମ୍ୟୁଜିୟମ୍ ରହିଛି। ଶ୍ୟାମ ପ୍ରସାଦ ମୁଖାର୍ଜୀଙ୍କ ପ୍ରତିମୂର୍ତ୍ତି ଜାତୀୟ ଏକତା ଓ ଅଖଣ୍ଡତାର ବାର୍ତ୍ତା ଦେଉଥିବାବେଳେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଅନ୍ତ୍ୟୋଦୟ ଦର୍ଶନ ଏବଂ ଅଟଳ ବିହାରୀ ବାଜପେୟୀଙ୍କ ବିଚାରଧାରା ଏକତ୍ର ସୌହାର୍ଦ୍ଦ୍ୟ ଏବଂ ସମଗ୍ରତା ସହ 'ଏକ ଭାରତ-ଶ୍ରେଷ୍ଠ ଭାରତ' ଦୂରଦୃଷ୍ଟିକୁ ସୁଦୃଢ଼ କରିବା ପାଇଁ ନିର୍ଦ୍ଦେଶ ଦେଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଷ୍ଟ୍ର ପ୍ରେରଣା ସ୍ଥଳର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ବ୍ରଜେଶ ପାଠକ, କୃଷିମନ୍ତ୍ରୀ ସୂର୍ଯ୍ୟପ୍ରତାପ ଶାହି, ଜଳଶକ୍ତି ମନ୍ତ୍ରୀ ସ୍ୱତନ୍ତ୍ର ଦେବ ସିଂ, ମେୟର ସୁଷମା ଖରକ୍ୱାଲ ଏବଂ ଏମ୍‌ଏଲ୍‌ସି ଗୋବିନ୍ଦ ନାରାୟଣ ଶୁକ୍ଳା ପ୍ରମୁଖ ଉପସ୍ଥିତ ଥିଲେ।

**ଜନ୍ମବାର୍ଷିକୀରେ ବାଜପେୟୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ ୟୁପି ମୁଖ୍ୟମନ୍ତ୍ରୀ**



## ସାନ୍ତାଳୀ ଭାଷାରେ ସମ୍ବିଧାନକୁ ଉନ୍ମୋଚନକଲେ ରାଷ୍ଟ୍ରପତି

ନୂଆଦିଲ୍ଲୀ, ୨୫।୧୨ (ପି.ଟି.)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁବାର ସାନ୍ତାଳୀ ଭାଷାରେ ଭାରତର ସମ୍ବିଧାନକୁ ଉନ୍ମୋଚନ କରିଛନ୍ତି। ଆଇନରେ ସଂଶୋଧନ ଅଣାଯାଇ ସାନ୍ତାଳୀ ଭାଷାକୁ ଅଷ୍ଟମ ଅନୁଚ୍ଛେଦରେ ସାମିଲ କରାଯାଇଥିଲା। ଓଡ଼ିଶା, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଏବଂ ବିହାରର ଆଦିବାସୀ ଲୋକମାନେ ସାନ୍ତାଳୀ ଭାଷାକୁ ବହୁଳ ବ୍ୟବହାର କରିଥାନ୍ତି। ସାନ୍ତାଳୀ ଭାଷା ଏବଂ ଅଲ୍‌ଚିକି ଲିପିରେ ସମ୍ବିଧାନ ଲେଖାଯାଇଥିବାରୁ ଏହା ସାନ୍ତାଳୀ ଲୋକମାନଙ୍କ ପାଇଁ ଗର୍ବ ଓ ଆନନ୍ଦର ଦିନ ବୋଲି ରାଷ୍ଟ୍ରପତି କହିଛନ୍ତି। ଏହି କାର୍ଯ୍ୟ ପାଇଁ ରାଷ୍ଟ୍ରପତି କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଓ ତାଙ୍କ ଟିମ୍‌କୁ ଉଚ୍ଚ ପ୍ରଶଂସା କରିଛନ୍ତି। ଉନ୍ମୋଚନ କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ଏବଂ ମେଘୱାଲ ପ୍ରମୁଖ ଉପସ୍ଥିତ ଥିଲେ।




## ଫିଟିବ ପୂଜାଙ୍କ ଭାଗ୍ୟ

ଅଭିନେତ୍ରୀ ପୂଜା ହେଗ୍‌ଡେ ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ରରେ ମଧ୍ୟ ବହୁତ ପ୍ରସିଦ୍ଧ। ୨୦୧୬ରେ ସେ ଫିଲ୍ମ ମହେଞ୍ଜୋଦାରୋ ସହିତ ଡେବ୍ୟୁ କରିଥିଲେ। ଏହା ବକ୍ସ ଅଫିସରେ ଭଲ ପ୍ରଦର୍ଶନ କରିଥିଲା। ତାଙ୍କର ବଲିଉଡ ଅପେକ୍ଷା ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ର ଜଗତରେ ଅଧିକ ପ୍ରଭାବ ଥିବା ପରି ମନେହୁଏ। ୨୦୨୫ରେ, ସେ 'ଦେବା'ରେ ଶାହିଦ କପୁରଙ୍କ ବିପକ୍ଷରେ ନଜର ଆସିଥିଲେ। ରଜନୀକାନ୍ତଙ୍କ ଅଭିନୀତ 'କୁଲି' ଫିଲ୍ମରେ ଏକ ଡ୍ୟାନ୍ସ ନମ୍ବରରେ ମଧ୍ୟ ନଜର ଆସିଥିଲେ ସେ। ଯଦିଓ ୨୦୨୫ ତାଙ୍କ କ୍ୟାରିଅର ପାଇଁ ବିଶେଷ କିଛି ନ ଥିଲା, ମାତ୍ର ଏହି ଅଭିନେତ୍ରୀ ଏବେ ଭବିଷ୍ୟତ ପାଇଁ ପ୍ରସ୍ତୁତ ହେଉଛନ୍ତି। ଥଲପତି ବିଜୟଙ୍କ ସହ ପୂଜା ଏକ ଚଳଚ୍ଚିତ୍ରରେ ପ୍ରମୁଖ ଭୂମିକାରେ ଦେଖାଦେବେ। ଏହି ଚଳଚ୍ଚିତ୍ରଟି ସମଗ୍ର ଭାରତରେ ମୁକ୍ତିଲାଭ କରିବ ଏବଂ ନିର୍ମାତାମାନେ ଏହାକୁ ହିନ୍ଦୀରେ 'ଜନ ନେତା' ନାମରେ ନାମିତ କରିଛନ୍ତି। ପୂଜାଙ୍କ ବ୍ୟତୀତ ଏହି ଫିଲ୍ମରେ ବବି ଦେଓଲ ମଧ୍ୟ ନଜର ଆସିବେ, ଯିଏ ଖଳନାୟକ ଭୂମିକାରେ ଅଭିନୟ କରିବେ। ଫିଲ୍ମରେ ମମିତା ବୈଜୁ, ପ୍ରକାଶ ରାଜ, ନାରାୟଣ ଏବଂ ପ୍ରିୟମଣିଙ୍କ ଭଳି କଳାକାରମାନେ ମଧ୍ୟ ସାମିଲ ଅଛନ୍ତି। 'ଜନ ନାୟାଗନ' ଜାନୁଆରୀ ୯ ତାରିଖରେ ମୁକ୍ତିଲାଭ କରିବ।

## ସଂକ୍ଷେପରେ

### ବାଜପେୟୀ ଜୟନ୍ତୀ ପାଳିତ

**ନୂଆପଡ଼ା,୨୫।୧୨ (ମକାରୁ ବେମାଲ):** ନୂଆପଡ଼ା ଭାଜପା ଜିଲା କାର୍ଯ୍ୟାଳୟଠାରେ ଗୁରୁବାର ଭାଜପା ପକ୍ଷରୁ ଭାରତ ରତ୍ନ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ ତମ ଜୟନ୍ତୀ ପାଳିତ ହୋଇଯାଇଛି । ଜିଲା ସଭାପତି କମଲେଶ ଦୀକ୍ଷିତଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ରାଜ୍ୟ ସଭାପତି ବସନ୍ତ କୁମାର ପଣ୍ଡା, ସୁଶାନ୍ତ କୁମାର ପତି, ଯୁବ ମୋର୍ଚ୍ଚା ଜିଲା ସଭାପତି ଅଭିନନ୍ଦନ ପଣ୍ଡା, ପୂର୍ବତନ ଜିଲା ସମ୍ପାଦକ ତୁଳସ ପଟେଲ, ଯୁବ ମୋର୍ଚ୍ଚା ଜିଲା ସମ୍ପାଦକ ସଦାନନ୍ଦ ଯୋଶୀ, ମୁନ୍ନା ମହାପାତ୍ର, ଗୋବିନ୍ଦ ଦଣ୍ଡସେନା ପ୍ରମୁଖ ଯୋଗଦେଇ ବାଜପେୟୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ।

### ଶୀତକାଳୀନ ସ୍ୱତନ୍ତ୍ର ଜାତୀୟ ସେବା ଶିବିର

**ଲୋଇସିଂହା,୨୫।୧୨(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ୍ କୁଶଙ୍ଗ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ସିଂଘାଣୀମୁଣ୍ଡା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶୀତକାଳୀନ ସ୍ୱତନ୍ତ୍ର ଜାତୀୟ ସେବା ଶିବିର ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ କଲେଜର ୫୦ ଜଣ ଶିବିରାର୍ଥୀ ସପ୍ତାହ ବ୍ୟାପୀ ବିଭିନ୍ନ ତାଲିମ ନେବେ। କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ ପରମେଶ୍ୱର ସିଂ ଏହାକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଆଭାସ ରଞ୍ଜନ ସାହୁ ଶିବିରାର୍ଥୀଙ୍କୁ ଏନ୍‌ଏସ୍‌ଏସ୍‌ର ନୀତିନିୟମ ସମ୍ପର୍କରେ ଅବଗତ କରିଥିଲେ। ଏଥିରେ ଅଧ୍ୟାପକ ଝସକେତନ ମିଶ୍ର, ସରୋଜ ସାହୁ, ଦେବରାଜ ଭୋଇ, ସୁବ୍ରତ ବିଶି, ଋଷଭ ନାଏକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

### ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ

**ଖଡ଼ିଆଳ,୨୫।୧୨ (ସୁଜିତ କୁମାର ପ୍ରଧାନ):** ଖଡ଼ିଆଳ ପବ୍ଲିକ୍ ସ୍କୁଲର ୩୪ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ବିନୋଦ ଅଗ୍ରୱାଲ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଖଡ଼ିଆଳ ଏନ୍‌ଏସି ଅଧ୍ୟକ୍ଷ ଉଜ୍ଜ୍ୱଳ ଗୁପ୍ତା, ମୁଖ୍ୟବକ୍ତା ଭାବେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ରୋହିତ ଅଗ୍ରୱାଲ, ପରିଚାଳନା କମିଟି ସମ୍ପାଦକ ଚିତ୍ତରଞ୍ଜନ ସିଂଦେଓ ଯୋଗଦାନ କରିଥିଲେ। ସ୍କୁଲ ଅଧ୍ୟକ୍ଷ ଏଲ୍. ଶ୍ରୀନିବାସ ବାର୍ଷିକ ବିବରଣୀ ପଠନ କରିଥିଲେ। ଏହି ଅବସରରେ ପୁରାତନ ଛାତ୍ର ଡ. ଦେବାଶିଷ ଠାକୁର, ଡ. ଅନୁଗ୍ରହ ଜାଲ ଓ ଡ. ପ୍ରଜ୍ଞାଜିତ ନାଏକଙ୍କୁ ମାନପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା।

### ପିଏମ୍ ଯୁବା ମେଣ୍ଟରଶିପ ୩.୦ ପାଇଁ ପଲ୍ଲବୀ ମନୋନୀତ



**ଭବାନୀପାଟଣା,୨୫।୧୨(ଉତ୍ତମ କୁମାର ଦାଶ):** ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଓ ନୂଆଦିଲ୍ଲୀ ନ୍ୟାଶନାଲ ବୁକ୍‌ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ପିଏମ୍ ଯୁବା ମେଣ୍ଟରଶିପ ୩.୦ ଚଳିତବର୍ଷ ପାଇଁ ଇଂରାଜୀ ସାହିତ୍ୟରେ କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ସନ୍ୟାସୀକୁଣ୍ଡାମାଲ ଗ୍ରାମର ଯୁବ ଲେଖିକା ପଲ୍ଲବୀ ରାଉତ ମନୋନୀତ ହୋଇଛନ୍ତି। ନୂଆଦିଲ୍ଲୀ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ)ରେ ସେ ଇଂରାଜୀ ସାହିତ୍ୟରେ ସ୍ନାତକୋତ୍ତର ଡିଗ୍ରୀ ଲାଭ କରିବା ସହିତ ପୂର୍ବରୁ ଭବାନୀପାଟଣା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରୁ ଇଂରାଜୀ ସାହିତ୍ୟରେ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ପଲ୍ଲବୀ ସିପିଇଟି ୨୦୨୨ ଇଂରାଜୀ ବିଭାଗରେ ଓଡ଼ିଶାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ବର୍ତ୍ତମାନ ସେ ୟୁଜିସି ଏନ୍‌ଇଟି ଜେଆର୍‌ଏଫ୍ ଡିସେମ୍ବର ୨୦୨୪ ଏବଂ ଗେଟ୍ ୨୦୨୫ରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। କବି, ଗବେଷିକା ଡ. ଯାଜ୍ଞସେନୀ ପ୍ରଧାନୀ ଓ ମକରଧ୍ୱଜ ରାଉତଙ୍କ ସୁପୁତ୍ରୀ ପଲ୍ଲବୀ ପରିବାର ବର୍ତ୍ତମାନ ଭବାନୀପାଟଣା ସହର ନକଟିଗୁଡ଼ାରେ ବସବାସ କରୁଛନ୍ତି। ତାଙ୍କର ଏହି ସଫଳତାରେ କଳାହାଣ୍ଡିର ଯୁବ ଲେଖକ ଲେଖିକା ତଥା ପ୍ରଶଂସକଙ୍କ ମହଲରେ ଖୁସିର ଲହରି ଖେଳିଯାଇଛି। ସେ ଚଳିତବର୍ଷ ଇଂରାଜୀ ସାହିତ୍ୟରେ ପିଏଚ୍‌ଡି ଡିଗ୍ରୀ ନିମନ୍ତେ ଗବେଷଣା ପାଇଁ ଭୁବନେଶ୍ୱର ଆଇଆଇଟିରେ ମନୋନୀତ ହୋଇଛନ୍ତି।



ଜିଲାସ୍ତରୀୟ ସୁଶାସନ ଦିବସ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

# ସୁଶାସନ ଦିବସ, ବାଜପେୟୀଙ୍କ ସ୍ମୃତିଚାରଣ

**ଭବାନୀପାଟଣା,୨୫।୧୨(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲାସ୍ତରୀୟ ସୁଶାସନ ଦିବସ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ତମ ଜୟନ୍ତୀ ଭବାନୀପାଟଣାସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଳାହାଣ୍ଡି ଏମ୍‌ପି ମାଳବିକା ଦେବୀ ମୁଖ୍ୟ ଅତିଥି, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ, ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଦିନେଶ କୁମାର କହଁର, ସାଂସଦ ପ୍ରତିନିଧି ଜୟ ଶଙ୍କର ନାୟକ ସମ୍ମାନିତ ଅତିଥି ଓ ମୁଖ୍ୟ ବକ୍ତା ଭାବେ ଡ. ଉମେଶ ଚନ୍ଦ୍ର ଶତପଥି ଯୋଗଦେଇ ବାଜପେୟୀଙ୍କ ଫଟୋଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ମୁଖ୍ୟ ଅତିଥି ଏମ୍‌ପି ମାଳବିକା ଦେବୀ ବାଜପେୟୀଙ୍କ ସ୍ମୃତିଚାରଣ କରି ସୁଶାସନ ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ୀ, ଜିଲା ପର୍ଯ୍ୟଟନ ଅଧିକାରୀ ସୁବୋଧ ଛତ୍ରିଆ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବାଜପେୟୀଙ୍କ ଆଦର୍ଶ ଜୀବନୀ ସମ୍ପର୍କରେ କବିତା ପାଠ ଉତ୍ସବରେ ବହୁ ସଂଖ୍ୟାରେ କବି କବୟିତ୍ରୀ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମକୁ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ ପରିଚାଳନା କରିଥିଲେ। ଶେଷରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ନିଆଲ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



ସହର ପରିକ୍ରମା ପାଇଁ ରାଜବାଟି ପୂଜାପୀଠରୁ ବିଗ୍ରହକୁ ବୋହି ବାହାରୁଛନ୍ତି ବରୁଆ।

# ଲୋଇସିଂହାରେ ବଡ଼ଦେଓ ଯାତ୍ରା ସମ୍ପନ୍ନ

**ଲୋଇସିଂହା,୨୫।୧୨(ସୁଶାନ୍ତ ବାରିକ)–** ଆଦିବାସୀ ଗଣ୍ଡ ସମାଜ ତଥା ଲୋଇସିଂହା ଜମିଦାରଙ୍କ ପୃଷ୍ଠପୋଷକତାରେ ପ୍ରସିଦ୍ଧ ବାର୍ଷିକ ବଡ଼ଦେଓ ଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଯାତ୍ରା ପାଇଁ ଜମିଦାର ରାଜବାଟି ପରିସର ପୂଜାପୀଠରେ ମୁଖ୍ୟ ପୂଜକ ନୀତିକାନ୍ତି କରିସାରିବା ପରେ ଅପରାହ୍ନରେ ପାରମ୍ପରିକ ଚତୁର୍କୋଣ ବିଶିଷ୍ଟ କାଷ୍ଠନିର୍ମିତ କଳା ବିଗ୍ରହକୁ ୪ ଜଣ ବରୁଆ କାନ୍ଧରେ ବୋହି ରାଜବାଟି ଭିତରେ ପରିକ୍ରମା ସାରି ସର୍ବମୌକ୍ଷ ପାଇଁ ସ୍ଥାନୀୟ ଜଗନ୍ନାଥ ମନ୍ଦିର ଓ ଦୁର୍ଗାମଣ୍ଡପକୁ ଯାଇ ପୂଜାର୍ଚ୍ଚନା କରିବା ପରେ ସହର ପରିକ୍ରମା କରିଥିଲେ। ଏହି ସମୟରେ ପ୍ରତ୍ୟେକ ଘର ଅଗଣାରେ ପରିବାରର ମୁଖ୍ୟ ଉକ୍ତ ବରୁଆଙ୍କୁ ପୂଜାର୍ଚ୍ଚନାକରି ପରିବାରର ମଙ୍ଗଳକାମନା କରିଥାନ୍ତି। ଏହି ଯାତ୍ରା ଦେଖିବା ପାଇଁ ବିଭିନ୍ନ ସ୍ଥାନରୁ ଆସିଥିବା ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଶ୍ରଦ୍ଧାଳୁମାନେ ବିଗ୍ରହକୁ ଛୁଇଁ ପ୍ରଣାମ କରିବା ସହ ମଥାରେ କଳାଟିପା ଲଗାଇଥିଲେ। ନିଃସନ୍ତାନ ଦମ୍ପତି ସନ୍ତାନପ୍ରାପ୍ତି ଆଶାରେ ବିଗ୍ରହ ବୋହିଥିବା ବରୁଆଙ୍କ ଶରଣରେ ଆସି ଦଣ୍ଡବତ ହୋଇଥିଲେ। ବରୁଆମାନେ ସମ୍ପୃକ୍ତ ଦମ୍ପତିଙ୍କ ଉପରେ ମାଡ଼ି ଚାଲିଗଲେ ସେମାନଙ୍କ କୋଳ ପୂରିଉଠେ ବୋଲି ଧର୍ମୀୟ ବିଶ୍ୱାସ ରହିଆସିଛି। ଲୋଇସିଂହାର ବଡ଼ଦେଓ ଯାତ୍ରା ସମ୍ପନ୍ନ ହେଲା ପରେ ଆଖପାଖ ଗ୍ରାମରେ କନ୍ଧ ସମାଜ ପକ୍ଷରୁ ଏହି ବଡ଼ଦେଓ ଯାତ୍ରା ପାଳନ କରାଯିବାର ବିଧି ରହିଛି। ଏହି ଯାତ୍ରା ଜଗନ୍ନାଥ ସଂସ୍କୃତି ସହ ଯଥେଷ୍ଟ ସାମଞ୍ଜସ୍ୟ ରହିଥିବା ଜଣାପଡ଼ିଛି। ଲୋଇସିଂହାର ପ୍ରଥମ ମହିଳା ଜମିଦାର ଅର୍ଚ୍ଚନା ଦେବୀସିଂରାଏଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯାତ୍ରା ପାଳିତ ହୋଇଯାଇଛି ।

# ୮ମ ବର୍ଷରେ ଦଣ୍ଡପାଟ ଧନୁଯାତ୍ରା ମହୋତ୍ସବ

**ବେହେରା,୨୫।୧୨(ଭୂପେଶ ତିୱାରୀ)**



ଗ୍ରାମ ପରିକ୍ରମା କରୁଛି ମଶାଲ ଯାତ୍ରା।

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ବେହେରା ହାଇସ୍କୁଲ ପଡ଼ିଆଠାରେ ଅଷ୍ଟମ ଦଣ୍ଡପାଟ ଧନୁଯାତ୍ରା ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ମଧ୍ୟାହ୍ନ ସମୟରେ ବେହେରା ଦନ୍ତେଶ୍ୱରୀ ମନ୍ଦିରରେ ଦେବୀଙ୍କ ପୂଜନ ପୂର୍ବକ ଏକ ଭବ୍ୟ ମଶାଲଯାତ୍ରା ଗ୍ରାମ୍ୟ ପରିକ୍ରମା ପରେ ଉତ୍ସବ ପଡ଼ିଆରେ ସ୍ଥାପନ କରାଯାଇ ଶୁଭାରମ୍ଭର ଶଙ୍ଖନାଦ କରାଯାଇଥିଲା। ମଶାଲ ଯାତ୍ରାରେ ଅଞ୍ଚଳର ସହସ୍ରାଧିକ ଲୋକ ସାମିଲ ହୋଇଥିଲେ। ପ୍ରଥମ ସନ୍ଧ୍ୟାରେ ଉଗ୍ରସେନଙ୍କ ଗାଦିଚ୍ୟୁତ, ଦେବକୀ–ବସୁଦେବ ବିବାହ ଓ କଂସଙ୍କ ରାଜ୍ୟାଭିଷେକ ମଞ୍ଚସ୍ଥ ହୋଇଥିଲା। ଆୟୋଜକ କମିଟି ସଭାପତି ଲଳିତ ବାଣୁଆ, ଉପସଭାପତି ଭବେଶ ଗଇନ୍ତା, ସମ୍ପାଦକ ଗୁଣନିଧି ନାଗ, ସହସମ୍ପାଦକ ତ୍ରିଲୋକ ନାଥ ସିଂହ, କୋଷାଧ୍ୟକ୍ଷ ଭବାନୀ ବାରିକ, ବାଳକୃଷ୍ଣ ବିଶି, ବିନ୍ଦୁସାର ବିଶି ପ୍ରମୁଖ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ। ଏହି ମହୋତ୍ସବ ଆସନ୍ତା ଜାନୁଆରୀ ୩ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ମିନାବଜାର, ଆଲୋକ ସାଜସଜ୍ଜା ଓ କଂସ ଭୂମିକାରେ ସୋନପୁରର ଗୋପାଳ ପଣ୍ଡାଙ୍କ ଅଭିନୟ ଦର୍ଶକଙ୍କୁ ଆକୃଷ୍ଟ କରୁଥିବା ଦେଖାଯାଇଥିଲା।

# ଲାଞ୍ଜିଗଡ଼କୁ ଏନ୍‌ଏସି ଘୋଷଣା ପାଇଁ ମନ୍ତ୍ରୀଙ୍କୁ ଦାବିପତ୍ର

**ଲାଞ୍ଜିଗଡ଼,୨୫।୧୨(ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼କୁ ନୂତନ ଏନ୍‌ଏସି ଘୋଷଣା ପାଇଁ ଅଞ୍ଚଳବାସୀ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଲାଞ୍ଜିଗଡ଼ ଆଞ୍ଚଳିକ ଉନ୍ନୟନ ପରିଷଦ ସଭାପତି ଶ୍ରୀଧର ପେସନିଆଙ୍କ ନେତୃତ୍ୱରେ ଅଞ୍ଚଳବାସୀ ମନ୍ତ୍ରୀ ଦାବିପତ୍ର ଦେଇଛନ୍ତି। ଏହି ସମୟରେ ପୂର୍ବତନ ମନ୍ତ୍ରୀ ତଥା ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ ଉପସ୍ଥିତ ଥିଲେ। ଏହି ପ୍ରତିନିଧି ପ୍ରତିନିଧି ଦଳରେ ଲାଞ୍ଜିଗଡ଼ ଆଞ୍ଚଳିକ ଉନ୍ନୟନ ପରିଷଦ ସାଧାରଣ ସମ୍ପାଦକ ଶ୍ରୀମୁଖ ଅଗସ୍ତି, ପରିଷଦ ଉପଦେଷ୍ଟା ସଦସ୍ୟ ରାଜେନ୍ଦ୍ର ମାଳି, ଭାଜପା ଯୁବନେତା ପ୍ରତାପ ବାଗ ପ୍ରମୁଖ ଉପସ୍ଥିତ ଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଏହାକୁ ବିଚାରକୁ ନିଆଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ପରିଷଦ ସଭାପତି ପେସନିଆ ପ୍ରକାଶ କରିଛନ୍ତି।



ମନ୍ତ୍ରୀଙ୍କୁ ଦାବିପତ୍ର ଦେବା ଅବସରରେ ପରିଷଦ କର୍ମକର୍ତ୍ତା।

# ଦେଶ ପ୍ରତି ବାଜପେୟୀଙ୍କ ଅବଦାନକୁ ମନେପକାଇଲେ

**ନୂଆପଡ଼ା,୨୫।୧୨ (ମକାରୁ ବେମାଲ):** ଭାରତ ରତ୍ନ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଜିଲାସ୍ତରୀୟ ଜୟନ୍ତୀ ତଥା ସୁଶାସନ ଦିବସ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ସଦ୍‌ଭାବନା ଗୃହରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମଧୁସୂଦନ ଦାଶ ମୁଖ୍ୟ ଅତିଥି ଓ ଏସ୍‌ପି ଅମ୍ରିତପାଲ ସିଂ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲାପାଳ ସୁର୍ମି ସୋରେନ, ବରିଷ୍ଠ ଆଇନଜୀବୀ ପ୍ରସନ୍ନ କୁମାର ପାଢ଼ୀ, ଶିକ୍ଷାବିତ୍ କ୍ଷୀରୋଦ ନିବାସ ପଣ୍ଡା, ସିଡିଏମ୍‌ଓ ଡା. ଧନେଶ୍ୱର ସେଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବାଜପେୟୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଜିଲାପାଳ ନିଜ ଅଭିଭାଷଣରେ ଅଟଳଜୀ ପ୍ରକୃତ ଦେଶ ସେବକ, ମହାନ୍ ଜନନାୟକ ଓ ସୁଶାସନର ପ୍ରତୀକ ଥିଲେ ବୋଲି କହିଥିଲେ। ଏସ୍‌ପି ସିଂ କହିଥିଲେ, ବାଜପେୟୀ ଥିଲେ ଜଣେ ପ୍ରକୃତ ରାଷ୍ଟ୍ର ନେତା। ପୋଖରାନ ପରମାଣୁ ପରୀକ୍ଷା, ଦେଶରେ ଶିକ୍ଷା ଓ ଭିତ୍ତିଭୂମିର ବିକାଶରେ ତାଙ୍କ ଭୂମିକା ଅତୁଳନୀୟ। ଅତିଥିମାନେ ତାଙ୍କ ସ୍ମୃତିଚାରଣ କରିବା ସହ୍ ଦେଶ ପ୍ରତି ତାଙ୍କର ଅବଦାନକୁ ମନେପକାଇଥିଲେ। ସମାରୋହରେ କବି ଓ କବୟିତ୍ରୀ ଯୋଗଦେଇ ବାଜପେୟୀଙ୍କ ଜୀବନୀ ଉପରେ କବିତା ପାଠ କରିଥିଲେ। ଶେଷରେ ଅତିଥିମାନେ କବି, କବୟିତ୍ରୀଙ୍କୁ ପ୍ରମାଣପତ୍ର ଦେଇ ସମ୍ମାନିତ କରିଥିଲେ।



ଜଣେ କବୟିତ୍ରୀଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଉଛି।

# କ୍ରିସ୍‌ମାସ୍ ଡେ' ପାଳିତ

**କେସିଙ୍ଗା,୨୫।୧୨ (ତୁମେଶ୍ୱର ସାହୁ):** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ କୁର୍ଲୁପଡ଼ା ଗ୍ରାମର ନ୍ୟୁ ଲାଇଫ ମିଶନ ପରିସରରେ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ଡାଇରେକ୍ଟର ସିଆନି ହରପାଲ ଓ ଅଧ୍ୟକ୍ଷା ସୁଫଳା ନିଆଲଙ୍କ ନେତୃତ୍ୱରେ କ୍ରିସ୍‌ମାସ୍ ଡେ' ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଭାରତ ତୈଳ ଓ ଗ୍ୟାସ୍ ପ୍ରକଳ୍ପ ମ୍ୟାନେଜର ବିକାଶ ସମାଦ୍ଦେର ଯୋଗଦେଇ ଯିଶୁଙ୍କ ବାଣୀ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ କେସିଙ୍ଗା ବ୍ଲକ୍ ଅଧ୍ୟକ୍ଷ ଚନ୍ଦନ କୁମାର ସେନାପତି ଓ କେସିଙ୍ଗା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ବିନୟା କୁମାର ନାୟକ ଯୋଗଦେଇ ଏହି ଦିବସ ଉପରେ ବକ୍ତବ୍ୟ ରଖିଥିଲେ। ଏହି ଉପଲକ୍ଷେ ବ୍ଲକ୍‌ର ୧ ହଜାର ଗରିବ ବୃଦ୍ଧାବୃଦ୍ଧଙ୍କୁ ଅତିଥିମାନେ ଶୀତବସ୍ତ୍ର ବଣ୍ଟନ କରିଥିଲେ। ନ୍ୟୁ ଲାଇଫ୍ ମିଶନର ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ଦକ୍ଷତା ବୃଦ୍ଧି ତାଲିମ ଶିବିର

**ଲୋଇସିଂହା,୨୫।୧୨(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ୍ ନଅଗାଁ(ଖ) ପଲ୍ଲୀ ଆଲୋକ ପାଠାଗାରରେ ବ୍ଲକ୍ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଏବଂ ପାଠାଗାରର ମିଳିତ ଆନୁକୂଲ୍ୟରେ ସିବିଓମାନଙ୍କୁ ନେଇ ଚାଲିଥିବା ୨ ଦିନିଆ ଦକ୍ଷତା ବୃଦ୍ଧି ତାଲିମ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଅଂଶଗ୍ରହଣ କରିଥିବା ୬୫ରୁ ଊର୍ଦ୍ଧ୍ୱ ସିବିଓଙ୍କୁ ଜିଲା କୃଷି ଯୋଜନା ଅଧିକାରୀ ଦେବପ୍ରିୟ ପଣ୍ଡା, ସୁବମ କୁମାର ନାଏକ, ଆଶୀର୍ବାଦ ସାହୁ ପ୍ରମୁଖ ବିଭିନ୍ନ ତାଲିମ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଦିବସରେ ବ୍ଲକ୍‌ର ଝରଣୀପାଲି ଗ୍ରାମର ଏକ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଆୟୋଜିତ ପ୍ରାଥମିକ ଖାଦ୍ୟ ପ୍ରକ୍ରିୟାକରଣ କେନ୍ଦ୍ରକୁ ବ୍ଲକ୍ କୃଷି ସହକାରୀ ଟେକ୍ନିସିଆନ ମ୍ୟାନେଜର ଆନନ୍ଦ ଜୁଆଡି ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ କର୍ମଚାରୀ ପ୍ରସନ୍ନ ସାହୁ, ସତ୍ୟବ୍ରତ ସାହୁ, ମହେନ୍ଦ୍ର ପଧାନ, ଅଚ୍ୟୁତ କୁମ୍ଭାରଙ୍କ ସମେତ ଗ୍ରାମର ଚାଷୀମାନେ ଉପସ୍ଥିତ ଥିଲେ। ଗୋବିନ୍ଦ ବିଶି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ବାନରସେନାର ସାଙ୍ଗଠନିକ ସଭା

**ନୂଆପଡ଼ା,୨୫।୧୨ (ମକାରୁ ବେମାଲ):** ନୂଆପଡ଼ା ଜିଲା ବୋଡ଼େନ ବ୍ଲକ ପାତଳଗଙ୍ଗାଠାରେ ବାନର ସେନା ମଞ୍ଚ ପକ୍ଷରୁ ବୁଧବାର ଏକ ସାଙ୍ଗଠନିକ ସଭା ଅନୁଷ୍ଠିତ ହୋଇଯାଇଛି। ମଞ୍ଚ ସଭାପତି ଶେଷଦେବ ପ୍ରଧାନୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଭାଜପା ଯୁବମୋର୍ଚ୍ଚା ଜିଲା ସଭାପତି ଅଭିନନ୍ଦନ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ମଞ୍ଚର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଏହାପରେ ବୋଡ଼େନ ବ୍ଲକର ବିଭିନ୍ନ ପଞ୍ଚାୟତର ସଭାପତି ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା। ବାବେବିର ପଞ୍ଚାୟତର ରୁଦ୍ରମାଧବ ପଟେଲ, ରୋକାଲ ପଞ୍ଚାୟତର ଉନମତ ଅଦା, ଲିଟିସର୍ଗି ଚକ୍ରଧର ଜଗତ, ପରସରା ରୁଦ୍ରସିଂ ଧରୁଆ, ଲାରକା ହେମନ୍ତ ଯୋଶୀ, ବୋଡ଼େନ ଗୋବିନ୍ଦ ରାଉତ ଓ ବୋଇରଗାଁ ପଞ୍ଚାୟତର ଭଗତ ରାମ ନାଗ ସଭାପତି ଭାବରେ ମନୋନୀତ ହୋଇଛନ୍ତି। ପରେ ଆଗାମୀ ଦିନରେ ବ୍ଲକରେ ସେବା ମୂଳକ କାର୍ଯ୍ୟକ୍ରମ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି ସଭାରେ ଶତାଧିକ ମହିଳା ଓ ପୁରୁଷ ଯୋଗଦେଇଥିଲେ।

# ଉଦ୍‌ଯାପନୀ ସନ୍ଧ୍ୟାରେ 'ପଥଝଡ଼' ମଞ୍ଚସ୍ଥ



ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥିଗଣ।

**ଭବାନୀପାଟଣା, ୨୫।୧୨ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣା ଟାଉନ ହଲଠାରେ ସ୍ମାରକୀ ନାଟ୍ୟସଂସ୍ଥା ପକ୍ଷରୁ ଗତ ସୋମବାରଠାରୁ ଚାଲିଥିବା ନାଟ୍ୟରଶ୍ମି ପ୍ରଫୁଲ୍ଲ ରଥ ସ୍ମାରକୀ ଜାତୀୟ ନାଟକ ମହୋତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ସଂସ୍ଥାର ସଭାପତି ପ୍ରବୋଧ ରଥଙ୍କ ଅଧ୍ୟକ୍ଷତାରେ ଅତିଥି ଭାବେ ଜୁନାଗଡ ବିଧାୟକ ଦିବ୍ୟ ଶଙ୍କର ମିଶ୍ର, ବରିଷ୍ଠ ନାଟ୍ୟକାର ଉମେଶ ଚନ୍ଦ୍ର ଶତପଥୀ, ଶିକ୍ଷାବିତ୍ ଅଜୟ ମିଶ୍ର, ଲେଖକ କଳା ପରିଷଦ ସଭାପତି ଉମେଶ ଚନ୍ଦ୍ର ପଣ୍ଡା, କଳାହାଣ୍ଡି କଳାକାର ସଂଘ ସଭାପତି ପଦ୍ମନାଭ କୁମାର, ପ୍ରତିଭା ଅନୁଷ୍ଠାନର ସଭାପତି ଧାନାନନ୍ଦ ପଣ୍ଡା, ମହାବୀର ସାଂସ୍କୃତିକ ଅନୁଷ୍ଠାନର ସଭାପତି ଶାନ୍ତନୁ ବେହେରା ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ନାଟକ 'ପଥଝଡ' ମଞ୍ଚସ୍ଥ ହୋଇଥିଲା। ନାଟକଟି ପ୍ରତିଚ୍ଛବି ବନାମ ବାସ୍ତବତାର ସନ୍ଦେଶ ଦେଇଥିଲା। ନାଟକକୁ ଡ. ଏସ୍.ଏମ୍. ଆଖାର ଆଲାମ ନିର୍ଦ୍ଦେଶନା ଦେଇଥିଲେ। ଏଥିରେ ଉମା ଝୁନଝୁନୱାଲା, ଶୁଭଙ୍କର ସିଟ, ଗୁଞ୍ଜନ ଆଜହାର, ଏମ ଡି ଆସିଫ ଅନସାରୀ ପ୍ରମୁଖ ଅଭିନୟ କରିଥିଲେ। କଳାକାରଙ୍କ ଅଭିନୟ ଶେଷଯାଏ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ଯୁବ ମଞ୍ଚ ଉପସ୍ଥାପକ ଆଶୁତୋଷ ପୁରୋହିତ ମଞ୍ଚ ପରିଚାଳନା କରିଥିଲେ।

# ଅବ୍ୟବସ୍ଥାରେ ସରକାରୀ ଆୟୁର୍ବେଦିକ ଚିକିତ୍ସାଳୟ

**କର୍ଲାମୁଣ୍ଡା,୨୫।୧୨(ପ୍ରଦୀପ କୁମାର ସାହୁ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଜୋରାଡ଼ବରାସ୍ଥିତ ସରକାରୀ ଆୟୁର୍ବେଦିକ ଚିକିତ୍ସାଳୟ ଅବ୍ୟବସ୍ଥା ସ୍ଥିତିରେ ରହିଛି। ସରକାରଙ୍କ ପକ୍ଷରୁ ୭।୮।୧୯୮୮ରେ ଏହି ଚିକିତ୍ସାଳୟ ପ୍ରତିଷ୍ଠା କରାଯାଇଥିଲା। ଏଠାକୁ କର୍ଲାମୁଣ୍ଡା, ନର୍ଲା, କେସିଙ୍ଗା, ମ. ରାମପୁର ଆଦି ବ୍ଲକ୍‌ର ବିଭିନ୍ନ ଗାଁର ଜନସାଧାରଣ ଚିକିତ୍ସା ପାଇଁ ଆସିଥାନ୍ତି। ଏଠାରେ ଜଣେ ମାତ୍ର ଆୟୁର୍ବେଦ ଡାକ୍ତର ଜୁଝାର ନାଏକ ଓ କର୍ମଚାରୀ ଭାବେ ଟିକେରାମ ସାହୁ ରହିଛନ୍ତି। ଡାକ୍ତର ବସୁଥିବା କୋଠରି ଭଗ୍ନ ଅବସ୍ଥାରେ ରହିଛି। ସରକାର ନୂତନ ଗୃହ ନିର୍ମାଣ ପାଇଁ ୬୦ଲକ୍ଷ ଟଙ୍କା ଅର୍ଥ ମଞ୍ଜୁର କରିଥିଲେ ହେଁ ଡାକ୍ତରଖାନା ଥିବା ସ୍ଥାନର ସ୍ଥାୟୀ ପଟ୍ଟା ନ ଥିବାରୁ ଗୃହ ନିର୍ମାଣ କାର୍ଯ୍ୟ ଆଗେଇପାରୁ ନ ଥିବା ଡାକ୍ତର ନାଏକ କହିଛନ୍ତି। ଏ ନେଇ ତହସିଲଦାର ଅରୁଣ ବର୍ଗେଙ୍କ ସହ ଆଲୋଚନା କରିବାରୁ ଶୀଘ୍ର ଜାଗା ଚିହ୍ନଟ କରାଯିବ ବୋଲି କହିଛନ୍ତି।

## ବସୁଧା ଯୋଜନା ବାଟବଣା

# ୬ ମାସ ହେଲା ପାନୀୟ ଜଳ ପ୍ରକଳ୍ପ ଅଚଳ

**ଥୁଆମୂଳ ରାମପୁର,୨୫।୧୨ (ଦୁର୍ଗା କୀର୍ତ୍ତି)**



ଅଚଳ ପ୍ରକଳ୍ପ ଆଗରେ ଗ୍ରାମର ମହିଳାମାନେ।

ସରକାର 'ବସୁଧା' ଯୋଜନା ମାଧ୍ୟମରେ ଗ୍ରାମାଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ପାଇଁ ବହୁ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ବାଗଡିଆଣି ଗ୍ରାମପଞ୍ଚାୟତ କୁମ୍ଭାରକାନି ଗ୍ରାମରେ ଏହି ଯୋଜନା ବାଟବଣା ହୋଇଛି। ଏଠାରେ ଥିବା ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପ ଦୀର୍ଘ ୬ମାସ ହେଲା ଅଚଳ ହୋଇପଡ଼ିଛି। ଫଳରେ ଲୋକେ ପାଣି ପାଇଁ ହଇରାଣ ହେଉଛନ୍ତି। ଅନେକ ହିତାଧିକାରୀଙ୍କ ଘରେ ଏପର୍ଯ୍ୟନ୍ତ ପାଣି ଟ୍ୟାପ୍ ସଂଯୋଗ କରାଯାଇ ନାହିଁ। ଯେଉଁମାନଙ୍କ ଘରେ ଟ୍ୟାପ୍ ଲାଗିଥିଲା ନିମ୍ନମାନର କାମ ଯୋଗୁ ତାହା ବ୍ୟବହାର ପୂର୍ବରୁ ଭାଙ୍ଗିଗଲାଣି। ବାରମ୍ବାର ଗୁହାରି ପରେ ମଧ୍ୟ ସୁଫଳ ମିଳି ନ ଥିବା ଗ୍ରାମବାସୀ କହିଛନ୍ତି। ଏ ନେଇ ସ୍ଥାନୀୟ ସରପଞ୍ଚ ସୂର୍ଯ୍ୟ ମାଝୀଙ୍କୁ ପଚାରିବାରୁ ସେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରିଥିବା କହିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀ ମନ୍ମଥ ମୁର୍ମୁଙ୍କୁ ପଚାରିବାରୁ ପୂର୍ବରୁ ଥିବା ବୋର୍‌ୱେଲ ପାଣି ଭଲ ଭାବରେ ବାହାରୁ ନ ଥିବାରୁ ଏଭଳି ସମସ୍ୟା ଉପୁଜିଛି। ତଥାପି ଆମେ ଅନ୍ୟ ଏକ ସ୍ଥାନରେ ଆଉ ଏକ ନୂତନ ବୋର୍‌ୱେଲ ଖନନ କରିଛୁ। ଖୁବ୍‌ଶୀଘ୍ର ଉକ୍ତ ବୋର୍‌ୱେଲରୁ ଟାଙ୍କିକୁ ପାଣି ଉଠାଯାଇ ଲୋକଙ୍କୁ ଜଳ ଯୋଗାଣ କରାଯିବ ବୋଲି କହିଛନ୍ତି। ଯଦି ତୁରନ୍ତ ଜଳ ଯୋଗାଣ ନ ହୁଏ ତେବେ ଗ୍ରାମବାସୀ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

### ଜବାହର ନବୋଦୟ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ନୂଆପଡ଼ା,୨୫।୧୨ (ମକାରୁ ବେମାଲ) :** ନୂଆପଡ଼ା ଜିଲା କୋମନା ବ୍ଲକ ତରବୋଡ଼ ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟର ୨୭ତମ ବାର୍ଷିକ କ୍ରୀଡ଼ା ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ବିଭି ରାବନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ନୂଆପଡ଼ା ବିଧାୟକ ଜୟ ଢୋଲକିଆ ମୁଖ୍ୟଅତିଥି, ତରବୋଡ ସରପଞ୍ଚ ଶ୍ୟାମସୁନ୍ଦର ପୃଷ୍ଟି, ଅର୍ଜୁନ ଜଗତ, ଅଜୟ କୁମାର ଗହିର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଜିଲା କ୍ରୀଡା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଢେଇ ମୁଖ୍ୟ ଅତିଥି, ବନ୍ୟପ୍ରାଣୀ ବିଭାଗ ଏସିଏଫ୍ ସଞ୍ଜୀବ ବନଗୋଳା, କବାଡି ସଂଘ ଜିଲା ସଭାପତି ହରିଶ ଅହିର ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ବିଭିନ୍ନ ବର୍ଗରେ ୨୫ ପ୍ରକାର ଖେଳ ହୋଇଥିବାବେଳେ ୨ ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ।

**ବୌଦ୍ଧରେ ୧୦୮ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ**

ବୌଦ୍ଧ (ଅଜିତ କୁମାର ବାରିକ): ବୌଦ୍ଧ ଜିଲା ଗାୟତ୍ରୀ ପରିବାର ପକ୍ଷରୁ ଗୁରୁବାରଠାରୁ ବୁଟୁପାଲିରେ ରାଷ୍ଟ୍ର ଶୌର୍ଯ୍ୟ ସମୃଦ୍ଧି ୧୦୮ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଆରମ୍ଭ ହୋଇଛି। ଶାନ୍ତିକୁଞ୍ଜ ହରିଦ୍ୱାର ମାର୍ଗଦର୍ଶନରେ ଏହି ଯଜ୍ଞ ଆୟୋଜିତ ହୋଇଛି। ଯଜ୍ଞ ଶୁଭାରମ୍ଭ ଅବସରରେ ଏକ ବିରାଟ କଳସ ଶୋଭାଯାତ୍ରା ଚନ୍ଦ୍ରଚୂଡ ମନ୍ଦିର ଘାଟରୁ ବାହାରି ଯଜ୍ଞ ପଡିଆରେ ପହଞ୍ଚିଥିଲା। କଳସ ଶୋଭାଯାତ୍ରାରେ ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ, ଏନ୍‌ଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ରଙ୍କ ସମେତ ବହୁ ମହିଳା ସାମିଲ ହୋଇଥିଲେ।

## ସଂକ୍ଷେପରେ

### ପୁରୁଣାକଟକ ବ୍ୟବସାୟୀ ସଂଘର ନୂତନ କର୍ମକର୍ତ୍ତା

**ହରଭଙ୍ଗା,୨୫।୧୨(ଅଜିତ କୁମାର ବାରିକ):** ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ପୁରୁଣାକଟକ ବ୍ୟବସାୟୀ ସଂଘର ନୂତନ କର୍ମକର୍ତ୍ତା ଗୁରୁବାର ଚୟନ ହୋଇଛି। ଏହି ଅବସରରେ ବରିଷ୍ଠ ସଦସ୍ୟ ସୁକାନ୍ତ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ମଣିପୁରଠାରେ ଏକ ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଘର ନୂତନ ସଦସ୍ୟ ଚୟନ କରାଯାଇଥିଲା। ସର୍ବସମ୍ମତି କ୍ରମେ ଅବିନାଶ ସାହୁ ସଭାପତି, ସନ୍ତୋଷ ପ୍ରଧାନ ସମ୍ପାଦକ, ସତ୍ୟନାରାୟଣ ଡାଙ୍ଗଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନିତ କରାଯାଇଥିଲା। ଉପଦେଷ୍ଟା ଭାବେ ରମେଶ ପ୍ରଧାନ, ମନୋଜ ପାଢୀ, ସତୀଶ ବେହେରା, ସୁକାନ୍ତ ପଟ୍ଟନାୟକ, ତୁଷାର ସାହୁ ଚୟନ ହୋଇଥିଲେ।

### ଝାରବନ୍ଧ ବାରିକ ସଂଘର ବାର୍ଷିକ ସଭା

**ଝାରବନ୍ଧ,୨୫।୧୨(ଦେବେନ୍ଦ୍ର ସାହୁ):** ଝାରବନ୍ଧ ବ୍ଲକ ବାରିକ ସମାଜର ବାର୍ଷିକ ସଭା ଝାରବନ୍ଧ ସ୍ଥିତ ବନଦୁର୍ଗା ମନ୍ଦିର ପରିସରରେ ଗୁରବାର ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ପୂର୍ଣ୍ଣଚନ୍ଦ୍ର ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପଦ୍ମପୁର ବ୍ଲକ ସଭାପତି ସୁରେନ୍ଦ୍ର ବାରିକ, ସମ୍ମାନିତ ଅତିଥିଭାବେ ପାଇକମାଳ ବ୍ଲକ ସଭାପତି ଗୌରୀଶଙ୍କର ବାରିକ, ବସନା ବ୍ଲକ ସଭାପତି ଶ୍ୟାମ ପ୍ରସାଦ ବାରିକ, ପୂର୍ବତନ ବ୍ଲକ ସଭାପତି ରବିଶଙ୍କର ବାରିକ ଯୋଗଦାନ କରିଥିଲେ। ପ୍ରଥମେ ସମାଜର ଦିବଂଗତ ରମେଶ ଚନ୍ଦ୍ର ବାରିକ, ମଧୁ ବାରିକ, ସୁକାନ୍ତି ବାରିକ, ବାଲମତି ବାରିକ, ଜନ୍ମଜୟ ବାରିକଙ୍କ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଅତିଥିମାନେ ସମାଜର ଶିକ୍ଷା, ସଂସ୍କାର ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଏକ ନୂତନ କାର୍ଯ୍ୟକାରୀ କମିଟି ଗଠନ କରାଯାଇଛି। ସଭାପତି ଭାବେ ଦୟାଲାଲ ବାରିକ, ଉପ ସଭାପତି ଦୟା ବାରିକ, ଉପଦେଷ୍ଟା ରବିଶଙ୍କର ବାରିକ, ସମ୍ପାଦକ ସୁମନ୍ତ ପଶାୟତ ମନୋନୀତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମକୁ ବିବେକାନନ୍ଦ ପଶାୟତ ମଞ୍ଚପରିଚାଳନା କରିଥିବା ବେଳେ ଆକାଶ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ସମାଜ ତରଫରୁ ସମ୍ବାଦଦାତା ଦେବେନ୍ଦ୍ର ସାହୁ, ଯୋହନ କୁମ୍ଭାର, ସମାଜସେବୀ ଗୋବିନ୍ଦ ପଟେଲଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା।



ବାଲ୍ୟ ଧନୁଯାତ୍ରା ମହୋତ୍ସବକୁ ଉଦ୍‌ଘାଟନ କରାଯାଉଛି।

# ମନ ମୋହିଲା ବାଲ୍ ଧନୁଯାତ୍ରା ମହୋତ୍ସବ

**ମଥୁରାନଗରୀ,୨୫।୧୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଧନୁଯାତ୍ରା ମହୋତ୍ସବ ବୁଧବାର ଶୁଭାରମ୍ଭ ହୋଇଯାଇଛି।ଅନ୍ୟପଟେ ଗୁରୁବାର ସ୍ଥାନୀୟ ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଜିଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ 'ବାଲ ଧନୁଯାତ୍ରା' ଶୁଭାରମ୍ଭ ହୋଇଯାଇଛି। ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ତିନି ଦିନ ଧରି ଏହା ଚାଲିବ । ଏହି ମହୋତ୍ସବରେ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ଅଭିନୟ କରିଥିବବେଳେ ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ନକୁଳ ବାଦି, ଅବସରପ୍ରାପ୍ତ ଶିକ୍ଷକ ସୁଗ୍ରୀବ ବିଶି, ନୃତ୍ୟ ନିର୍ଦ୍ଦେଶକ ଶଙ୍କର ପଟ୍ଟନାୟକ ଏଥିରେ ନିର୍ଦ୍ଦେଶନା ଦେଇଛନ୍ତି । ଜିଲାପାଳ ଆଦିତ୍ୟ ଗୋୟଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ବିଜେପୁର ବିଧାୟକ ସନତ କୁମାର ଗଡ଼ତିଆ, ଅତାବିରା ବିଧାୟକ ନିହାର ମହାନନ୍ଦ, ପୌର ଅଧ୍ୟକ୍ଷା କଳ୍ପନା ମାଝୀ, ବାଲ ଧନୁଯାତ୍ରାର ଆବାହକ ବରଗଡ଼ ଜିଲା ଶିକ୍ଷା ଅଧିକାରୀ (ଡିଇଓ) ଜ୍ୟୋତିକାନ୍ତ ସାହୁ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ(ଏଡିଇଓ) ସରୋଜ ଭୁଏ, ପିଏମ୍‌ଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତି ସୁନା ପ୍ରମୁଖ ରାଜ ଅତିଥିଭାବେ ଯୋଗ ଦେଇ ଏହାର ଶୁଭ ଉଦ୍‌ଘାଟନ କରି ଶିଶୁ କଳାକାରଙ୍କୁ ଉତ୍ସାହିତ କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ତାହିଁ ହୁସେନ ଧନ୍ୟବାଦ ଅର୍ପଣ କରିଥିଲେ।

# ଦିନରେ ସ୍ୱପ୍ନ ଦେଖିବାର ମୂଲ୍ୟ ଅଛି

### ଏମ୍‌ସ ଇଣ୍ଟରନ୍ୟାଶନାଲ ସ୍କୁଲର ବାର୍ଷିକ ଉତ୍ସବ

**ଅତାବିରା,୨୫।୧୨(ଯୁଧିଷ୍ଠିର ମହାପାତ୍ର)**



ମୁଖ୍ୟଅତିଥିଙ୍କୁ ସମ୍ମାନିତ କରାଯାଉଛି।

ଅତାବିରାସ୍ଥିତ ଏମ୍‌ସ ଇଣ୍ଟରନ୍ୟାଶନାଲ ସ୍କୁଲର ବାର୍ଷିକ ଉତ୍ସବ ନିର୍ଦ୍ଦେଶକ ଶ୍ରୀମନ୍ତ ପାତ୍ରଙ୍କ ପରିଚାଳନାରେ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ବରଗଡ ଏମ୍‌ପି ପ୍ରଦୀପ କୁମାର ପୁରୋହିତ ମୁଖ୍ୟ ଅତିଥିଭାବେ ଯୋଗଦେଇ ମାଁ ସମଲେଶ୍ୱରୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ସ୍କୁଲର ସମ୍ପାଦକ ବିନୀତ ପାତ୍ର, ମୁଖ୍ୟ ଅତିଥି ପ୍ରଦୀପ ପୁରୋହିତ ମଞ୍ଚାସୀନ ଥିଲେ। ସ୍କୁଲର ସଭାପତି ଶ୍ରୀନିବାସ ପାତ୍ର ସ୍ୱାଗତ ଅଭିଭାଷଣରେ କହିଥିଲେ ଯେ ଏମ୍‌ସ ଇଣ୍ଟରନ୍ୟାଶନାଲ କଲେଜ ତଥା ଏମ୍‌ସ ଇଣ୍ଟରନ୍ୟାଶନାଲ ସ୍କୁଲ କିପରି ଛାତ୍ରୀଛାତ୍ରମାନଙ୍କୁ କେବଳ ଶିକ୍ଷା ନୁହେଁ ବରଂ ଖେଳ, ନାଚ, ଗୀତ, ଆମର ସଂସ୍କୃତି ପରମ୍ପରା ସମସ୍ତ ଦିଗରେ ଶିକ୍ଷା ଦେଉଛି ବୋଲି କହିଥିଲେ। ଜିଲାସ୍ତରରେ ହୋଇଥିବା ବିଭିନ୍ନ ଖେଳ ସହିତ ଖେଲୋ ଇଣ୍ଡିଆ ଅସ୍ମିତାରେ ୫ଜଣ ଛାତ୍ରୀଛାତ୍ର ପୁରସ୍କୃତ ହୋଇଛନ୍ତି। ମୁଖ୍ୟଅତିଥି ପୁରୋହିତ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ କହିଥିଲେ ଦିନରେ ସ୍ୱପ୍ନ ଦେଖିବାର ମୂଲ୍ୟ ଅଛି। ତେଣୁ ଭବିଷ୍ୟତରେ ନିଜେ କ'ଣ ହେବେ ତାକୁ ସମର୍ପିତ ଭାବରେ କାମ କରିବା ଏବଂ ଅସମ୍ଭବକୁ ସମ୍ଭବ କରିବା ସାମର୍ଥ୍ୟ ତୁମମାନଙ୍କ ପାଖରେ ରହିଛି ବୋଲି କହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ସ୍କୁଲର ସଭାପତି ଶ୍ରୀନିବାସ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଡିଆଇଜି ହିମାଂଶୁ ଲାଲ ମୁଖ୍ୟଅତିଥି, ଆଇଆଇଏମ୍ ସମ୍ବଲପୁର ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜେଶ୍ୱାଲ ମୁଖ୍ୟବକ୍ତା ରୂପେ ଯୋଗଦେଇଥିଲେ। ସ୍କୁଲର ପ୍ରତିଷ୍ଠାତା ରାମପ୍ରସାଦ ପାତ୍ର ମୁଖ୍ୟଅତିଥି ଏବଂ ମୁଖ୍ୟବକ୍ତାଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଏବଂ ସ୍ମୃତି ଫଳକ ଦେଇ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସଭା ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏମ୍‌ସ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଡ. ପ୍ରଜ୍ଞା ପରମିତା ନନ୍ଦ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ।

### ଧର୍ମାନ୍ତରୀକରଣ ସନ୍ଦେହରେ ଫଟାମୁଣ୍ଡାରେ ଉତ୍ତେଜନା

**ଦେଓଗାଁ,୨୫।୧୨ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ):** ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ଫଟାମୁଣ୍ଡା ଗ୍ରାମରେ ଗୁରୁବାର ଧର୍ମାନ୍ତରକରଣ ସନ୍ଦେହରେ ଉତ୍ତେଜନା ପ୍ରକାଶ ପାଇଛି। ବରଗଡ଼ରୁ ଖ୍ରୀଷ୍ଟିଆନ ସମ୍ପ୍ରଦାୟର କେତେଜଣ ଲୋକ ଆସି ଫଟାମୁଣ୍ଡା ଗ୍ରାମରେ ଗୁରୁବାର ବଡ଼ଦିନ ଉତ୍ସବ ଆୟୋଜନ କରିଥିଲେ। ଫଟାମୁଣ୍ଡା ଗ୍ରାମବାସୀ ଏହା ଦେଖିବା ପରେ ଗ୍ରାମରେ ଧର୍ମାନ୍ତରୀକରଣ କରାଯାଉଥିବା ସନ୍ଦେହ କରି ସେମାନଙ୍କୁ ବିରୋଧ କରିଥିଲେ। ଏହାକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ତିକ୍ତତା ସୃଷ୍ଟି ହୋଇଥିଲା। ଏପରି କି ପରିସ୍ଥିତି ଅଣାୟତ୍ତ ହୋଇଥିଲା। ଖବରପାଇ ଦେଓଗାଁ ଥାନାଧିକାରୀଙ୍କ ନେତୃତ୍ୱରେ ପୋଲିସ ଟିମ୍ ପହଞ୍ଚି ବରଗଡ଼ରୁ ଆସିଥିବା ଲୋକମାନଙ୍କୁ ଫେରିଯିବା ପାଇଁ କହିବା ସହ ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିବା ଜଣାପଡିଛି ।

# ୩-୪କେଜି କଟ୍‌ନି ମାଗୁଥିବା ଅଭିଯୋଗ

**ପଦ୍ମପୁର,୨୫।୧୨(ପ୍ରଦୀପ୍ତ ଦାଶ)**

### ମଣ୍ଡିରେ ପଡ଼ିଛି ୭ଲକ୍ଷ ୪୧ହଜାର ପ୍ୟାକେଟ ଧାନ

ପଦ୍ମପୁର ଉପଖଣ୍ଡରେ ମଣ୍ଡି ଖୋଲିବାର ୨୮ ଦିନ ବିତିଯାଇଛି। ମାତ୍ର ଅଧିକାଂଶ ଚାଷୀଙ୍କ ପାଖରେ ଟୋକନ ପହଞ୍ଚି ପାରିନାହିଁ। ଯେଉଁ ଚାଷୀଙ୍କ ପାଖକୁ ଟୋକନ ପହଞ୍ଚିଛି ସେମାନେ ମଣ୍ଡିରେ ଧାନ ପକାଇଛନ୍ତି। ମାତ୍ର ମିଲର୍ସମାନଙ୍କ ଜୁଲୁମ୍‌ରେ ଚାଷୀ ଅତିଷ୍ଠ ହୋଇ ପଡୁଛନ୍ତି। ଏ ସମ୍ପର୍କରେ ପ୍ରଶାସନଠାରୁ ଆରମ୍ଭ କରି ଯୋଗାଣ ବିଭାଗ ମଧ୍ୟ ହାତ ଟେକି ଦେଇଥିବା ଚାଷୀ ଅଭିଯୋଗ କରିଛନ୍ତି। ପଦ୍ମପୁର ବ୍ଲକ ଉପାନ୍ତ ମଣ୍ଡି ଦହିତା ଦହିଗାଁ, ବୁଡେନ ଅଞ୍ଚଳରେ ଦୁଇଦିନ ହେବ ଧାନ ବିକ୍ରି ହେଉ ନ ଥିବା ଚାଷୀ ଅଭିଯୋଗ କରିଛନ୍ତି। ଯଦି ଚାଷୀ ୩/୪କେଜି କଟନି ନ ଦେବେ ତା' ହେଲେ ସେମାନେ ଧାନ ଉଠାଇବେ ନାହିଁ ବୋଲି କହିଥିବା ଚାଷୀମାନେ ଅଭିଯୋଗ କରିଥିଲେ। ଆଜି ଶୁଦ୍ଧା ପଦ୍ମପୁର ଉପଖଣ୍ଡ ୯୨ ମଣ୍ଡିରେ ୭ଲକ୍ଷ ୪୦ହଜାର ୯୨୮ ପ୍ୟାକେଟ ଧାନ ପଡି ରହିଛି। ଏ ସମ୍ପର୍କରେ ପଦ୍ମପୁର ଉପଖଣ୍ଡ ସହକାରୀ ଯୋଗାଣ ଅଧିକାରୀ ସନ୍ତୋଷ ପଧାନ, ବ୍ଲକ ଯୋଗାଣ ଅଧିକାରୀ ଶୁଭେନ୍ଦୁ ପାଣିଗ୍ରାହୀଙ୍କୁ ଯୋଗାଯୋଗ କରାଯାଇଥିବା ବେଳେ କୌଣସି ସନ୍ତୋଷଜନକ ଉତ୍ତର ମିଳି ନ ଥିଲା। ପଦ୍ମପୁର ଉପଜିଲାପାଳ ସ୍ନେହା ଆରଗୁଲଙ୍କୁ ପଚରାଯିବାରୁ ଆସନ୍ତା କାଲି ଯେଉଁ ମଣ୍ଡିରୁ ଧାନ ନ ଉଠିବ ମୁଁ ନିରୀକ୍ଷଣ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବି ବୋଲି କହିଥିଲେ। ଅପରପକ୍ଷରେ ଧାନ ଅଭାବୀ ବିକ୍ରି ସହିତ କଟନି ଛଟନି ଓ ଟୋକନ ସମସ୍ୟା ନେଇ ଶୁକ୍ରବାର ରାଜବୋଡ଼ାସମ୍ବର କୃଷକ ସଙ୍ଗଠନ ପଦ୍ମପୁର ବନ୍ଦ ଡାକରା ଦେଇଛି।



ପଦ୍ମପୁର ବ୍ଲକ ଦହିଗାଁ ମଣ୍ଡିରେ ଧାନ ପଡ଼ି ରହିଛି।

# ମୁଣ୍ଡାପଡ଼ା ମଣ୍ଡିରୁ ଧାନକିଣା ଆରମ୍ଭ



ଧାନମଣ୍ଡି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ବଘିଆପଡ଼ା,୨୫।୧୨(ଶ୍ରୀକାନ୍ତ ସାହୁ)**

ବୌଦ୍ଧ ବ୍ଲକ ମୁଣ୍ଡାପଡ଼ା ପାକ୍ସ ପକ୍ଷରୁ ଖରିଫ ଧାନକିଣା ପାଇଁ ଗୁରୁବାର ମଣ୍ଡି ଉଦ୍‌ଘାଟିତ ହୋଇଛି। ପାକ୍ସ ସଭାପତି ବ୍ରଜେଶ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ଜିଲା ପରିଷଦ ସଭ୍ୟ ବୀରେନ୍ଦ୍ର ଝାଙ୍କର, ଭାରପ୍ରାପ୍ତ ସମ୍ପାଦକ ନେତ୍ରାନନ୍ଦ ପୁରୋହିତ, ସମିତିର ନିର୍ଦ୍ଦେଶକ ଲାଭା ଦାସ, ଜଗବନ୍ଧୁ ପ୍ରଧାନ, ଜିତ ସାହୁ, ରମେଶ ଚନ୍ଦ୍ର ଜେନା, ବିଭୂତି ଭୂଷଣ ସାହୁ, ଖେଡୁ ଭୁକ୍ତା, ସନ୍ତୋଷ ଦାସ, ରାଜେନ୍ଦ୍ର ଝାଙ୍କର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଥମ ଦିବସରେ ଚାଷୀ ଶେଷଦେବ ମହାକୁଡ଼, ଶରତ କୁମାର ନାଏକ, ସିକୁନ ମହଲାଙ୍କଠାରୁ ୨୧୦ କୁଇଣ୍ଟାଲ ଧାନ କିଣାଯାଇଥିଲା। ଅଶ୍ୱିନୀ କୁମାର ମହାକୁଡ଼, ବଶିଷ୍ଠ ଜେନା, ଦେବେନ୍ଦ୍ର ବଗର୍ତ୍ତୀ, ସିଲାଜିତ ନାୟକ, ନିୟନ୍ତ୍ରିତ ବଜାର କମିଟି କର୍ମଚାରୀ ଓ ପରିଚାଳନା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ପାଳିତ

**ବୌଦ୍ଧ,୨୫।୧୨(ଅଜିତ କୁମାର ବାରିକ)**

ବୌଦ୍ଧ ଭାଜପା ପକ୍ଷରୁ ଜିଲା କାର୍ଯ୍ୟାଳୟଠାରେ ଗୁରୁବାର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ପାଳିତ ହୋଇଛି। ଜିଲା ସଭାପତି ପ୍ରେମାନନ୍ଦ ମିଶ୍ରଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ ଯୋଗଦେଇ ସ୍ୱର୍ଗତ ବାଜପେୟୀଙ୍କ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ସଭାପତି ବିପ୍ରଚରଣ ମହାନ୍ତି, ଜିଲା ଉପସଭାପତି ଶ୍ୟାମସୁନ୍ଦର ପୁରୋହିତ, ରବିକୁମାର ଦେଓ, ତାପସ ପଟ୍ଟନାୟକ, ନିବେଦିତା ମହାକୁଡ, ଗଜେନ୍ଦ୍ର ସାହୁ, ରଞ୍ଜନ ଖଟୁଆ, ମନୋରଞ୍ଜନ ଦାସ, ସତ୍ୟାନନ୍ଦ ପାଣ୍ଡେ, ରାଜକୁମାର ମେହେର, ଦୀପିକା ନାଏକ, ନମିତାରାଣୀ ଦାସ, ମିନାରାଣୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଜୟନ୍ତୀ ପାଳନରେ ଉପସ୍ଥିତ ଭାଜପା କର୍ମକର୍ତ୍ତା।

# ନୂଆ ମୁଖ୍ୟ ଶାସନ ସଚିବଙ୍କୁ ସମ୍ବର୍ଦ୍ଧନା

**ବରଗଡ଼,୨୫।୧୨(ପ୍ରେମାନନ୍ଦ ଖମାରୀ)**

ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟ ଶାସନ ସଚିବଭାବେ ବରିଷ୍ଠ ଆଇଏଏସ ଅଫିସର ଅନୁ ଗର୍ଗଙ୍କୁ ନିଯୁକ୍ତି ମିଳିଛି। ନୂଆବର୍ଷରୁ ସେ ଏହି ଦାୟିତ୍ୱ ନେବେ। ତେବେ ତାଙ୍କ ଏହି ନିଯୁକ୍ତି ନେଇ ସବୁଠି ଖୁସିର ମାହୋଲ ଦେଖିବାକୁ ମିଳିଛି। ଗୁରୁବାର ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ଅଧ୍ୟକ୍ଷ ତଥା ବରଗଡ଼ ବାସିନ୍ଦା ଚୈତନ୍ୟ ପାଇକ ଭୁବନେଶ୍ୱର ଯାଇ ତାଙ୍କୁ ଭେଟି ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଏହା ସହିତ ପଶ୍ଚିମ ଓଡ଼ିଶା କଳାକାରମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ସେ ଗର୍ଗଙ୍କୁ ଅବଗତ କରାଇଛନ୍ତି ବୋଲି ପାଇକ ସୂଚନା ଦେଇଛନ୍ତି। କଳାକାରମାନଙ୍କ ବିଭିନ୍ନ ସମସ୍ୟା ସମ୍ବନ୍ଧରେ



ନୂଆ ମୁଖ୍ୟ ଶାସନ ସଚିବ ସମ୍ବର୍ଦ୍ଧିତ ହେଉଛନ୍ତି।

ରାଜ୍ୟ ସରକାର ଅବଗତ ଥିବା ଉଲ୍ଲେଖ କରି ଆଗାମୀ ଦିନରେ ରାଜ୍ୟର ସମସ୍ତ କଳାକାରଙ୍କ ସମସ୍ୟା ଗୁଡ଼ିକୁ ପର୍ଯ୍ୟାୟକ୍ରମେ ସମାଧାନ କରାଯିବ ବୋଲି ଗର୍ଗ ପ୍ରକାଶ କରିଛନ୍ତି ବୋଲି ପାଇକ କହିଛନ୍ତି।

# ଜିଲାସ୍ତରୀୟ ସୁଶାସନ ଦିବସ ପାଳିତ

**ବୌଦ୍ଧ,୨୫।୧୨(ଅଜିତ କୁମାର ବାରିକ):** ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଜିଲାସ୍ତରୀୟ ଜୟନ୍ତୀ ସମାରୋହ ଜିଲା ସଂଗ୍ରହାଳୟରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିଭୂତି ଭୂଷଣ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୌଦ୍ଧ ବିଧାୟକ ତଥା ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ମୁଖ୍ୟ ଅତିଥି, ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପ୍ରଧାନ, ତହସିଲଦାର ଅନିତା କୁମାରୀ ସାହୁ, ଅତିରିକ୍ତ ତହସିଲଦାର କୁମୁଦ ଚନ୍ଦ୍ର ଦଳବେହେରା, ଅବସରପ୍ରାପ୍ତ ପ୍ରଧାନ ଆଚାର୍ଯ୍ୟ ଶ୍ୟାମସୁନ୍ଦର ମହାପାତ୍ର ସମ୍ମାନୀତ ଅତିଥି ଏବଂ ପ୍ରତାପ କୁମାର ରଥ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଅଟଳ ବିହାରୀ ବାଜପେୟୀଙ୍କ ଜୀବନୀ ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମେଣ୍ଢିମାଳ ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ପ୍ରମୋଦ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିୟାର ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।



ସମାରୋହରେ ମଞ୍ଚାସୀନ ଅତିଥିଗଣ।

# ରାୟପୁରକୁ ହରାଇ ସେମିରେ ପ୍ରୟାଗରାଜ

### ସର୍ବଭାରତୀୟ ଛିନ୍ଦେଇକେଲା କ୍ରିକେଟ କପ

**ପାଇକମାଳ,୨୫।୧୨(ବଡ଼ ଶତପଥୀ)**

ପାଇକମାଳ ବ୍ଲକ ଛିନ୍ଦେଇକେଲା ଚନ୍ଦ୍ରଶେଖର ମିନି ଷ୍ଟାଡିୟମରେ ଚାଲିଥିବା ୨୯ତମ ସର୍ବଭାରତୀୟ ଛିନ୍ଦେଇକେଲା କ୍ରିକେଟ କପ ଗୁରୁବାର ଥିଲା ଦ୍ୱିତୀୟ ଦିନ। ଏଥିରେ ଅତିଥି ଭାବରେ ଛିନ୍ଦେଇକେଲା ପଞ୍ଚାୟତ ପୂର୍ବତନ ସମ୍ପାଦକ ଖାଡ଼ିଆ ସାହୁ ଓ ଜାମସେଠ ପୂର୍ବତନ ସରପଞ୍ଚ ତଥା ସମାଜସେବୀ ପ୍ରମୋଦ ରାଏ ଯୋଗଦେଇ ଉଦ୍‌ଘାଟନ କରି ଖେଳ ଶୁଭାରମ୍ଭ କରିଥିଲେ। ରାୟପୁର ଦଳ ଟସ ଜିତି ପ୍ରଥମ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୧୯୧ ରନ ସଂଗ୍ରହ କରିଥିଲେ। ୧୯୨ ରନ ବିଜୟ ଲକ୍ଷ୍ୟ ନେଇ ପ୍ରୟାଗରାଜ ଦଳ ୧୭.୩ ଓଭରରେ ୩ ଉଇକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରି ରାୟପୁରକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଥିଲା। ଓସିଏ ଅମ୍ପାୟର ଚୂଡ଼ାମଣି ପାଢ଼ୀ ଓ ବିଶ୍ୱମ୍ବର ମହାକୁଡ଼ ଖେଳ ପରିଚାଳନା କରିଥିଲେ। ବୁନିଲ କୁମାର ସାହୁ, ରିଷଭ କୁମାର ସାହୁ, ଧୀରେଶ କୁମାର ସାହୁ, ଅନୁପମ ସାହୁ ସ୍କୋରର ଥିବା ବେଳେ ତେଜରାଜ ଠାକୁର ଓ ଅବୀର ଦୀପ ଧାରା ବିବରଣୀ ପ୍ରଦାନ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ଡ. ଲଳିତ ସାହୁ, ଯୁବ ବ୍ୟବସାୟୀ ତଥା ସମାଜସେବୀ ସୁଶାନ୍ତ କୁମାର ସାହୁ, ପାଇକମାଳ ଆଇଆଇସି କୈଳାସ ଚନ୍ଦ୍ର ପ୍ରଧାନ ଯୋଗଦେଇଥିଲେ। ପ୍ରୟାଗରାଜ ଦଳର ଏମ୍‌ଡି ଉମରଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଦେଇ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଉପଦେଷ୍ଟା ରୋହିତ ସାହୁ, ପ୍ରଶାନ୍ତ ସାହୁ, ହେମସାଗର ସାହୁ, ସ୍ୱତନ୍ତ୍ର ସାହୁ, ପ୍ରମୋଦ ସାହୁ, ବିନନ୍ଦ ସାହୁ, ଆନନ୍ଦ ସାହୁ, ମଣ୍ଟୁ ସାହୁ ପ୍ରମୁଖ ଉପସ୍ଥିତ ଥିବା ବେଳେ ଅଶ୍ୱିନୀ ସାହୁ, ନରେଶ ସାହୁ, ରୂପକ ସେଠ, ଆଶିଷ ସାହୁ, ବିକାଶ ବେହେରା, ବିଲାଶ ବେହେରା, ସୁପିନ ସାହୁ, ଆଦର୍ଶ ସାହୁ, ଆକାଶ ସାହୁ, ରାଜୁ, ଦୀପକ ସାହୁ, ସତ୍ୟ ସାହୁ, ଜୟକିଶୋର ସୁନା, ପିଣ୍ଟୁ ସାହୁ, କବିରାଜ ସାହୁ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଖେଳାଳି।

# ବିଦ୍ୟାଳୟ ବାର୍ଷିକୋତ୍ସବ 'ଆଞ୍ଜେଲିକା-୨୦୨୫'

**ବରପାଲି,୨୫।୧୨(ଚିତ୍ତରଞ୍ଜନ ସାହୁ)**

ବରପାଲି ଲିଟିଲ ଏଞ୍ଜେଲ୍ସ ପବ୍ଲିକ ସ୍କୁଲ ପରିସରରେ ରୌପ୍ୟ ଜୟନ୍ତୀ ପାଳନ ଅବସରରେ ଗୁରୁବାର ବିଦ୍ୟାଳୟର ବାର୍ଷିକ ଉତ୍ସବ 'ଆଞ୍ଜେଲିକା-୨୦୨୫' ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସୋନପୁର ଜିଲାପାଳ ଓ ଜିଲା ମାଜିଷ୍ଟ୍ରେଟ ଡ. ନୃପରାଜ ସାହୁ ଓ ମୁଖ୍ୟବକ୍ତା ଭାବେ ଅନ୍ତର୍ଜାତୀୟ ପ୍ରମାଣିତ ସଫ୍ଟ ସ୍କିଲ ପ୍ରଶିକ୍ଷକ ଜୟ ପ୍ରକାଶ ନାରାୟଣ ଶତପଥୀ ଯୋଗଦେଇଥିଲେ। ଅତିଥିଙ୍କ ସହ ବିଦ୍ୟାଳୟର ସଭାପତି ଡା. ସୁବ୍ରତ ମୁଣ୍ଡ, ପରିଚାଳନା ନିର୍ଦ୍ଦେଶିକା ସୁନିତା ମୁଣ୍ଡ ଓ ବିଦ୍ୟାଳୟର ଅଧକ୍ଷା ମଧୁସ୍ମିତା ମୁଣ୍ଡ, ଡୁଙ୍ଗୁରିପାଲି ବିଦ୍ୟାଳୟର ଅଧକ୍ଷ ଏସ୍‌ପି. କଲେତ, ଉପାଧକ୍ଷ ସୁଶୀଳ କୁମାର ରଥ, ପ୍ରଶାସନିକ ଅଧିକାରୀ ମିନତି ପ୍ରଧାନଙ୍କ ଉପସ୍ଥିତିରେ ଅତିଥି ଡା. ଧୀରେନ୍ଦ୍ରନାଥ ମୁଣ୍ଡଙ୍କ ପ୍ରତିମୂର୍ତ୍ତିଠାରେ ମାଲ୍ୟାର୍ପଣ କଲାପରେ ସାଂସ୍କୃତିକ ଓ ସାରସ୍ୱତ ମଞ୍ଚରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ସଭାପତି ଡା. ସୁବ୍ରତ ମୁଣ୍ଡଙ୍କ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

### ଶୃଙ୍ଖଳିତ ଜୀବନଟିଏ ଜିଇବାକୁ ଆହ୍ୱାନ

ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥିଗଣ ଛାତ୍ରୀଛାତ୍ରମାନଙ୍କୁ ଉତ୍ତମ ଗୁଣାତ୍ମକଶିକ୍ଷା ଗ୍ରହଣ କରି ଶୃଙ୍ଖଳିତ ଜୀବନଟିଏ ଜିଇବାକୁ ଆହ୍ୱାନ କରିଥିଲେ। ଛାତ୍ରୀ ଶ୍ରଦ୍ଧା ସୁମନ ଦୀପ ଓ ଆଦିଶ୍ରୀ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାରେ ବିଦ୍ୟାଳୟର ପରିଚାଳନା ନିର୍ଦ୍ଦେଶିକା ସୁନିତା ମୁଣ୍ଡ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଏହା ପରେ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଦଶମ ଓ ଦାଦଶ ଶ୍ରେଣୀ ବୋର୍ଡ ପରୀକ୍ଷାରେ ବିଦ୍ୟାଳୟରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ର, ବାର୍ଷିକ କ୍ରୀଡ଼ା ଚାମ୍ପିୟନ, ନିଟ, ଜେଇଇ, ଆଇଜର, ନାଇଜର ଓୟୁଏଟି ଓ ଏନ୍‌ଆଇଟି ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ଅଧକ୍ଷା ମଧୁସ୍ମିତା ମୁଣ୍ଡ ଧନ୍ୟବାଦ ଅର୍ପଣ ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଗୀତ, ନୃତ୍ୟ, ନାଟକ ଆଦି ପରିବେଷଣ କରିବାରେ ଡା. ସ୍ରିଷ୍ଟି ମୁଣ୍ଡ, ଶିକ୍ଷକ ବଶିଷ୍ଠ ବନ୍ଧୁକୀ, ଗୋପାଳ ନାଗ, ସରୋଜ ଥନାପତି, ଉମାକାନ୍ତ ସିକନ୍ଦର, ଶିକ୍ଷୟିତ୍ରୀ ସୀମାରାଣୀ ବେହେରାଙ୍କ ସାଂସ୍କୃତିକ ନିର୍ଦ୍ଦେଶନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଥିଲା। କ୍ରିଏଟିଭ ଡାଇରେକ୍ଟର ଡା. ସ୍ରିଷ୍ଟି ମୁଣ୍ଡ, ପ୍ରଶାସନିକ ଅଧିକାରୀ ମିନତି ପ୍ରଧାନ, ଏଚ.ଓ.ଓ. ରୋହିତ ରୟ, ସିନିୟର ଆକାଉଣ୍ଟାଣ୍ଟ ମୃତ୍ୟୁଞ୍ଜୟ ସାହୁ, ନୁରୀ ପ୍ରଧାନ, ଗଜାଲା ଅଞ୍ଜୁମଙ୍କ ପ୍ରତ୍ୟକ୍ଷ ଓ ପରୋକ୍ଷ ତତ୍ତ୍ୱାବଧାନରେ ତଥା ଅନୁଷ୍ଠାନର ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀଗଣଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସଫଳ ହୋଇଥିଲା।

# ଅଟଳ ବିହାରୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ

**ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପାୟୀଙ୍କ ଜୟନ୍ତୀ ପାଳିତ**



ଜିଲା ସ୍ତରୀୟ ସୁଶାସନ ଦିବସ ପାଳନ ସମାରୋହରେ ମଞ୍ଚାସୀନ ଅତିଥି ।

ସୁନ୍ଦରଗଡ଼,୨୫।୧୨(ଜୟ ନାରାୟଣ ମେଣ୍ଟୁଳି)

ସୁନ୍ଦରଗଡ଼ ଜିଲାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପାୟୀଙ୍କ ଜୟନ୍ତୀ ଅବସରରେ ସୁଶାସନ ଦିବସ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ସଦ୍‌ଭାବନା ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ପୌରପରିଷଦ ଅଧ୍ୟକ୍ଷା ତନୟା ମିଶ୍ର, ଅତିରିକ୍ତ ଜିଲାପାଳ ସୂରଜ କୁମାର ପଟ୍ଟନାୟକ, ଜିଲା ସମାଜ ମଙ୍ଗଳ ଅଧିକାରୀ କ୍ରୀଷ୍ଟା କୁମାରୀ ନନ୍ଦ, ଅବସରପ୍ରାପ୍ତ ଅଧ୍ୟକ୍ଷ ଚିରବ୍ରତ ଦତ୍ତ ଅତିଥିଭାବେ ଯୋଗ ଦେଇଥିଲେ। ସେହିଭଳି ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟାପକ ନୂତନ ଖମାରୀ ମୁଖ୍ୟ ବକ୍ତାଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥିମାନେ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ଏବଂ କାର୍ଯ୍ୟକ୍ରମ ଆୟୋଜନର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଏହି ଅବସରରେ ସୁନ୍ଦରଗଡ଼ ପୌରପରିଷଦର ଅଧ୍ୟକ୍ଷା ମିଶ୍ର ବାଜପେୟୀଙ୍କ ସ୍ମୃତି ଚାରଣ କରିବା ସହିତ ତାଙ୍କ ଜୀବନଶୈଳୀ, ରାଜନୈତିକ ଜୀବନୀ, କାର୍ଯ୍ୟଶୈଳୀ, ତାଙ୍କର ମହାନ ବ୍ୟକ୍ତିତ୍ୱ ଉପରେ ଆଲୋକପାତ କରିଥିଲେ। ଯୁବପିଢି ତାଙ୍କର ସେହି ମହାନ ଆଦର୍ଶରେ ଅନୁପ୍ରାଣିତ ହେବା ଆବଶ୍ୟକ ବୋଲି ନିଜ ଅଭିଭାଷଣରେ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ବକ୍ତା ଖମାରୀ ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୀବନୀ, ତାଙ୍କର ରାଜନୀତିକ ନୀତି ଓ ଆଦର୍ଶ ଯଥା ଦୁର୍ନୀତି ପ୍ରତି ଶୂନ୍ୟ ସହିଷ୍ଣୁତା, ଲୋକମୁଖୀ ଶାସନ ବ୍ୟବସ୍ଥା, ନୀତିମୂଳକ ନେତୃତ୍ୱ, ରାଷ୍ଟ୍ରହିତ ଓ ରାଷ୍ଟ୍ର ସୁରକ୍ଷା ଏବଂ ତାଙ୍କର ସାହିତ୍ୟ ସୃଷ୍ଟିର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଗାଳ୍ପିକା ଡ. ସୁପ୍ରିୟା ପାଲ, କବି ଗଣେଶ ତ୍ରିପାଠୀ ଏବଂ ଯୁବ ଗାଳ୍ପିକା ଲୋପାମୁଦ୍ରା ମିଶ୍ରଙ୍କ ସଂଯୋଜନାରେ ବର୍ଣ୍ଣାଢ୍ୟ କବିତା ଆସର ଅନୁଷ୍ଠିତ ହୋଇଥିଲା ଏବଂ କବିମାନେ ନିଜ ନିଜର କବିତା ପାଠ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ବାଜପେୟୀଙ୍କ ଜୀବନୀ ଏବଂ ସୁଶାସନ ଉପରେ ନିଜର ବକ୍ତବ୍ୟ ରଖିଥିଲେ। ସେହିଭଳି ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଶ୍ୱ ରଞ୍ଜନ ସାହୁ ପରିଚାଳନା କରିଥିଲେ। ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ର, କବି, ଲେଖକ, ଗାଳ୍ପିକ, ବରିଷ୍ଠ ନାଗରିକ ଯୋଗ ଦେଇଥିଲେ।

# ସୁନ୍ଦରଗଡ଼ରେ ଅଟଳ ବିହାରୀ ବାଜପେୟୀଙ୍କ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ସ୍ଥାପିତ

ସୁନ୍ଦରଗଡ,୨୫।୧୨(ଜୟ ନାରାୟଣ ମେଣ୍ଟୁଳି)



ଅତିଥିମାନେ ଅଟଳବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରୁଛନ୍ତି।

ପୂର୍ବତନ ପ୍ରଧାନମନ୍ତ୍ରୀ, ଭାରତରତ୍ନ ଅଟଳବିହାରୀ ବାଜପେୟୀଙ୍କ ୧୦୧ତମ ଜୟନ୍ତୀ ଓ ସୁଶାସନ ଦିବସ ଅବସରରେ ତାଙ୍କ ନାମରେ ନାମିତ ସୁନ୍ଦରଗଡ଼ ହସ୍ପିଟାଲ ଛକଠାରେ ଗୁରୁବାର ବାଜପେୟୀଙ୍କ ପ୍ରତିମୂର୍ତ୍ତି ସ୍ଥାପିତ ହୋଇଛି। ଏହି ପ୍ରତିମୂର୍ତ୍ତି ଉନ୍ମୋଚନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବିଧାନସଭାର ଉପବାଚସ୍ପତି ଭବାନୀଶଙ୍କର ଭୋଇ, ସମ୍ମାନିତ ଅତିଥି ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ, ପୂର୍ବତନ ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ, ସୁଷମା ପଟେଲ, ପୌରାଧ୍ୟକ୍ଷା ତନୟା ମିଶ୍ର, ପୌରାଉପାଧ୍ୟକ୍ଷ ଲଲାଟେନ୍ଦୁ ପରିଡ଼ାଙ୍କ କରକମଳରେ ବାଜପେୟୀଙ୍କ ଏହି ପ୍ରତିମୂର୍ତ୍ତି ଉନ୍ମୋଚନ ହୋଇଥିଲା। ଏହି ଅବସରରେ ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ସ୍ମୃତିଚାରଣ ସଭାରେ ମୁଖ୍ୟ ଅତିଥି ଓ ସାମ୍ମାନୀତ ଅତିଥି ବାଜପେୟୀଙ୍କ ଜୀବନୀ ଉପରେ ଆଲୋକପାତ କରିବା ସହିତ ତାଙ୍କ ପ୍ରଧାନମନ୍ତ୍ରୀ କାଳରେ ହୋଇଥିବା ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ତଥା ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା, ସର୍ବ ଶିକ୍ଷା ଅଭିଯାନ, ସ୍ୱୟଂ ସହାୟକ ଗୋଷ୍ଠୀ, ଦେଶର ଆଦିବାସୀଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଜୀବନ ଜୀବିକା ପାଇଁ ସ୍ୱତନ୍ତ୍ର ଆଦିବାସୀ ମନ୍ତ୍ରଣାଳୟ ଖୋଲାହୋଇଥିବା ନେଇ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ସୁନ୍ଦରଗଡ଼ର ଗରିବ, ଅସହାୟ, ନିରାଶ୍ରୟ ବୃଦ୍ଧା, ବୃଦ୍ଧଙ୍କୁ କମ୍ବଳ ବଣ୍ଟନ କରିଥିଲେ ଏବଂ ଭାରତୀୟ ଜନତା ପାର୍ଟିକୁ ସୁନ୍ଦରଗଡ଼ ଜିଲାରେ ଦଳର ସଙ୍ଗଠନକୁ ତୃଣମୂଳ ସ୍ତରରେ ଗଠନ କରିଥିବା ସର୍ବ ପୁରାତନ ୪୫ ଜଣ କାର୍ଯ୍ୟକର୍ତ୍ତାମାନଙ୍କୁ ଏହି ଅବସରରେ ଉପଢୌକନ ଓ ଅଟଳ ସମ୍ମାନ ପ୍ରଦାନ କରି ଅତିଥିମାନେ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ସଭାପତି ଗିରୀଶ ଚନ୍ଦ୍ର ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଟକିଶୋର ମିଶ୍ର, ନରସିଂହ ମିଞ୍ଜ, ଏମପିଙ୍କ ଜିଲା ପ୍ରତିନିଧି ସୁକେଶୀ ଓରାମ, ପୂର୍ବତନ ଜିଲା କାର୍ଯ୍ୟକାରୀ ସଭାପତି ଯଶୋବନ୍ତ ନାଏକ, ରୋଟାରି କ୍ଲବର ସଭାପତି ଡ.ଚିରବ୍ରତ ଦତ୍ତଙ୍କ ସମେତ ଶତାଧିକ ଭାରତୀୟ ଜନତା ପାର୍ଟିର ଜିଲା ଓ ମଣ୍ଡଳ ପଦାଧିକାରୀ, କାର୍ଯ୍ୟକର୍ତ୍ତା, ୱାର୍ଡ଼ କାଉନସିଲର ଏବଂ ଜିଲାର ଜନସାଧାରଣ ସାମିଲ ହୋଇଥିଲେ। ଏହି ସ୍ମୃତିଚାରଣ ସଭାକୁ ଶେଷଦେବ ନନ୍ଦ ପରିଚାଳନା କରିଥିଲେ।

# ଜମି କିଣାବିକାକୁ କେନ୍ଦ୍ରକରି ମାରପିଟ

**ଉଭୟ ଗୋଷ୍ଠୀଙ୍କୁ ଥାନାକୁ ଆଣି ପୋଲିସର ତଦନ୍ତ ଜାରି**

କୁଆଁରମୁଣ୍ଡା,୨୫।୧୨ (ମହେନ୍ଦ୍ର କୁମାର ସାହୁ):

ସୁନ୍ଦରଗଡ ଜଲା ବୀରମିତ୍ରପୁର ଥାନା କୁଆଁରମୁଣ୍ଡା ତହସିଲ ଅନ୍ତର୍ଗତ ଝାରବେଡ଼ା ପଞ୍ଚାୟତ ରିଡ଼ିଁ ଗ୍ରାମର ଝିରପାଣି ଓ ମିଟକୁନ୍ଦରି ନିକଟସ୍ଥ କୋଏଲ ନଦୀ ପଠାରେ ଥିବା ସରକାରୀ ଆବାଦ ଯୋଗ୍ୟ ଅନାବାଦୀ ଜମି କିଣାବିକାକୁ କେନ୍ଦ୍ର କରି ଉଭୟ ବିକ୍ରେତା ଓ ମଧ୍ୟସ୍ଥ(ଜମି ଦଲାଲ)ଙ୍କ ମଧ୍ୟରେ ଗୁରୁବାର ଅପରାହ୍ନରେ ମାରପିଟ ହୋଇଛି। ଦଲାଲମାନେ ରାଉରକେଲା ଅଞ୍ଚଳର କେତେଜଣ ତୃତୀୟ ଲିଙ୍ଗ ବ୍ୟକ୍ତିଙ୍କୁ ଏହି ମାରପିଟରେ ସାମିଲ କରିଥିବା ଜଣାପଡିଛି। ଏହି ମାରପିଟ ସମୟରେ ଗୁଳି ଫୁଟିବା ଶବ୍ଦ ହୋଇଥିଲା ବେଳେ ଏହାକୁ ବୀରମିତ୍ରପୁର ପୋଲିସ ଖଣ୍ଡନ କରିଛି। ଏ ନେଇ ବୀରମିତ୍ରପୁର ଥାନା ଆଇଆଇସି ରାମ ପ୍ରସାଦ ନାଗଙ୍କୁ ପଚରାଯିବାରୁ, ଗୁଳି ଫୁଟୁଥିବାର କୌଣସି ସଠିକ ପ୍ରମାଣ ଏ ପର୍ଯ୍ୟନ୍ତ ଆମକୁ ମିଳି ନାହିଁ। ଉଭୟ ଗୋଷ୍ଠୀଙ୍କୁ ପଚାର ଉଚରା ଚାଲିଛି। ମାରପିଟ ଘଟଣାର ପ୍ରମୁଖ କାରଣ ହେଉଛି ଜମି ବିକ୍ରି ବୋଲି ଆଇଆଇସି ନାଗ ସ୍ପଷ୍ଟ କରିଛନ୍ତି। ତଥାପି ତଦନ୍ତ ଜାରି ରହିଛି ବୋଲି ଆଇଆଇସି ନାଗ ସୂଚନା ଦେଇଛନ୍ତି।

# ଲହୁଣୀପଡ଼ାରେ ବାଜପେୟୀଙ୍କ ଜନ୍ମ ଶତବାର୍ଷିକୀ



କାର୍ଯ୍ୟକ୍ରମରେ ଉପସ୍ଥିତ ଭାଜପା କର୍ମକର୍ତ୍ତା।

ଲହୁଣୀପଡ଼ା,୨୫।୧୨(ଦାଶରଥି ପଣ୍ଡା)

ଲହୁଣୀପଡା ବ୍ଲକ ରାଜମୁଣ୍ଡା ସ୍ଥିତ ଭାଜପା କାର୍ଯ୍ୟାଳୟରେ ଗୁରୁବାର ପୂର୍ବତନ ପ୍ରଧାନମନ୍ତ୍ରୀ, ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ ତମ ଜନ୍ମ ଶତ ବାର୍ଷିକୀ ପାଳିତ ହୋଇଯାଇଛି। ପାର୍ଟି କାର୍ଯ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ସହ ସଂଯୋଜକ ଆହ୍ଲାଦ ବଢ଼େଇ ସଂଯୋଜନା କରିଥିବା ବେଳେ ସମବେତ ମଣ୍ଡଳ ସଭାପତି, ମଣ୍ଡଳ ସାଧାରଣ ସମ୍ପାଦକ, କାର୍ଯ୍ୟକର୍ତ୍ତା ଓ ନେତୃମଣ୍ଡଳୀ ବାଜପେୟୀଙ୍କ ଫୋଟୋ ଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ଦଳର ବରିଷ୍ଠ କାର୍ଯ୍ୟକର୍ତ୍ତା ତଥା ଜିଲା ସମ୍ପାଦକ ଅନିଲ କୁମାର ମାହାନ୍ତ, ଜିଲା ସଧାରଣ ସମ୍ପାଦକ ଅଭିରାମ ମହାକୁଳ ପ୍ରମୁଖ ବାଜପାୟୀଙ୍କ ନୀତି, ଆଦର୍ଶ, ଦୂର ଦୃଷ୍ଟି ସମ୍ପନ୍ନ ନେତୃତ୍ୱ ଓ ଜୀବନୀ ସମ୍ପର୍କରେ ସ୍ମୃତି ଚାରଣ କରି ବକ୍ତବ୍ୟ ରଖିଥିଲେ। ସଭାକାର୍ଯ୍ୟ ପରେ ରାଜାମୁଣ୍ଡା ବାଇପାସ ଗୋଲେଇ ଛକକୁ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମଙ୍କ ଆଗ୍ରହ କ୍ରମେ "ଅଟଳ ବିହାରୀ ବାଜପେୟୀ ଛକ" ଭାବେ ନାମିତ କରାଯାଇଥିଲା। ଏହା ପରେ ସମବେତ ଭାଜପା କର୍ମୀ ଲହୁଣୀପଡ଼ା ଡାକ୍ତରଖାନାରେ ଅନ୍ତେବାସୀ ରୋଗୀଙ୍କୁ ଫଳ ଓ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ପରିଷଦ ସଦସ୍ୟ ବାସୁଦେବ ସାହୁ, ମହିଳା ମୋର୍ଚ୍ଚା ସଭାନେତ୍ରୀ ଜୟନ୍ତୀ ମାହାନ୍ତ, ଲହୁଣୀପଡ଼ା ମଣ୍ଡଳ ସଭାପତି ପୂର୍ଣ୍ଣଚନ୍ଦ୍ର ଓରାମ, କେ. ବଲାଙ୍ଗ ମଣ୍ଡଳ ସଭାପତି ହେମ୍ନ ଓରାମ, ସରସରା ମଣ୍ଡଳ ସଭାପତି ବିରେନ୍ଦ୍ର ବଡ ନାୟକ, ଗୁରୁଣ୍ଡିଆ ମଣ୍ଡଳ ସଭାପତି ମନୋଜ ସାହୁ, ବଣାଇଁ ମଣ୍ଡଳ ସଭାପତି ମିଥିଳା ପାତ୍ର, ମଣ୍ଡଳ ସାଧାରଣ ସମ୍ପାଦକ ବୈକୁଣ୍ଠ ଗଡତିଆ, ହଳଧର ମାହାନ୍ତ, କର୍ମୁ କିସାନ, ଶିବ ସୁନ୍ଦର ରାଉତ, ଶଙ୍କର୍ଷଣ ସେନାପତି, ଲବ କିଶୋର ସାହୁ, ବରିଷ୍ଠ କାର୍ଯ୍ୟକର୍ତ୍ତା ନାରାୟଣ କୁମ୍ଭାର, ରାମ ପ୍ରକାଶ ଜୈସୱାଲ, ଅଭିମନ୍ୟୁ ମହାକୁଳ, କଳାକର ପାତ୍ର, ସୌଦାମିନୀ ଦଳ ବେହେରା, ଦେବ ଚରଣ କିସାନ, ଭୁବନେଶ୍ୱର ବେହେରା, ରାଜେଶ ଜୈସୱାଲ, କିରଣ କାଲୋ, ମାଦି ଓରାମ, ହେମେନ୍ଦ୍ର ମାହାନ୍ତ, ରାଜ କିଶୋର ମାହାନ୍ତ, ମହାଦେବ ଓରାମ, ସୁଶାନ୍ତ ବେହେରା, ଆଦାମ ସୋରେନଙ୍କ ସମେତ କାର୍ଯ୍ୟକର୍ତ୍ତାମାନେ ଯୋଗ ଦେଇଥିଲେ।

# ଘଣ୍ଟାଏ ବନ୍ଦ ରହିବ ଆଉଟଡୋର ସେବା

ବଡ଼ଗାଁ,୨୫।୧୨(ଅଶୋକ ଷଡଙ୍ଗୀ)

କାର୍ଯ୍ୟ ସ୍ଥଳରେ ଡାକ୍ତରଙ୍କ ସୁରକ୍ଷା ଅଭାବ, ଅତିରିକ୍ତ କାମର ଚାପ, ଯଥାଚିତ ଭତ୍ତା ନ ମିଳିବା ସମସ୍ୟାକୁ ନେଇ ଓଡ଼ିଶା ମେଡିକାଲ ସେବା ସଂଘ (ଓମସା) ପକ୍ଷରୁ ଗତ ସପ୍ତାହରେ ଦିଆ ଯାଇଥିବା ଡାକରା ମୁତାବକ ଶୁକ୍ରବାର ଠାରୁ ବଡ଼ଗାଁ ବ୍ଲକର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ପୂର୍ବାହ୍ନ ୧୦ ଟାରୁ ୧୧ ଟା ପର୍ଯ୍ୟନ୍ତ ଏକ ଘଣ୍ଟା ସ୍ୱାସ୍ଥ୍ୟ ସେବା ବନ୍ଦ କରିବାକୁ ବଡ଼ଗାଁ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟ ଅଧିକାରୀ ଡ.ସାରଦା ପ୍ରସନ୍ନ ଜେନା ସୂଚନା ଦେଇଛନ୍ତି। ତେବେ ଏହି ସମୟରେ ଇନଡୋର ଓ ସମସ୍ତ ଜରୁରୀକାଳୀନ ସେବା ଜାରି ରହିବ।

# ୮ ଜୁଆଡ଼ି ଗିରଫ, ୭ ଲକ୍ଷ ୭୦ ହଜାର ଟଙ୍କା ଜବତ



ଗିରଫ ଜୁଆଡି, ବ୍ୟବହୃତ ସାମଗ୍ରୀ।

ବଡ଼ଗାଁ,୨୫।୧୨(ଅଶୋକ ଷଡଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ବେହେରାମାଲ ଗାଁରେ ହେଉଥିବା ଯାତ୍ରାରେ ବୁଧବାର ବିଳମ୍ବିତ ରାତିରେ ପୋଲିସ ଚଢ଼ାଉ କରି ୮ ଜଣ ଜୁଆଡିଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଗୋବିନ୍ଦପୁର ଗ୍ରାମର ମହେନ୍ଦ୍ର ଲୁହା (୫୫), ତାରାଚାନ୍ଦ କିସାନ (୪୫), ପାମରା ଝୁନାପଡ଼ା ଗ୍ରାମର କନ୍ଦର୍ପ ଖିଲାରି (୫୩), କୁଆରମାଲ ଗ୍ରାମର ମହାଦେବ ବେହେରା, ଖୁଟମୁଣ୍ଡା ଗ୍ରାମର ଶତ୍ରୁଘ୍ନ କିସାନ (୩୯), ସୁନ୍ଦରଗଡ଼ର ସନ୍ତୋଷ କୁମାର କଉଡ଼ି, ବଲଦମାଲ ଗ୍ରାମର ଉଦୟନାଥ ପ୍ରଧାନ (୫୧), ସୁବଲୟା ଗ୍ରାମର ଜନ୍ମ ପେରୁଆ (୫୪)। ସେମାନଙ୍କ ନିକଟରୁ ୭ ଲକ୍ଷ ୭୦ ହଜାର ୫୦ ହଜାର ଟଙ୍କା, ଓଡି ୧୬ ଏନ -୮୫୫୮ କାର, ୧୦ଟି ମୋବାଇଲ ଫୋନ, ୭ ଗ୍ୟାସ ଲାଇଟ ଓ ଜୁଆ ଖେଳ ପାଇଁ ବ୍ୟବହୃତ ସାମଗ୍ରୀ ଜବତ କରାଯାଇଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରିଛି। ଗୁରୁବାର ଅପରାହ୍ନରେ ବଡ଼ଗାଁ ଥାନା ଏସ୍‌ଡିପିଓ ବିଭୂତି ଭୂଷଣ ଭୋଇ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ବେହେରାମାଲ ଗ୍ରାମରେ ଚାଲିଥିବା ଯାତ୍ରାରେ ଜୁଆ ଖେଳ ହେଉଥିବା ସୂଚନା ପାଇ ସୁନ୍ଦରଗଡ଼ ଏସ୍‌ପି ଅମ୍ରିତା ପାଲ କୌରଙ୍କ ନିର୍ଦ୍ଦେଶକ୍ରମେ ବଡ଼ଗାଁ ଥାନା ଏସ୍‌ଡିପିଓ ଭୋଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବଡ଼ଗାଁ ଥାନା ଆଇଆଇସି ମହେନ୍ଦ୍ର ସାହୁ ଓ ଏଏସ୍‌ଆଇ ବିଜୟ କୁମାର କରଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ସ୍କ୍ୱାଡ ସହଯୋଗରେ ବୁଧବାର ବିଳମ୍ବିତ ରାତିରେ ଚଢ଼ାଉ କରାଯାଇଥିଲା। ବଡ଼ଗାଁ ପୋଲିସର ଜୁଆ ଧରପଗଡ ଉପରେ ଏହା ସବୁଠାରୁ ବଡ ସଫଳତା ବୋଲି ସାଧାରଣରେ ଆଲୋଚନା ହେଉଛି।

# କ୍ରିସ୍‌ମାସ୍ ପାଳନକଲେ ଛାତ୍ରୀଛାତ୍ର

ବଡ଼ଗାଁ,୨୫।୧୨(ଅଶୋକ ଷଡଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ସ୍ଥିତ ନର୍ସିଂ କଲେଜ ପରିସରରେ ଗୁରୁବାର ଛାତ୍ରୀଛାତ୍ରମାନେ ଧୁମ ଧାମରେ କ୍ରିସ୍‌ମାସ୍ ପାଳନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବଡ଼ଗାଁ ବ୍ଲକ ଅଧ୍ୟକ୍ଷା ଦୁଲାରୀ ସୋରେଙ୍ଗ ମୁଖ୍ୟ ଅତିଥି, ବଡ଼ଗାଁ କ ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ, ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ହେମନ୍ତ କୁମାର ପଣ୍ଡା, ଯୁକ୍ତ ୨ କଲେଜର ଅଧ୍ୟକ୍ଷା ସୁପ୍ରିୟା ପାଲ, ବଡ଼ଗାଁ ଆଇଟିଆଇ ଅଧ୍ୟକ୍ଷା ସାଗରିକା ନାଏକ, ନର୍ସିଂ କଲେଜ ଅଧ୍ୟକ୍ଷା ସମାପିକା ରାଉତ , ସୁନାମଧନ୍ୟ କଳାକାର ସୁଶ୍ରୀ ସବିତା ଜେନା, ପ୍ରିୟଙ୍କା ମହାପାତ୍ର, ଆତିଶ କୁମାର ରାଉତ ସମ୍ମାନିତ ଅତିଥିଭାବେ ଅଂଶ ଗ୍ରହଣ କରିଥିଲେ। ବଡ଼ଗାଁ ନର୍ସିଂ କଲେଜ ଚେୟାରମେନ ଡ. ଅରୁଣ କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ଛାତ୍ରୀଛାତ୍ରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କ୍ରିସ୍‌ମାସ୍ ଉତ୍ସବକୁ ଅନୁଷ୍ଠାନର ଛାତ୍ରୀଛାତ୍ରମାନେ ପରିଚାଳନା କରିଥିଲେ। ଅଂଶଗ୍ରହଣ କରିଥିବା ଅତିଥି କଳାକାରଙ୍କ ନୃତ୍ୟଗୀତରେ ଛାତ୍ରୀଛାତ୍ର ବିଭୋର ହୋଇଯାଇଥିଲେ। ଏହି ଅବସରରେ ଅତିଥି କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

ରାଜଗାଙ୍ଗପୁର,୨୫।୧୨( ଅଶୋକ ପାଣି)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁରସ୍ଥିତ ଡାଲମିଆ ବିଦ୍ୟାମନ୍ଦିରରେ ଆୟୋଜିତ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ନିମ୍ନ ପ୍ରାଥମିକ ସ୍ତରରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପାଖାପାଖି ୭୨୦ ଜଣ ବିଦ୍ୟାର୍ଥୀ ବିଭିନ୍ନ ବର୍ଗରେ ୭୦ଟି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନିଜ ନିଜ କ୍ରୀଡ଼ା ନୈପୁଣ୍ୟ ପ୍ରଦର୍ଶନ କରିଥିଲେ। ଶେଷରେ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ମେଡାଲ ଦେଇ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଡାଲମିଆ ବିଦ୍ୟାମନ୍ଦିର ସମୂହର ମୁଖ୍ୟ ଶିକ୍ଷା ଅଧିକାରୀ ଡ. ରୋଜେଟା ଉଇଲିୟମ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇବା ସହ ଖେଳ ଓ ଖେଳ ପ୍ରତିଯୋଗିତା ଶିକ୍ଷାର ଏକ ଅଙ୍ଗ ବୋଲି କହିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ଜୟଦେବ କର ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ଖେଳ ଶିକ୍ଷକଙ୍କ ସହ ପୂର୍ବତନ ଖେଳ ଶିକ୍ଷକ ବିରଞ୍ଚି ପଟେଲ ଯୋଗଦେଇ ଖେଳ ପରିଚାଳନା କରିଥିଲେ। ବିଦ୍ୟାଳୟର ସମର ଶିକ୍ଷାର୍ଥୀ ବାହିନୀ, ସ୍କାଉଟ ଓ ଗାଇଡ ବିଭାଗ ପକ୍ଷରୁ ପରେଡ୍ ପ୍ରଦର୍ଶନ ହୋଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ଏଥିରେ ସହଯୋଗ କରିଥିଲେ। ବରିଷ୍ଠ ବର୍ଗରେ ସାଇ ସାର୍ଥକ ଶର୍ମା ଓ ଆକୃତି ସିଂ ଚାମ୍ପିୟନ ଟ୍ରଫି ହାସଲ କରିଥିଲେ। ମାଧ୍ୟମିକ ସ୍ତରରେ ଗର୍ବିତ କୁମାର ଓ କୁହୁ ବିନୋଦ ତଥା କନିଷ୍ଠ ବର୍ଗରେ ରେୟାଂଶ ତନ୍ତୀ, ନିୟତି କୁମାରୀ ଏବଂ ଆରାଧ୍ୟା ନାୟକଙ୍କୁ ସର୍ବଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ସର୍ବକନିଷ୍ଠ ବର୍ଗରେ ଓମ ପ୍ରକାଶ ବେହେରା ତଥା ରିଦା ଖାନ ଏହି ସମ୍ମାନ ପାଇଥିଲେ। ବିଦ୍ୟାଳୟର ଚାରି ହାଉସ ମଧ୍ୟରେ ହୋଇଥିବା ପ୍ରତିଯୋଗିତାରେ ବ୍ରହ୍ମପୁତ୍ର ହାଉସ ନିଜର ସର୍ବଶ୍ରେଷ୍ଠ ପ୍ରଦର୍ଶନ ସହ ଟ୍ରଫି ହାସଲ କରିଥିଲା।



କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

# ସମାଜର ବିକାଶ କ୍ଷେତ୍ରରେ ଏକତା ଜରୁରୀ

ସୁନ୍ଦରଗଡ,୨୫।୧୨(ଜୟ ନାରାୟଣ ମେଣ୍ଟୁଳି)




ଅଠରଗଡ ଫୁଲମାଳି ସମାଜର ବାର୍ଷିକ ମହୋତ୍ସବରେ ମୁଖ୍ୟ ଅତିଥି ଓ ସମାଜର କର୍ମକର୍ତ୍ତା।

**ଅଠରଗଡ଼ ଫୁଲମାଳୀ ସମାଜର ବାର୍ଷିକ ମହୋତ୍ସବ ଉଦ୍‌ଯାପିତ**

ସୁନ୍ଦରଗଡ଼ ଜିଲା ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ ଧଉଁରାଅଡାଠାରେ ଅଠରଗଡ଼ ଫୁଲମାଳୀ ସମାଜର ତ୍ରୟୋଦଶ ବାର୍ଷିକ ମହୋତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ମଣ୍ଡଳ ଉପସଭାପତି ରାଜୁ ପଟେଲଙ୍କ ସଭାପତିତ୍ୱରେ ବିଧାୟକ ଯୋଗେଶ କୁମାର ସିଂହ ମୁଖ୍ୟଅତିଥି ଭାବେ ଯୋଗଦାନ କରି ସମାଜର ବିକାଶ କ୍ଷେତ୍ରରେ ଏକତା ଜରୁରୀ ବୋଲି ମତାମତ ପ୍ରଦାନ କରିଥିଲେ। ସମ୍ମାନୀତ ଅତିଥିଭାବେ ସମାଜର ସଭାପତି ପରସରାମ ପଟେଲ, ଛତିଶଗଡ ରାଜ୍ୟର ସାହାଯ୍ୟକାରୀ ସଭାପତି ଲମ୍ୱୋଦର ପଟେଲ, ସରିଆ ଉପସଭାପତି କମଲେଶ ପଟେଲ, ସାରଙ୍ଗଗଡ଼ ଉପସଭାପତି ଭିଚରଣ ପଟେଲ, ପୂର୍ବତନ ସାହାଯ୍ୟକାରୀ ସଭାପତି ଟଙ୍କଧର ମାଝୀ, ସମ୍ପାଦକ ଖଗପତି ମାଲାକାର, ପୂର୍ବତନ ସମ୍ପାଦକ କମଲ ପଟେଲ ପ୍ରମୁଖ ମଞ୍ଚାସୀନ ରହି ସମାଜର ବିକାଶ ଦିଗରେ ଭିନ୍ନ ଭିନ୍ନ ଭାବେ ମତାମତ ପ୍ରଦାନ କରିଥିଲେ। ଏଥିରେ ବିବାହିତା ଏବଂ ଅବିବାହିତା ବର୍ଗରେ ଝୋଟି, ରଙ୍ଗୋଲି ତଥା ଗୀତ, ଏକ ମିନିଟ କଳା ପ୍ରଦର୍ଶନ, ଲକ୍ଷ୍ମୀ ପୁରାଣ ପଠନ, ହୁଳହୁଳି, ଶଙ୍ଖବାଦନ, ଝିଅ ନଂ ୧ ପ୍ରତିଯୋଗିତା କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଆରାଧ୍ୟାଦେବୀ ମା' ସମଲେଇଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ପରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଫିରୋଜ ପଟେଲ, ଜଗନ୍ନାଥ ଠାକୁର, ଉଦିତ ପଟେଲ, ଲଳିତ ପଟେଲ ପ୍ରମୁଖ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ ସୁନ୍ଦରଗଡ଼ ମଣ୍ଡଳ ଏବଂ ଧଉଁରାଅଡ଼ା ଗାଦୀର ମିଳିତ କ୍ରମେ ଆୟୋଜନ କରାଯାଇଥିଲା। ସମାଜର ଅନନ୍ତ ରାମ ପଟେଲ, ଡୋଲାମଣି ପାଣ୍ଡେ, ପବିତ୍ର ମୋହନ ନାଏକ, ରାମଜୀ ପଟେଲ, ଦେଶରଞ୍ଜନ ପଟେଲ, ହେମନ୍ତ ପଟେଲ, ପୌଲସ୍ତି ପାଣ୍ଡେ ପ୍ରମୁଖ ଜାତିଭାଇ ନେତୃତ୍ୱ ନେଇଥିଲେ। ଶେଷରେ ଅଶୋକ ପଟେଲ ଧନ୍ୟବାଦ ପ୍ରଦାନ କରିଥିଲେ। ଏଥିରେ ବହୁ ସଂଖ୍ୟାରେ ସୁନ୍ଦରଗଡ଼, ଝାରସୁଗୁଡା, ସମ୍ବଲପୁର, ବରଗଡ଼ ସମେତ ଛତିଶଗଡ ରାଜ୍ୟରୁ ସମାଜର ମହିଳା ଓ ପୁରୁଷ ଯୋଗଦାନ କରିଥିଲେ।

## ସଂକ୍ଷେପରେ

### ଦୁର୍ଘଟଣାଗ୍ରସ୍ତ କାରରୁ ୮୭ କେଜି ଗଞ୍ଜେଇ ଜବତ

ବେଲପାହାଡ଼, ୨୫।୧୨(ସୁବାସ ପ୍ରଧାନ)

ଝାରସୁଗୁଡ଼ା ବେଲପାହାଡ଼ ଓଭର ବ୍ରିଜ ଜାତୀୟ ରାଜପଥ ୪୯ରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଏକ କାର୍‌ରୁ ଗୁରୁବାର ପୋଲିସ ୮୭ କେଜି ଗଞ୍ଜେଇ ଜବତ କରିଛି। କାରରେ ଥିବା ସଂପୃକ୍ତ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ଭୋର୍ ପ୍ରାୟ ୩ ଟାରେ ଝାରସୁଗୁଡ଼ାରୁ ଛତିଶଗଡ଼ ଅଭିମୁଖେ ଦ୍ରୁତ ଗତିରେ ଯାଉଥିବା ଏକ କାର (ଏମପି-୦୯ଡବ୍ଲୁଏଫ-୭୩୧୪) ବେଲପାହାଡ଼ ଓଭର ବ୍ରିଜରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣାସ୍ଥଳରେ କାର୍‌କୁ ଛାଡ଼ି ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। କାରରେ ଲୁକାଇତ ଅବସ୍ଥାରେ ରଖାଯାଇଥିବା ଗଞ୍ଜେଇକୁ ପୋଲିସ ଜବତ କରିଛି। ମାଜିଷ୍ଟ୍ରେଟ ଦାୟିତ୍ୱରେ ଅତିରିକ୍ତ ତହସିଲଦାର ଅଜିତ କୁମାର ମହନ୍ତ, ବ୍ରଜରାଜନଗର ଏସଡିପିଓ ଚିନ୍ତାମଣି ପ୍ରଧାନ, ବେଲପାହାଡ଼ ଏସଆଇ ଦେବାର୍ଚ୍ଚନ କଲେତ ଓ ସାଇଣ୍ଟିଫିକ ଦଳ ପହଞ୍ଚି ଘଟଣାର ତଦନ୍ତ ଚଳାଇଛନ୍ତି।

### ସମ୍ବଲପୁରୀ ହପ୍ତା ଉଦ୍‌ଘାଟିତ

ସମ୍ବଲପୁର, ୨୫।୧୨(ଭବାନୀ ଶଙ୍କର ଭୋଇ)

ପଡିଆବାହାଲ ନିକଟସ୍ଥ ଗୌତମଟିକ୍ରା ଗାଁରେ ଗୁରୁବାର ସମ୍ବଲପୁରୀ ଭାଷା ଏକାଡେମୀ ପକ୍ଷରୁ ସମ୍ବଲପୁରୀ ହପ୍ତା ଉଦ୍‌ଘାଟିତ ହୋଇଯାଇଛି। ଏକାଡେମୀର ଅଧ୍ୟକ୍ଷ ହେମକାନ୍ତ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥିଭାବେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ନାଥ, ମୁଖ୍ୟବକ୍ତାଭାବେ ଶିକ୍ଷକ ତଥା ସମାଜସେବୀ ଆଦର୍ଶ କର ଓ ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ କ୍ରୀଡା ଅଧ୍ୟାପକ ପ୍ରଦୀପ କୁମାର ନାୟକ ଯୋଗଦେଇଥିଲେ। ମୁଖ୍ୟ ଅତିଥି ନାଥ କହିଥିଲେ, ସମ୍ବଲପୁରୀ ଆମର ମାତୃଭାଷା। ଏହାର ସମୃଦ୍ଧ ସାହିତ୍ୟ ରହିଛି । ହେଲେ ଏହାର ନିଜସ୍ୱ ଲିପି ନ ଥିଲା। ସମ୍ବଲପୁରୀ ଲିପି ତିଆରି ହେବା ପରେ ସମ୍ବଲପୁରୀ ଭାଷା ସାହିତ୍ୟ ପାଇଁ ଗୌରବ ବୃଦ୍ଧି ହୋଇଛି। ସମ୍ବଲପୁରୀ ଆମର ଅସ୍ମିତାର ପରିଚୟ। ଆମେ ସମସ୍ତେ ଏହି ଲିପି ଶିଖିବା ଉଚିତ। ମୁଖ୍ୟବକ୍ତା କର ସମ୍ବଲପୁରୀ ଲିପିର ବୈଶିଷ୍ଟ୍ୟ ଓ ଆବଶ୍ୟକତା ଉପରେ ବୁଝାଇଥିଲେ। କାର୍ଯ୍ୟକ୍ରମ ଆସନ୍ତା ୩୧ ତାରିଖ ଗୁରୁ ସତ୍ୟନାରାୟଣ ବହିଦାର୍‌ଙ୍କ ଶ୍ରାଦ୍ଧ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ ପୁରସ୍କାର ପ୍ରଦାନ ପରେ ଉଦଯାପନୀ ଉତ୍ସବ ଅନୁଷ୍ଠିତ ହେବ ବୋଲି ଏକା ଚେୟର୍ ପର୍ସନ ହେମକାନ୍ତ ସାହୁ ଜଣାଇଛନ୍ତି । କାର୍ଯ୍ୟକ୍ରମ ଆୟୋଜନରେ ଭାବଗ୍ରାହୀ ସାହୁ ଓ ଚନ୍ଦ୍ରଶେଖର ବାରିକ ସହଯୋଗ କରିଥିଲେ। ଶେଷରେ ମୋନାଲିସା ମହାନନ୍ଦ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ରେଢ଼ାଖୋଲରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଉଦ୍‌ଘାଟିତ

ସମ୍ବଲପୁର, ୨୫।୧୨(ଭବାନୀ ଶଙ୍କର ଭୋଇ)

ରେଢ଼ାଖୋଲରେ ସୁଶାସନ ଦିବସ ଅବସରରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓ ଅନ୍ୟାନ୍ୟ ବିକାଶ ମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାୟକ, ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ଉତ୍ତରାଞ୍ଚଳ ଆଇଜି ହିଂମାଂଶୁ ଲାଲ, ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁ, ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ କ୍ଷତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଉଦ୍‌ଘାଟନ କରିଥିଲେ। ଏହି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ୯୫୧. ୮୫ ଲକ୍ଷ୍ୟ ଟଙ୍କା ବ୍ୟୟବରାଦରେ ନିର୍ମାଣ କରାଯାଇଥିବା ବେଳେ ଚିକିତ୍ସା କେନ୍ଦ୍ର ନିର୍ମାଣ ପାଇଁ ୧୧, ୨୦୪ ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି। ରେଢ଼ାଖୋଲଠାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଆନୁକୂଲ୍ୟରେ ଟ୍ରୋମା କେୟାର ସେଣ୍ଟର୍ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଅବସରରେ ସନ୍ଥକବି ଭୀମ ଭୋଇଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

# ଆଜି ଭିସୁଟ୍‌ର ୧୭ତମ ସମାବର୍ତ୍ତନ ଉତ୍ସବ

ସମ୍ବଲପୁର, ୨୫।୧୨(ପ୍ରମୋଦ ବହିଦାର)



ଭିସୁଟ୍‌ରେ ଅନୁଷ୍ଠିତ ଖବରଦାରା ସମ୍ମିଳନୀରେ କୁଳପତି ଓ କୁଳସଚିବ।

ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ(ଭିସୁଟ୍)ର ୧୭ତମ ସମାବର୍ତ୍ତନ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହେବ। ଭିସୁଟ୍ ପରିସରସ୍ଥ ସାର୍ ବିଶ୍ୱେଶ୍ୱରାୟ ପ୍ରେକ୍ଷାଳୟରେ ଅନୁଷ୍ଠିତ ହେବାକୁ ଥିବା ସମାବର୍ତ୍ତନ ସମାରୋହରେ ଇଞ୍ଜିନିୟରିଂ, ବିଜ୍ଞାନ, ସ୍ଥାପତ୍ୟ, କମ୍ପ୍ୟୁଟର ଆପ୍ଲିକେସନ୍ ଏବଂ ହ୍ୟୁମାନିଟିସ୍ ଆଦି ବିଭିନ୍ନ ବିଭାଗରେ ସ୍ନାତକ, ସ୍ନାତକୋତ୍ତର ଓ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି। ଏହାସହିତ ମେଧାବୀ ଛାତ୍ରୀଛାତ୍ରଙ୍କୁ ସେମାନଙ୍କର ଶିକ୍ଷାଗତ ଉତ୍କର୍ଷତା ଓ ଉଲ୍ଲେଖନୀୟ ସଫଳତା ପାଇଁ ସ୍ୱର୍ଣ୍ଣ ପଦକରେ ସମ୍ମାନିତ କରାଯିବ ବୋଲି ଭିସୁଟ୍ କୁଳପତି ପ୍ରଫେସର ଦୀପକ କୁମାର ସାହୁ ସୂଚନା ଦେଇଛନ୍ତି। ଗୁରୁବାର ଭିସୁଟ୍ ସୁବର୍ଣ୍ଣଜୟନ୍ତୀ ସେମିନାର ହଲ୍‌ରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ କୁଳପତି ପ୍ରଫେସର ସାହୁ ସୂଚନା ଦେଇ କହିଛନ୍ତି, ଶୁକ୍ରବାର ଅପରାହ୍ନ ୧୨ଟାରେ ରାଜ୍ୟପାଳ ହରିବାବୁ କୁମ୍ଭମ୍‌ପାଟିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହେବାକୁ ଥିବା ସମାବର୍ତ୍ତନ ଉତ୍ସବରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟଅତିଥି, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳମନ୍ତ୍ରୀ ରବି ନାରାୟଣ ନାୟକଙ୍କ ସମେତ ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ବିଧାୟକ ଜୟନାରାୟଣ ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗଦେବେ। ଏହି ଅବସରରେ ମୁଖ୍ୟଅତିଥି ପ୍ରଧାନ ଏକ ବୁଝାମଣା ପତ୍ର ସ୍ୱାକ୍ଷର କରିବା ସହିତ 'ସମ୍ବଲପୁର ଶିକ୍ଷା ଏବଂ ଗବେଷଣା କ୍ଲଷ୍ଟର ହାର୍ବର'(ଏସ୍‌ଇଆର୍‌ସିଏଚ୍) ସ୍ଥାପନ ଘୋଷଣା କରିବାର କାର୍ଯ୍ୟକ୍ରମ ରହିଛି। ଏହାସହ ଭିସୁଟର ପ୍ରଥମ ଷାଣ୍ମାସିକ ନ୍ୟୁଜଲେଟର 'ସିଦ୍ଧି' ଉନ୍ମୋଚନ ତଥା ପ୍ରଥମ ବର୍ଷର ଇଞ୍ଜିନିୟରିଂ ଛାତ୍ରଙ୍କ ପାଇଁ ତିନୋଟି ତ୍ରିଭାଷୀ ପ୍ରୟୋଗଶାଳାର ଉଦ୍‌ଘାଟନ କରିବେ ବୋଲି କୁଳପତି ପ୍ରଫେସର ସାହୁ କହିଛନ୍ତି। ସେ ସୂଚନା ଦେଇ କହିଛନ୍ତି, ଚଳିତ ଶିକ୍ଷାବର୍ଷ-୨୦୨୫ରେ ମୋଟ ୧୧୩୮ ଜଣ ଛାତ୍ରୀଛାତ୍ର ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି। ସେଥିମଧ୍ୟରେ ପିଏଚଡି ପାଠ୍ୟକ୍ରମରେ ୨୪, ଏମ୍‌ଟେକ୍‌ରେ ୧୧୫, ଏମ୍‌ସିଏରେ ୩୬, ଏମ୍‌ଏସ୍‌ସିରେ ୫୯, ଇଣ୍ଟିଗ୍ରେଟେଡ ଏମ୍‌ଏସ୍‌ସିରେ ୩୮, ବି-ଟେକ୍‌ରେ ୮୪୮, ବି-ଆର୍କରେ ୧୮ ଜଣ ରହିଛନ୍ତି। ସେ କହିଛନ୍ତି ଯେ, ଚଳିତ ବର୍ଷ ବିଶ୍ୱବିଦ୍ୟାଳୟ ପକ୍ଷରୁ ମୋଟ ୨୭ଟି ସ୍ୱର୍ଣ୍ଣ ପଦକ, ୮ଟି ଦାତବ୍ୟ ସ୍ୱର୍ଣ୍ଣ ପଦକ ଓ ୩୦ଟି ଯୋଗ୍ୟତା ପ୍ରମାଣପତ୍ର ପ୍ରଦାନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

**୩୫ ମେଧାବୀ ପାଇବେ ସ୍ୱର୍ଣ୍ଣ ପଦକ**

# ନାଟକ ଆଏବା ସକାଳ, କଳାଗ୍ରାମ ମଞ୍ଚସ୍ଥ



ଯୁବ ଉଦୟନ ଆୟୋଜିତ ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତା ଗୁରୁବାର ରାତିରେ ମଞ୍ଚସ୍ଥ ଆଏବା ସକାଳ ନାଟକର ଏକ ଦୃଶ୍ୟ ।

ସମ୍ବଲପୁର, ୨୫।୧୨(ବି.ଶଙ୍କର)

**ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତା**

**କଳା ହେଉଛି ସଂସ୍କୃତିର ପରିଚୟ**

ଯୁବ ଉଦୟନ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ବୀର ସୁରେନ୍ଦ୍ର ସାଏ ୨୮ତମ ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତାର ଗୁରୁବାର ଦ୍ୱିତୀୟ ରଜନୀରେ ନାଟକ ଆଏବା ସକାଳ ଓ କଳାଗ୍ରାମ ମଞ୍ଚସ୍ଥ ହୋଇଛି । ସମ୍ବଲପୁର ଝାଡୁଆପଡା ସ୍ଥିତ ଆରଣ୍ୟକ ମଞ୍ଚରେ ବରଗଡ ଜିଲା ସମର୍ପଣ ସାଂସ୍କୃତିକ ଅନୁଷ୍ଠାନର କଳାକାରମାନେ ସମ୍ବଲପୁରୀ ନାଟକ ଆଏବା ସକାଳ ମଞ୍ଚନ କରିଥିଲେ। ନାଟ୍ୟକାର ରାମାଶିଷ ତ୍ରିପାଠୀ ରଚନା କରିଥିବା ବେଳେ ସଞ୍ଜୟ କୁମାର ବେହେରା ନିର୍ଦ୍ଦେଶନା ଦେଇଥିଲେ। ସମ୍ପ୍ରତି ଆଧୁନିକତା ଆମ ପରମ୍ପରା ଓ ସଂସ୍କୃତି ଏବଂ ଚଳଣୀକୁ ସମ୍ପୂର୍ଣ୍ଣ ଭାବେ ଗ୍ରାସୀଛି। ବୃଦ୍ଧା ବସ୍ଥାରେ ପରିବାର ବର୍ଗ ସେମାନଙ୍କୁ ଅଦରକାରୀ ବୋଲି ବିବେଚନା କରୁଛନ୍ତି । ଫଳରେ ବୃଦ୍ଧା ବୃଦ୍ଧ ପରିବାରର ସମସ୍ତ ମୋହ ଛାଡି ନୂତନ ସକାଳ ଆଶା ଦେଖୁଛନ୍ତି। ଏପରି କଥାବସ୍ତୁକୁ ନେଇ ନାଟକଟି ଗତିଶୀଳ ହୋଇଥିଲା। ସେହିପରି ବରଗଡ ଜିଲା ପୋଡବାଡି ବୀର ସୁରେନ୍ଦ୍ର ସାଏ କ୍ଲବର କଳାକାରମାନେ ଦ୍ୱିତୀୟ ନାଟକ କଳାଗ୍ରାମ ମଞ୍ଚସ୍ଥ କରିଥିଲେ। ଶିକ୍ଷାବିତ ରାମକୃଷ୍ଣ ରଥ ରଚନା ଓ ନିର୍ଦ୍ଦେଶନା ଦେଇଥିଲେ । କଳା ହେଉଛି ସଂସ୍କୃତିର ପରିଚୟ । ବର୍ତ୍ତମାନ ସମୟରେ ନୂଆ ଫେସନ ଏବଂ ବିକୃତ ଭାବନା ସଂସ୍କୃତିକୁ ମାରିବାକୁ ବସିଛି । ଏଭଳି ସମୟରେ ପୁରୁଣା ଲୋକକଳା ଏବଂ କଳାକାରଙ୍କୁ ଚିହ୍ନିବାକୁ ପଡିବ। ପଶ୍ଚିମ ଓଡିଶାର ଲୁପ୍ତପ୍ରାୟ ଲୋକକଳା ଘୁବୁକୁଡୁ କଳାକାରଙ୍କ ଜୀବନ ଜୀବିକା ସହିତ ଆଧୁନିକ ସମାଜରେ ସଂଘର୍ଷର କାହାଣୀ କଳାଗ୍ରାମ ନାଟକ ମାଧ୍ୟରେ ପରିବେଶିତ ହୋଇଛି। ଆୟୋଜକ ଅନୁଷ୍ଠାନ ଯୁବ ଉଦୟନର ସଭାପତି ସଞ୍ଜୟ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ସାଧାରଣ ସମ୍ପାଦକ ଅଭିଷେକ ମିଶ୍ର ନାଟ୍ୟ ଦଳକୁ ସ୍ୱାଗତ କରିଥିଲେ। ଭାଷା ସଂସ୍କୃତି ଗବେଷକ ଡ. ଶ୍ୟାମସୁନ୍ଦର ଧର, ସମ୍ବଲପୁର ଦୁରଦର୍ଶନ କେନ୍ଦ୍ରର ପ୍ରାକ୍ତନ ମୁଖ୍ୟ ପଦ୍ମଲୋଚନ ଦାଶ ଏବଂ ବରିଷ୍ଠ ମଞ୍ଚ ଅଭିନେତ୍ରୀ ପୁଷ୍ପାଞ୍ଜଳୀ ବେହେରା ବିଚାରକ ରହିଛନ୍ତି । ସମ୍ମାନୀତ ଅତିଥିଭାବେ ପ୍ରସାର ଭାରତୀର ଅବସରପ୍ରାପ୍ତ ଅଧିକାରୀ ବୈକୁଣ୍ଠ ପାଣିଗ୍ରାହୀ ଏବଂ ନେତାଜୀ ସୁବାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟର ଓଡିଆ ବିଭାଗୀୟ ମୁଖ୍ୟ ଡ. ଶ୍ୟାମ ଭୋଇ ଯୋଗଦେଇ କଳାକାରମାନଙ୍କୁ ଉତ୍ସାହିତ କରିଥିଲେ ।

### ସାଂସଦ ଖେଳ ମହୋତ୍ସବର ରାଷ୍ଟ୍ରୀୟ ଉଦ୍‌ଯାପନୀ ଉତ୍ସବ

ସମ୍ବଲପୁର, ୨୫।୧୨(ଭବାନୀ ଶଙ୍କର ଭୋଇ)

ସାଂସଦ ଖେଳ ମହୋତ୍ସବର ରାଷ୍ଟ୍ରୀୟ ଉଦ୍‌ଯାପନୀ ଉତ୍ସବ ଅବସରରେ ଗୁରୁବାର ଜିଲାସ୍ତରୀୟ କାର୍ଯ୍ୟକ୍ରମ ତପସ୍ୱିନୀ ପ୍ରେକ୍ଷାଳୟଠାରେ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ କହିଥିଲେ, ଖେଳରେ ହାର ନଥାଏ, ସେଠି କେବଳ ଜିତିବା ଆଉ ଶିଖିବା ଥାଏ। କ୍ରୀଡ଼ା ଭିତ୍ତିଭୂମିର ବିକାଶ ସହ ଖେଳରେ ଯୁବପ୍ରତିଭାଙ୍କ ଭାଗିଦାରୀକୁ ଅଧିକ ବଢାଇବା ସରକାରଙ୍କ ଲକ୍ଷ୍ୟ ରହିଛି । ସମ୍ବଲପୁର ମାଟି ପୂର୍ବରୁ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ଖେଳାଳି ସୃଷ୍ଟି କରିସାରିଛି । ବର୍ତ୍ତମାନ ୱାର୍ଡ ଓ ପଞ୍ଚାୟତ ସ୍ତରରୁ ନୂତନ ପ୍ରତିଭାଙ୍କୁ ଖୋଜି ବାହାର କରି ସେମାନଙ୍କୁ ବିଶ୍ୱସ୍ତରୀୟ ତାଲିମ ପ୍ରଦାନ କରିବାର ସମୟ ଆସିଛି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ଆର୍ନ୍ତଜାତୀୟ ଭିନ୍ନକ୍ଷମ ଦିବସରେ ଭୁବନେଶ୍ୱରରେ ହୋଇଥିବା ପ୍ରତିଯୋଗିତାରେ ସମ୍ବଲପୁରର ଭାଗ ନେଇ ବିଜୟୀ ହୋଇଥିବା ପ୍ରତିଯୋଗୀ ଏବଂ ଅନ୍ୟାନ୍ୟ ଖେଳରେ ଭାଗ ନେଇଥିବା କୃତିପ୍ରତିଯୋଗୀଙ୍କୁ ସ୍ପୋର୍ଟସ କୀଟ ପ୍ରଦାନ କରାଯାଇ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥିଭାବେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାୟକ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ପୂର୍ବତନ ବିଧାୟକ ନାଉରି ନାୟକ, ଆଇଜି ଉତ୍ତରାଞ୍ଚଳ ହିଂମାଂଶୁ ଲାଲ, ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁ, ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ କ୍ଷତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଜେଲ୍ ଗଲେ ବରିଷ୍ଠ ବନ୍ଦୋବସ୍ତ ରାଜସ୍ୱ ସହାୟକ

ସମ୍ବଲପୁର, ୨୫।୧୨(ପ୍ରମୋଦ ବହିଦାର)


ଆୟବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଗିରଫ ବନ୍ଦୋବସ୍ତ ରାଜସ୍ୱ କିରାଣୀ।

**ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଭିଜିଲାନ୍ସ ଦ୍ୱାରା ଗିରଫ**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସମ୍ବଲପୁର ବନ୍ଦୋବସ୍ତ କାର୍ଯ୍ୟାଳୟର ବରିଷ୍ଠ ରାଜସ୍ୱ ସହାୟକ(କିରାଣୀ) ବାସୁଦେବ ଭୋଇଙ୍କୁ ଗୁରୁବାର ଭିଜିଲାନ୍ସ ବିଭାଗ ଗିରଫ କରିଛି। ତାଙ୍କ ନାମରେ ଭିଜିଲାନ୍ସ କେସ୍ ୨୬।୨୦୨୫ରେ ଏକ ମାମଲା ରୁଜୁ କରି ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ଏସମ୍ପର୍କରେ ଗୁରୁବାର ସନ୍ଧ୍ୟାରେ ସମ୍ବଲପୁର ଭିଜିଲାନ୍ସ ଆରକ୍ଷୀ ଅଧୀକ୍ଷକ ପ୍ରଦ୍ୟୁମ୍ନ କୁମାର ଦ୍ୱିବେଦୀ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି ଯେ, ତାଙ୍କ ଉପରେ ଦୀର୍ଘ ଦିନରୁ ନଜର ରଖାଯାଇଥିଲା। ସେ ବିଭିନ୍ନ ଅନୈତିକ ଉପାୟରେ ଟଙ୍କା ଅର୍ଜନ କରୁଥିବା ନିଶ୍ଚିତ ହେବା ପରେ ତାଙ୍କୁ ଉପରେ ଚଢ଼ାଉ କରାଯାଇଥିଲା। ସ୍ୱତନ୍ତ୍ର ଭିଜିଲାନ୍ସ ମାଜିଷ୍ଟ୍ରେଟ୍‌ଙ୍କ ପକ୍ଷରୁ ଜାରି ସର୍ଚ୍ଚ ୱାରେଣ୍ଟ ବଳରେ ବୁଧବାର ସମ୍ବଲପୁର ଭିଜିଲାନ୍ସ ସ୍କ୍ୱାର୍ଡ ତାଙ୍କର ସମ୍ବଲପୁର ଚାରଭାଟିସ୍ଥିତ ନିଜଘର, ଅଫିସ, ବରଗଡ଼ରେ ନିଜର ଏକ ୨ମହଲା କୋଠା ଓ ପୈତୃକ ଘର ଆଦି ୪ଟି ସ୍ଥାନରେ ଏକସଙ୍ଗେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ତାଙ୍କର ଆୟଠାରୁ ପ୍ରାୟ ୮୦ ଗୁଣ ଅଧିକ ପ୍ରାୟ ୧,୭୨,୬୧,୦୦୦ ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରାଯାଇଥିଲା ବୋଲି କହିଛନ୍ତି ଭିଜିଲାନ୍ସ ଏସ୍‌ପି ଦ୍ୱିବେଦୀ। ସେ ଆହୁରି ସୂଚନା ଦେଇ କହିଛନ୍ତି, ତାଙ୍କର ସ୍ଥାବର ସମ୍ପତ୍ତି ମଧ୍ୟରେ ରହିଛି ବରଗଡ଼ରେ ପ୍ରାୟ ୪ ହଜାର ବର୍ଗଫୁଟ୍‌ର ଏକ ୨ତାଲା କୋଠା, ସମ୍ବଲପୁର ଚାରଭାଟିରେ ୧୭ ଶହ ବର୍ଗଫୁଟ୍‌ର ଏକ ମହଲା ବିଶିଷ୍ଟ କୋଠା, ବରଗଡ଼ ସହରର ବିଭିନ୍ନ ସ୍ଥାନରେ ୧୨ଟି, ସମ୍ବଲପୁର ସହରର ବିଭିନ୍ନ ସ୍ଥାନରେ ୩ଟି ଓ ଉପକଣ୍ଠରେ ଗୋଟିଏ ମିଶି ମୋଟ୍ ୧୬ଟି ବହୁ ମୂଲ୍ୟବାନ ଘରଡିହ। ଅନ୍ୟ ସମ୍ପତ୍ତି ମଧ୍ୟରେ ବୀମା ଓ ବିଭିନ୍ନ ବ୍ୟାଙ୍କରେ ଜମା ୧୧.୫୬ ଲକ୍ଷ ଟଙ୍କାର ଜମା ରାଶି, ୧୧ ଲକ୍ଷ ଟଙ୍କା ମୂଲ୍ୟର ଗୋଟିଏ ଚାରି ଚକିଆ ଓ ୪ଟି ଦୁଇ ଚକିଆ ଯାନ ଏବଂ ୬.୦୭ ଟଙ୍କାର ଅନ୍ୟାନ ଆସବାବପତ୍ର ରହିଛି। ତେବେ ସମସ୍ତ ଘର ଓ ଜମି ଆଦି ସ୍ଥାବର ସମ୍ପତ୍ତିର ମୂଲ୍ୟାୟନ ତଥା ତାଙ୍କ ସରକାରୀ ଚାକିରିଆ ଝିଅଙ୍କ ଆୟ ଓ ଚାଷ ଜମିର ମୋଟ୍ ଆୟ ଓ ବ୍ୟୟ ଆକଳନ କରିବା ପରେ ମିଳିଥିବା ତଥ୍ୟରୁ ତାଙ୍କର ଆୟବହିର୍ଭୂତ ସମ୍ପତ୍ତିକୁ ଠାବ କରାଯାଇଥିଲା। ତେବେ ତାଙ୍କର ବୀମା ଓ ବ୍ୟାଙ୍କ ଜମାର ଅନୁସନ୍ଧାନ ଚାଲିଛି ବୋଲି କହିଛନ୍ତି ଏସ୍‌ପି ଦ୍ୱିବେଦୀ। ୧୯୮୯ରେ କଳାହାଣ୍ଡି ବନ୍ଦୋବସ୍ତ କାର୍ଯ୍ୟାଳୟରେ କନିଷ୍ଠ କିରାଣୀ ଭାବେ ମାସିକ ୭୮୭ ଟଙ୍କା ବେତନରେ ଚାକିରୀ ଜୀବନ ଆରମ୍ଭ କରିଥିବା ଭୋଇଙ୍କ ଅବସରପାଇଁ ଆହୁରି ୩ ବର୍ଷ ଥିଲା। ୧୯୯୯ ମସିହାରେ ବରିଷ୍ଠ କିରାଣୀ ପଦବୀକୁ ପଦୋନ୍ନତି ପାଇ ସେହି ଦିନଠାରୁ ସମ୍ବଲପୁର ବନ୍ଦୋବସ୍ତ କାର୍ଯ୍ୟାଳୟରେ ବରିଷ୍ଠ କିରାଣୀ ଭାବେ କାର୍ଯ୍ୟକରି ଆସୁଛନ୍ତି।

# ବାଜପେୟୀ ଯୁଗ ଯୁଗ ପର୍ଯ୍ୟନ୍ତ ଭାରତୀୟଙ୍କ ପ୍ରେରଣା


ବାଜପେୟୀଙ୍କ ଫଟୋରେ ପୂଜା କରାଯାଉଛି।

ଝାରସୁଗୁଡା, ୨୫।୧୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ାର ଏକ ଘରୋଇ ହୋଟେଲରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ ତମ ଜନ୍ମଜୟନ୍ତୀ ଏବଂ ସୁଶାସନ ଦିବସ ପାଳନ କରାଯାଇଛି। ଏଥିରେ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ମୁଖ୍ୟଅତିଥି ଭାବରେ ଯୋଗଦେଇ କହିଥିଲେ, ବାଜପେୟୀ ଆଜି ପ୍ରତ୍ୟେକ ଭାରତୀୟଙ୍କ ପ୍ରେରଣା ଅଟନ୍ତି ଏବଂ ଆଗାମୀ ପିଢ଼ି ପାଇଁ ପ୍ରେରଣା ହୋଇ ରହିଥିବେ। ସେହିପରି ସ୍ଥାନୀୟ ବିଧାୟକ ଟଙ୍କଧର ତ୍ରିପାଠୀ ବାଜପେୟୀଙ୍କ ପରି ନେତା ବିଶ୍ୱରେ ବହୁତ କମ୍ ଦେଖିବାକୁ ମିଳନ୍ତି ବୋଲି କହିଥିଲେ। ଝାରସୁଗୁଡା ଜିଲା ଲଇକେରା ବ୍ଲକର ବିଶିଷ୍ଟ ଶିକ୍ଷାବିତ, ସମାଜସେବୀ, ଅବସରପ୍ରାପ୍ତ ଶିକ୍ଷକ ସତ୍ୟନାରାୟଣ ନାୟକଙ୍କୁ ଅଟଳ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ସର୍ବ ଭାରତୀୟ ବକ୍ତୃତା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଅଷ୍ଟମ ଶ୍ରେଣୀର ଝିଅ ସାଗରୀକା ବେହେରାଙ୍କୁ ମଧ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସିଏ ସଂଘ ସଭାପତି ସଞ୍ଜୟ ସାରାଉଗୀ, ହୀରାଲାଲ ଲୋକଚନ୍ଦାନି, ବାଳଗୋବିନ୍ଦ ମିଶ୍ର, ନେତାଜୀ ପଟ୍ଟନାୟକ, ପ୍ରେମସେନ ରାୟ, ବିମଳେନ୍ଦୁ ଭୋଲ, ତାରଣ ଗିଦ୍ୱାନି ପ୍ରମୁଖ ଯୋଗ ଦେଇଥିଲେ।

# ବାଜପେୟୀ ଥିଲେ ଅମାୟିକ ବ୍ୟକ୍ତିତ୍ୱର ଅଧିକାରୀ

ସମ୍ବଲପୁର, ୨୫।୧୨(ଭବାନୀ ଶଙ୍କର ଭୋଇ)

ସମ୍ପର୍କ ଫାଉଣ୍ଡେଶନ ପକ୍ଷରୁ ଗୁରୁବାର ସ୍ଥାନୀୟ ସାମ୍ବାଦିକ ଭବନରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଡ. ପ୍ରଦୀପ କୁମାର ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିମାନେ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ସ୍ମୃତିଚାରଣ କରିବା ସହ ତାଙ୍କର କାର୍ଯ୍ୟକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସେ ନିଜର ବକ୍ତବ୍ୟରେ କହିଥିଲେ ଯେ, ବାଜପେୟୀ କେବଳ ଏକ ନାମ ନଥିଲା, ବରଂ ସେ ଥିଲେ ଜଣେ ଅମାୟିକ ବ୍ୟକ୍ତିତ୍ୱର ଅଧିକାରୀ। ତାଙ୍କର ବିଚାର ଏବଂ କଥାରେ ସମସ୍ତଙ୍କର ମନ ଜିଣି ପାରୁଥିଲେ। ସେ ସବୁବେଳେ ସାମୂହିକ ବିକାଶ ଉପରେ ଚିନ୍ତା କରୁଥିଲେ। ଜାତି, ଧର୍ମ, ବର୍ଣ୍ଣର ଉର୍ଦ୍ଧ୍ୱରେ ରହି ସେ କାମ କରୁଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତାଭାବେ ଯୋଗଦେଇ ଶିକ୍ଷାବିତ ଅରବିନ୍ଦ ମହାପାତ୍ର ବାଜପାୟୀ କେବଳ ନିଜ ଦଳ ନୁହେଁ, ବରଂ ସବୁ ଦଳର ନେତାଙ୍କ ପାଇଁ ଆଦର୍ଶ ସୃଷ୍ଟି କରି ପାରିଥିବା କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଡ. ଶଶାଙ୍କ ଶେଖର ପଣ୍ଡା ବାଜପାୟୀଙ୍କ କାର୍ଯ୍ୟଶୈଳୀକୁ ପ୍ରଶଂଶା କରିଥିଲେ। କାର୍ଯ୍ୟକ୍ରମରେ ସୁଭାସ ପାଣିଗ୍ରାହୀ ଅତିଥିଙ୍କୁ ସ୍ୱାଗତ କରିଥିବା ବେଳେ ସମ୍ପର୍କର ଉପସଭାପତି ଅନନ୍ତ ସ୍ୱାମୀ ପଣ୍ଡା ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିରେନ୍ଦ୍ର ପାଣିଗ୍ରାହୀ, ମନୋରଞ୍ଜନ ପଟ୍ଟନାୟକ ଏବଂ ସୂର୍ଯ୍ୟ ପାଣିଗ୍ରାହୀ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ ।



ଅଟଳ ବିହାରୀ ବାଜପେୟୀ ଜୟନ୍ତୀରେ ମଞ୍ଚାସୀନ ଅତିଥି।

# ସୁଶାସନରେ ସରକାର ନୁହେଁ, ଜନତାଙ୍କ ସହଯୋଗ ଲୋଡ଼ା

ସମ୍ବଲପୁର, ୨୫।୧୨(ପ୍ରମୋଦ ବହିଦାର)

- ଭାରତରତ୍ନ ବାଜପେୟୀଙ୍କ ଜନ୍ମ ଦିବସରେ ସୁଶାସନ ଦିବସ ପାଳିତ
- ୮ଶହ କୋଟିରେ ନିର୍ମାଣ ହେବ ଆଉଟର୍ ରିଂରୋଡ଼୍
- କେନ୍ଦ୍ରୀୟ ସହାୟତାରେ ସମ୍ବଲପୁରରେ ଚାଲିବ ୫ଟି ବ୍ୟାଟେରି ବସ୍


ବୁର୍ଲା ଅଟଳ ଉଦ୍ୟାନରେ ଅନୁଷ୍ଠିତ ସୁଶାସନ ଦିବସରେ ଉପସ୍ଥିତ ଅତିଥିବୃନ୍ଦ।

ସୁଶାସନ କେବଳ ସରକାରଙ୍କ ଦାୟିତ୍ୱ ନୁହେଁ ବରଂ ଏଥିପାଇଁ ଜନସାଧାରଣଙ୍କ ସହଯୋଗର ଆବଶ୍ୟକତା ରହିଛି ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁର୍ଲା ଅଟଳଛକ ସ୍ଥିତ ଅଟଳ ଉଦ୍ୟାନରେ ଗୁରୁବାର ଅନୁଷ୍ଠିତ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ତମ ଜନ୍ମ ଦିବସରେ ପାଳିତ ସୁଶାସନ ଦିବସ ଉତ୍ସବରେ ଯୋଗଦେଇ ସେ ଏହା କହିଛନ୍ତି। ଜିଲା ପ୍ରଶାସନ ଓ ଅଟଳ ବିହାରୀ ବାଜପେୟୀ ଜୟନ୍ତୀ ସମିତିର ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରଧାନ ଯୋଗଦେଇ ବୁର୍ଲାକୁ ରାଜ୍ୟର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀରେ ପରିଣତ ପାଇ ସେ ଅଟଳ ବିହାରୀଙ୍କ ପୂର୍ଣ୍ଣବୟବ ପ୍ରତିମୂର୍ତ୍ତି ଥିବା ଏହି ଅଟଳ ଉଦ୍ୟାନର ସୌନ୍ଦର୍ଯ୍ୟକରଣ କରାଯାଇ ଆସନ୍ତାବର୍ଷ ଏହାକୁ ଅଧିକ ଆକର୍ଷଣୀୟ କରିବାକୁ ପ୍ରସ୍ତାବ ଦେଇଥିଲେ। ସେ ସୂଚନା ଦେଇ କହିଲେ ଯେ, ପ୍ରାୟ ୮ଶହ କୋଟି ଟଙ୍କାର ବ୍ୟୟ ଅଟକଳରେ ଗୋଶାଳାରୁ ମାଝିପାଲି ପର୍ଯ୍ୟନ୍ତ ଏକ ନୂତନ ଆଉଟର୍ ରିଂରୋଡ଼୍ ନିର୍ମାଣ ପାଇଁ ଟେଣ୍ଡର ହୋଇ ସାରିଛି। ସେହିପରି ସମ୍ବଲପୁରରେ ନୂତନ ଭାବେ ଚାଲିବାକୁ ଥିବା ୫୦ଟି ବ୍ୟାଟେରୀ ଚାଳିତ ବସ ପାଇଁ କେନ୍ଦ୍ରୀୟ ଆର୍ଥିକ ସହାୟତା ମିଳିଛି ବୋଲି କହିବା ସହ ବିକାଶିତ ଭାରତ ଲକ୍ଷ୍ୟ ହାସଲ ପାଇଁ ସହଯୋଗର ହାତ ବଢ଼ାଇବାକୁ ସେ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। ଏଥିରେ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳମନ୍ତ୍ରୀ ରବିନାରାୟଣ ନାୟକ ଅଟଳଜୀଙ୍କ ଶାସନରେ ଶାସନ ପ୍ରକ୍ରିୟାର ନବେକଳବର୍ ହୋଇଥିଲା। ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିକାଶର ଶୀର୍ଷରେ ପହଞ୍ଚିବାକୁ ପ୍ରୟାସ କରୁଛୁ ବୋଲି କହିଥିଲେ। ସୁଶାସନ ଦିବସ ପାଳନ ଉପଲକ୍ଷେ ଗୁରୁବାର ସକାଳେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଫାଟକରୁ ଅଟଳ ଉଦ୍ୟାନ ପର୍ଯ୍ୟନ୍ତ ଏକ ବିଶାଳ ଗଣଦୌଡ଼(ମାରାଥନ) ଆୟେଜିତ ହୋଇଥିଲା। ଏଥିରେ ବହୁ ସଂଖ୍ୟାରେ ଛାତ୍ରୀଛାତ୍ର, ବୁଦ୍ଧିଜୀବୀ, ଜନସାଧାରଣ ସମିଲ ହୋଇଥିଲେ। କେନ୍ଦ୍ରମନ୍ତ୍ରୀ ମାରାଥନରେ ସାମିଲ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଉତ୍ସବରେ ସମ୍ବଲପୁରର ବିଧାୟକ ଜୟନାରାୟଣ ମିଶ୍ର, ପୂର୍ବତନ ବିଧାୟକ ନାଉରି ନାୟକ, ଉତ୍ତରାଞ୍ଚଳ ଆଇଜି ହିଂମାଂଶୁ ଲାଲ, ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଆରକ୍ଷୀ ଅଧିକ୍ଷକ(ଏସ୍‌ପି) ମୁକେଶ ଭାମୁ, ସମ୍ବଲପୁର ମହାନଗର ନିଗମ(ଏସ୍‌ଏମ୍‌ସି) ଆୟୁକ୍ତ ରେହାନ ଖତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଧାନକିଣାରେ ଅବ୍ୟବସ୍ଥା, ଚିନ୍ତାରେ ଚାଷୀ

**ଦେଓଗାଁ,୨୫।୧୨(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ୍ ଅଞ୍ଚଳରେ ଚଳିତବର୍ଷ ଖରିଫ୍ ଧାନକିଣାରେ ବ୍ୟାପକ ଅବ୍ୟବସ୍ଥା ଦେଖାଦେଇଛି। ୧୨ଟି ପ୍ରାଥମିକ କୃଷି ସେବା ସମବାୟ ସମିତି(ପାକ୍ସ) ଓ ୪ଟି ସ୍ୱୟଂ ସହାୟକ ଦଳ ଧାନକ୍ରୟ କରିବା ପାଇଁ ୮,୭୭୬ ଜଣ ଚାଷୀଙ୍କ ପଞ୍ଜୀକରଣ ହୋଇଛି। ତେବେ ଅଦ୍ୟାବଧି ସଂସ୍ଥାଗୁଡିକ ଠିକ୍‌ଭାବେ ଧାନକ୍ରୟ କରିପାରି ନଥିବାରୁ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ଉକ୍ତ ବ୍ଲକ ଅଧୀନ ବିଭିନ୍ନ ଗ୍ରାମର ଖଳାରେ ଶତାଧିକ ଧାନବସ୍ତା ରଖି ଚାଷୀମାନେ ଶୀତ, କାକରରେ ଅସୁରକ୍ଷିତ ଅବସ୍ଥାରେ ଜଗୁଥିବା ଅଭିଯୋଗ ହେଉଛି। ଯଦି ଅଦିନିଆ ବର୍ଷା ଆସେ ତା'ହେଲେ ଚାଷୀଙ୍କ ସୁନାର ଫସଲ ନଷ୍ଟ ହେବା ସୁନିଶ୍ଚିତ। ବିଭିନ୍ନ ପାକ୍ସକୁ ପ୍ରଥମ ପର୍ଯ୍ୟାୟରେ ମାତ୍ର ୫ ହଜାର ଲେଖାଏ ଟାର୍ଗେଟ ଓ ମାତ୍ର ଗୋଟିଏ ମିଲ ଟ୍ୟାଗ୍ କରିଥିବାରୁ ଧାନକିଣା ସ୍ୱାଭାବିକ ହୋଇପାରୁ ନ ଥିବା ଜଣାପଡିଛି। ଯେଉଁ ପାକ୍ସରେ ୩୦,୦୦୦ କୁଇଣ୍ଟାଲରୁ ଅଧିକ ଟାର୍ଗେଟ୍ ଆବଶ୍ୟକ ସେଠାକୁ ମାତ୍ର ୫,୦୦୦ ଟାର୍ଗେଟ ଆସିବାଦ୍ୱାରା ଚାଷୀମାନେ କେମିତି ନିଜ କଷ୍ଟ ଉପାର୍ଜିତ ଫସଲକୁ ସରକାରୀ ମୂଲ୍ୟରେ ବିକ୍ରି କରିବେ ସେନେଇ ଚିନ୍ତାରେ ଅଛନ୍ତି। ଅନ୍ୟବର୍ଷ ଅପେକ୍ଷା ଚଳିତବର୍ଷ ଅଧିକାଂଶ ଚାଷୀଙ୍କ ଧାନବିକ୍ରି କରିବା ଟାର୍ଗେଟ କମ୍ ଆସିଥିବାବେଳେ ଅନେକ ଚାଷୀଙ୍କ ପାଖକୁ ଏପର୍ଯ୍ୟନ୍ତ ଟୋକନ୍ ଆସିନାହିଁ। ଚାଷୀଙ୍କ କହିବାନୁସାରେ, ଗତ ନଭେମ୍ବରରୁ ଧାନ ଅମଳ କରି ବସ୍ତାରେ ଭର୍ତ୍ତି କରିବା ପରେ ଖଳାରେ ରଖିଛନ୍ତି। ନିକଟସ୍ଥ ଧାନମଣ୍ଡି ଖୋଲିଲେ ଧାନ ବିକ୍ରି କରିବା ଆଶା ରଖିଥିବାବେଳେ ମାସାଧିକ କାଳ ଧାନମଣ୍ଡି ସ୍ୱାଭାବିକ ନ ହେବାରୁ ଅମଳ ଧାନକୁ କେମିତି ବିକ୍ରି କରି ଋଣ ପରିଶୋଧ କରିବେ ସେନେଇ ଅନେକ ଚାଷୀ ଚିନ୍ତାରେ ଅଛନ୍ତି। ଏପଟେ ପାକ୍ସଗୁଡ଼ିକୁ ଗୋଟିଏ ଲେଖାଏ ମିଲ୍ ଟ୍ୟାଗ୍ ହୋଇଥିବାରୁ ମିଲରଙ୍କ ମନମାନି ବଢ଼ିଚାଲିଛି। ଯେଉଁ ଚାଷୀ ଧାନ ବିକ୍ରି ପାଇଁ ନେଉଛନ୍ତି ସେଠାରେ ମିଲରଙ୍କ ଇଚ୍ଛା ଅନୁସାରେ କଟ୍‌ନି ଛଟ୍‌ନି ହେଉଥିବା ଅଭିଯୋଗ ହେଉଛି। ଚଳିତବର୍ଷ ଧାନମଣ୍ଡି ଖୋଲିବାରେ ଆହେତୁକ ବିଳମ୍ବ ଯୋଗୁ ଅନେକ ଚାଷୀ ଧାନକୁ ମାତ୍ର ୨୦୦୦ରୁ ୨୨୦୦ ଟଙ୍କା ମଧ୍ୟରେ ବେପାରୀଙ୍କୁ ବିକ୍ରି କରୁଥିବା ଦେଖିବାକୁ ମିଳିଛି। ଜିଲା ପ୍ରଶାସନ ତୁରନ୍ତ ଏଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଧାନବିକ୍ରିକୁ ସ୍ୱାଭାବିକ କରିବା ପାଇଁ ଚାଷୀମାନେ ଦାବି କରିଛନ୍ତି। ତୁରନ୍ତ ଏଦିଗରେ ପଦକ୍ଷେପ ନ ନେଲେ ରାସ୍ତାରେ ଧାନରଖି ଆନ୍ଦୋଳନକୁ ଓହ୍ଲାଇବା ସୁନିଶ୍ଚିତ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି । ଏ ସମ୍ପର୍କରେ ଜିଲା ସହକାରୀ ଯୋଗାଣ ଅଧିକାରୀ ଶରତ କୁମାର ରାଉତ କହିଛନ୍ତି, ଏବେ ଜିଲାକୁ ମାତ୍ର ୨୪ଲକ୍ଷ କୁଇଣ୍ଟାଲ ଧାନକ୍ରୟ ପାଇଁ ଟାର୍ଗେଟ ଆସିଛି। ଏଣୁ ପାକ୍ସଗୁଡ଼ିକୁ କମ୍ ଟାର୍ଗେଟ ଓ ଗୋଟିଏ ଲେଖାଏ ମିଲ୍‌କୁ ଟ୍ୟାଗ୍ କରିଛୁ। ଉପରସ୍ତରକୁ ମେଲ୍ ଜରିଆରେ ଜଣାଇଛୁ। ଆସନ୍ତା ୧/୨ ଦିନ ମଧ୍ୟରେ ଟାର୍ଗେଟ ଆସିଲେ ଆମେ ଅନ୍ୟ ମିଲ୍ ସଂଖ୍ୟା ବଢ଼ାଇବା ସହ ଟାର୍ଗେଟ ମଧ୍ୟ ବଢ଼ାଇବୁ।

**ଖଳାରେ ରହିଛି ଶତାଧିକ ଧାନବସ୍ତା**



# ଧର୍ମାନ୍ତରୀକରଣ ସନ୍ଦେହରେ ଫଟାମୁଣ୍ଡାରେ ଉତ୍ତେଜନା

**ଦେଓଗାଁ,୨୫।୧୨(କୃଷ୍ଣ ପ୍ରସାଦ ପାଣିଗ୍ରାହୀ):** ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ଫଟାମୁଣ୍ଡା ଗ୍ରାମରେ ଗୁରୁବାର ଧର୍ମାନ୍ତରରକରଣ ସନ୍ଦେହରେ ଉତ୍ତେଜନା ପ୍ରକାଶ ପାଇଛି। ବରଗଡ଼ରୁ ଖ୍ରୀଷ୍ଟିଆନ ସମ୍ପ୍ରଦାୟର କେତେଜଣ ଲୋକ ଆସି ଫଟାମୁଣ୍ଡା ଗ୍ରାମରେ ଗୁରୁବାର ବଡ଼ଦିନ ଉତ୍ସବ ଆୟୋଜନ କରିଥିଲେ। ଫଟାମୁଣ୍ଡା ଗ୍ରାମବାସୀ ଏହା ଦେଖିବା ପରେ ଗ୍ରାମରେ ଧର୍ମାନ୍ତରୀକରଣ କରାଯାଉଥିବା ସନ୍ଦେହ କରି ସେମାନଙ୍କୁ ବିରୋଧ କରିଥିଲେ। ଏହାକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ତିକ୍ତତା ସୃଷ୍ଟି ହୋଇଥିଲା। ଏପରି କି ପରିସ୍ଥିତି ଅଣାୟତ୍ତ ହୋଇଥିଲା। ଖବରପାଇ ଦେଓଗାଁ ଥାନାଧିକାରୀଙ୍କ ନେତୃତ୍ୱରେ ପୋଲିସ ଟିମ୍ ପହଞ୍ଚି ବରଗଡ଼ରୁ ଆସିଥିବା ଲୋକମାନଙ୍କୁ ଫେରିଯିବା ପାଇଁ କହିବା ସହ ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିବା ଜଣାପଡିଛି ।

# ଯୁବ ସମ୍ମିଳନୀ ଉଦ୍‌ଘାଟିତ

**ଖପ୍ରାଖୋଲ,୨୫।୧୨(ଅଭୟ ତ୍ରିପାଠୀ):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ୍ ଅଧୀନ ହରିଶଙ୍କର ଫରେଷ୍ଟ ବଙ୍ଗଳା ସଭାଗୃହଠାରେ ଗନ୍ଧମାର୍ଦ୍ଦନ ସୁରକ୍ଷା ଏକ୍ସନ କମିଟିର ପଶ୍ଚିମ ଓଡ଼ିଶା ସ୍ତରୀୟ ଦୁଇଦିନିଆ ଯୁବ ସମ୍ମିଳନୀ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ରାଜକୁମାର ସେଠଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ପରିବେଶବିତ୍ ତଥା ଗ୍ରୀନ୍ ନୋବେଲ ବିଜେତା ପ୍ରଫୁଲ୍ଲ ସାମନ୍ତରାୟ, ମୁଖ୍ୟବକ୍ତା ସରୋଜ ମହାନ୍ତି, ସମ୍ମାନିତ ଅତିଥି ଭାବେ ଧବଳେଶ୍ୱର ସାହୁ, ଶୁଶୀଲ ନାୟକ, ଗୌତମ ଖେତି, ମୋହନ ଜଗତ, ଶଶିକାନ୍ତ ଧାରୁଆ, ସୁବାସ ଧାରୁଆ, ବିପ୍ର ବିଶି, ଟେକେନ୍ଦ୍ର ଜାଲ୍ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ଗନ୍ଧମାର୍ଦ୍ଦନ ପାହାଡ଼ର ପାଣି, ପବନ, ଜମି, ଜଙ୍ଗଲ, ଜୀବନଜୀବିକା ତଥା ପ୍ରାକୃତିକ ସମ୍ପଦର ସୁରକ୍ଷା ଓ ଲୋକଙ୍କ ଅଧିକାର ପାଇଁ ସଚେତନ କରି ଯୁବଗୋଷ୍ଠୀ ନିଜ ନିଜ ଅଞ୍ଚଳରେ ଲୋକଙ୍କୁ ସଚେତନ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ସମ୍ମିଳନୀରେ ଗନ୍ଧମାର୍ଦ୍ଦନ ସୁରକ୍ଷା ଏକ୍ସନ କମିଟି ସଦସ୍ୟ କ୍ଷମାନିଧି ଭୋଇ, ଟିକେଶ୍ୱର୍ ଧାରୁଆ, ଜଳନ୍ଧର ତାଣ୍ଡି, ରଘୁନାଥ ସିଂ ବରିହା, ସୁଖିରାମ ସାଣ୍ଡ, ଗିରିରାଜ ଭୋଇ, ସତ୍ୟନାରାୟଣ ମେହେର, ରାଜକୁମାର ସେଠ, ବଂଶୀଧର ବେହେରା ପ୍ରମୁଖ ଯୋଗଦେଇଥିଲେ।

# ବେନ୍ଦେର-ଭାଲୁଚୁଆଁ ରାସ୍ତା ନିର୍ମାଣ ଦାବି

**ଲାଠୋର,୨୫।୧୨(ଭୁବନେଶ୍ୱର ବାରିକ):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ୍ ବେନ୍ଦେର ପଞ୍ଚାୟତ ଅଧୀନ ବେନ୍ଦେର ଗ୍ରାମରୁ ଭାଲୁଚୁଆଁ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ପୂର୍ବରୁ ଦାବି ହୋଇଥିଲା। ହେଲେ ଅଦ୍ୟାବଧି ରାସ୍ତା ନିର୍ମାଣ ହୋଇପାରି ନାହିଁ। ଫଳରେ ଲୋକମାନେ ଯାତାୟାତ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୂଚନା ଅନୁସାରେ, ବେନ୍ଦେରରୁ ଭାଲୁଚୁଆଁ ପ୍ରାୟ ୩ କି.ମି .ରାସ୍ତା ହେବ। ଏହି ରାସ୍ତା ଖପ୍ରାଖୋଲ ବ୍ଲକ୍‌ରୁ ବେଲପଡ଼ା ବ୍ଲକ୍‌କୁ ସଂଯୋଗ କରୁଛି। ପ୍ରତିଦିନ ବହୁସଂଖ୍ୟକ ଜନସାଧାରଣ ଏହି ରାସ୍ତା ଦେଇ ଯିବାଆସିବା କରୁଛନ୍ତି। ଉକ୍ତ ୩ କି.ମି. କଚ୍ଚାରାସ୍ତାର ବିଭିନ୍ନ ସ୍ଥାନରେ ଖାଲ ସୃଷ୍ଟି ହୋଇଥିବାରୁ ଗାଡ଼ି ଚଳାଚଳରେ ସମସ୍ୟା ହେଉଛି। ବର୍ଷାଦିନେ ପ୍ରାୟ ଉକ୍ତ ରାସ୍ତା ବନ୍ଦ ହୋଇଯାଏ । ଗ୍ରାମବାସୀଙ୍କୁ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇ ରହିବାକୁ ପଡିଥାଏ। ତେଣୁ ଖପ୍ରାଖୋଲ ବ୍ଲକ୍ ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ରାସ୍ତା ନିର୍ମାଣ କରିବାକୁ ସାଧାରଣରେ ଦାବି ହେଉଛି।

# 'ବାଜପେୟୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅନ୍ତୁ'

**ବାଜପେୟୀଙ୍କ ଜନ୍ମଦିନରେ ଶ୍ରଦ୍ଧାଞ୍ଜଳି**

**ଟିଟିଲାଗଡ଼,୨୫।୧୨(ଶରତ ମିଶ୍ର):** ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତ ରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମଦିନ ଅବସରରେ ଟିଟିଲାଗଡ଼ ଭାଜପା ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ସ୍ଥାନୀୟ ଭାଜପା କାର୍ଯ୍ୟାଳୟରେ ଅନୁଷ୍ଠିତ ସଭାରେ ଟିଟିଲାଗଡ଼ ବିଧାୟକ ନବୀନ ଜୈନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାଜପେୟୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ସ୍ମୃତିଚାରଣ କରିଥିଲେ। ଗ୍ରାମାଞ୍ଚଳରେ ପକ୍କା ସଡ଼କ ପାଇଁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଭଳି ପଦକ୍ଷେପ ନେଇ ବାଜପେୟୀ ଦେଶବାସୀଙ୍କ ପାଇଁ ଅମର ହୋଇଯାଇଛନ୍ତି ବୋଲି ନବୀନ କହିଥିଲେ। ସମ୍ମାନିତ ଅତିଥି ଭାବେ ଟିଟିଲାଗଡ଼ ପୌରାଧକ୍ଷା ମମତା ଜୈନ ଯୋଗଦେଇ ବାଜପେୟୀଙ୍କ ଆଦର୍ଶରେ ଅନୁପ୍ରାଣିତ ସହ ସମାଜରେ ଶାନ୍ତି, ସୌହାର୍ଦ୍ଦ୍ୟ ରକ୍ଷା କରିବାକୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଭାଜପା ନେତା ସଞ୍ଜୟ ତ୍ରିପାଠୀ, ନାକ ସାହୁ, ସୁରେଶ ଭୋଇ, ମନୋଜ ପାଢ଼ୀ, ରିଙ୍କୁ ପାତ୍ର, କାଳିଆ ସାହୁ, ଅଶୋକ ଭୋଇ, ଦିନେଶ ଅଗ୍ରୱାଲ, ପବିତ୍ର ସାହୁ, ତଥାଗତ କଟା, ଅମରେଶ ସାହୁ, ପିଙ୍କୁ ସାହୁ, ନରେଶ ବେହେରା, ରଞ୍ଜନ ଆଡ଼ୁଆଡ଼, ତପିକାନ୍ତ ବେନିଆଁଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଯୋଗଦେଇ ବାଜପେୟୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।

# ବିଶିଷ୍ଟ ସାହିତ୍ୟିକଙ୍କ ମାତୃ ବିୟୋଗ

**ଟିଟିଲାଗଡ଼,୨୫।୧୨(ଶରତ ମିଶ୍ର)**

ରାଜ୍ୟ ତଥା ଦେଶର ଜଣେ ବିଶିଷ୍ଟ ସାହିତ୍ୟିକ ଟିଟିଲାଗଡ଼ ସହର ନୀଳଚକ୍ର ନିବାସୀ ସେବକ ଚରଣ ଦାଶଙ୍କ ମା' କେଶରୀ ଦାଶ(୯୭)ଙ୍କ ଗୁରୁବାର ପରଲୋକ ହୋଇଯାଇଛି। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ। ସେ ଜଣେ ଧର୍ମ ପରାୟଣା, ମେଳାପୀ, ପରୋପକାରୀ ମହିଳା ଥିଲେ। ମୃତ୍ୟୁଶଯ୍ୟା ନିକଟରେ ପରିଜନ ତଥା ଜ୍ଞାତିକୁଟୁମ୍ବ ଉପସ୍ଥିତ ଥିଲେ। ସ୍ଥାନୀୟ ଶ୍ମଶାନରେ ତାଙ୍କ ଅନ୍ତିମ ସତ୍କାର କରାଯାଇଥିବାବେଳେ ବିଶିଷ୍ଟ ଶିକ୍ଷାବିତ୍ ଜଗନ୍ନାଥ ପଣ୍ଡା, ରାଜୀବ ଲୋଚନ ପାଢ଼ୀ, ଡ. ଯୁଗଳ କିଶୋର ଷଡ଼ଙ୍ଗୀ, ଉମାକାନ୍ତ ମିଶ୍ର, ସୁଦୀପ୍ତ ତ୍ରିପାଠୀ, ଗଣେଶ ମହାନ୍ତି, ଶଙ୍କର ଦାଶ, ରଞ୍ଜନ ଦାଶ, ବାଳକୃଷ୍ଣ ମହାକୁର, ସୁଧୀର ଦାଶ, ଆଇନଜୀବୀ ଅରବିନ୍ଦ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ । କେଶରୀଙ୍କ ପରଲୋକରେ ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ, ଟିଟିଲାଗଡ଼ ନାଗରିକ ମଞ୍ଚ ସଭାପତି ତଥା ଆଇନଜୀବୀ ରାଧାକାନ୍ତ ପାଢ଼ୀ, ଭାଜପା ଜିଲା ସାଧାରଣ ସମ୍ପାଦକ ପ୍ରଶାନ୍ତ ଷଡ଼ଙ୍ଗୀ, ନଗର ସଭାପତି ସୁନୀଲ ଆଚାର୍ଯ୍ୟ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. 52-SBP-TRD-OT-2025-26, ତା. 19.12.2025 ରିଖ

**କାର୍ଯ୍ୟର ନାମ :** "ଡୁଙ୍ଗୁରିପାଲି ଷ୍ଟେସନ ଠାରେ ଇଞ୍ଜିନକୁ ପଛକୁ ନେବାପାଇଁ R/4କୁ ଉଭୟ ପାର୍ଶ୍ୱରେ 100 ମିଟର S/NECK ଉପଲବ୍ଧ କରାଇବା" କାର୍ଯ୍ୟ ସହିତ ଜଡିତ TRD ସମ୍ବନ୍ଧୀୟ କାର୍ଯ୍ୟ।

**ଆନୁମାନିକ ମୂଲ୍ୟ (₹):** 34,83,240.98, EMD (₹) : 69,700.00, ଶେଷ ହେବା ଅବଧି : 09 ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.12.01.2026ରିଖ 1530 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର

PR-935/Q/25-26

**DISTRICT COUNCIL OF CULTURE, KALAHANDI**

No. 960/DCC (KUG) Date: 24.12.2025

**TENDER CALL NOTICE FOR KALAHANDI UTSAV GHUMURA - 2026**

Sealed tenders are invited from registered Firms/Agency/Proprietor/Vendor/Tent House having work experience and valid GST & PAN. They should have fulfill the minimum eligibility criteria as stipulated in the terms and conditions of the tender for arrangement of following works during 'Kalahandi Utsav Ghumura - 2026' at Lal Bahadur Shastri Stadium, Bhawanipatna, Kalahandi. The detailed tender paper along with terms and conditions are available from on dated 24.12.2025 to 30.12.2025 in the district website **https://kalahandi.odisha.gov.in** or in the office of the District Culture Officer, Kalahandi. Last date for receipt of tender paper: 30.12.2025 latest by 04.00 P.M.

01. Installation of Sound System
02. Electrical Installation
03. Installation of LED Panels & TV Set
04. Tentage and Allied works (Erection & Installation of Stall, Gate & Stage).

By order of Collector, Kalahandi
Sd./- DCO & Secertary
DCC, Kalahandi

**OFFICE OF THE PANCHAYAT SAMITI, GANJAM**

Phone: 06811-254345(O), E-Mail: oribganjam@gramsat.nic.in

No. i-436 **TENDER CALL NOTICE**

**BID IDENTIFICATION No. - GJMPS - 01/2025-26 Dt.22.12.2025**

1. Name of the Work : Construction of 50MT Godown & Office Building
2. No. of Work : 03 Nos. i.e. i. Lunguri SCS, GP-Malada ii. Kartikadhi SCS, GP-Santoshpur iii. Santoshpur SCS, GP-Santoshpur
3. No. of Covers : Single Cover
4. Estimated Cost : Rs.23,81,992/- for each
5. Period of Completion : Six Calendar Months
6. Date & time of availability of bid documents in portal : From 11.00 A.M. of Dated: 30.12.2025
7. Last date/time for receipt of bids in the portal : Upto 5.00 P.M. of 12.01.2026
8. Date of opening of Online bid documents : At 11.30 A.M. of 13.01.2026
9. Class of Contractor : "B" & "C" Class Contractor
10. Name & address of Officer Inviting Bid : Panchayat Samiti, Ganjam

Further, details can be seen from the e-procurement portal **www.tenderodisha.gov.in**. The Addendum/Corrigendum if any will be hosted in the website only.

OIPR-19440/11/0003/2526 Sd./- Block Development Officer, Ganjam

**GOVERNMENT OF CHHATTISGARH**
**WATER RESOURCES DEPARTMENT**
**OFFICE OF THE SUPERINTENDING ENGINEER**
**M.R.P. DAM CIRCLE, RUDRI (CHHATTISGARH)**
**e-PROCUREMENT TENDER NOTICE**
eProcurement Portal: https://eproc.cgstate.gov.in
**(First Call)**

System Tender No. 182190/NIT No. 03/SAC/25-26 Dated: 23.12.2025

Online Tenders are invited for the following works upto 13.01.2026 at 17.30 hours.

Name of Work: Construction of Cross Regulator at R.D. 1220m of Sondur Feeder Canal for Sankara and Ghatula Group Water Supply Scheme in Block Nagri, District Dhamtari.

Probable Amount of Contract: Rs.192.35 Lakhs (Excluding G.S.T.).

(As per S.O.R. Enforced from Dated: 01.05.2025 and amended on dated 08.08.2025).

The details can be viewed and downloaded online directly from the Government of Chhattisgarh Integrated e-Procurement Portal **(https://eproc.cgstate.gov.in) from Date: 30.12.2025 at 17.31 hours (IST) onwards**.

**NOTE:** All eligible/interested contractors/bidders are mandated to get enrolled on the Integrated e-procurement portal **(https://eproc.cgstate.gov.in)** and get approval on specific vendor class from PWD under Centralized Contractor/Supplier Registration in order to download the tender documents and participate in the subsequent bidding process. Prequalification Certificates issued by Water Resources Department whose validity is upto 30.09.2026 is applicable in this tender.

Sd./- Executive Engineer
Water Management Division, Rudri, Code No. 38
For, Superintending Engineer
G-252605684/3 M.R.P. Dam Circle, Rudri (C.G.)

**कार्यालय बनमण्डलाधिकारी, जशपुर बनमण्डल, जशपुर**

**नीलाम सूचना**

सर्व साधारण को सूचनार्थ प्रकाशित किया जाता है, कि जशपुर बनमंडल के अन्तर्गत काष्ठागार गम्हरिया (जशपुर) में उपलब्ध निम्नांकित ईमारती एवं जलाऊ काष्ठ का दर्शित तिथि एवं समय में ई-ऑक्शन द्वारा निर्वर्तन किया जावेगा। इच्छुक पंजीकृत व्यापारियों को सलाह दी जाती है कि ई-ऑक्सन में अवश्य भाग लेवें। ई-आवशन की शर्तें एवं अन्य जानकारी कार्यालयन दिवस व समय पर वनमण्डल कार्यालय अथवा काष्ठागार गम्हरिया से प्राप्त की जा सकती है।

डिपो का नाम - काष्ठागार गम्हरिया (जशपुर)
नीलाम दिनांक - 31.12.2025
नीलामी प्रारंभ - प्रातः 09.00 बजे से

| प्रजाति | नीलाम में प्रस्तावित अनुमानित मात्रा | | | | | | मिश्रित जलाऊ चट्टा |
|---|---|---|---|---|---|---|---|
| | नया लाट | | पुराना लाट | | योग | | |
| | लट्ठा घ.मी. | बल्ली + डेंगरी (नग) | लट्ठा घ.मी. | बल्ली + डेंगरी (नग) | लट्ठा घ.मी. | बल्ली + डेंगरी नग | |
| 1 | 2 | 3 | 4 | 5 | 6 | 7 | 8 |
| सागौन | 0.000 | 0 | 145.292 | 2659 | 145.292 | 2659 | पुराना |
| साल | 228.265 | 2 | 2381.228 | 7933 | 2609.493 | 7935 | 116 |
| बीजा, शीशम, खम्हार | 0.000 | 0 | 19.931 | 726 | 19.931 | 726 | नया |
| अन्य प्रजाति | 0.000 | 0 | 81.342 | 1889 | 81.342 | 1889 | 0 |
| चिरान काष्ठ | 0.000 | 0 | 2.418 | 0 | 2.418 | 0 | |
| योग | 228.265 | 2 | 2630.211 | 13207 | 2858.476 | 13209 | 116 |

**उपरोक्त मात्रा में परिवर्तन संभावित है।**

टीप: (1) क्रेताओं को ई-ऑक्सन के पूर्व एम.एस.टी.सी. ई-कार्मस पोर्टल में रजिस्ट्रेशन करना अनिवार्य हैं।
(2) क्रेताओं को ई-ऑक्सन के पूर्व क्रय लॉटों के अपसेट प्राईज मूल्य के 10 प्रतिशत की राशि अपने वॉलेट में रखना अनिवार्य है। सफल बोलीदार को एक सप्ताह के भीतर शेष 15 प्रतिशत ई.एम.डी. की राशि जमा करना अनिवार्य है।
(3) लॉट की थप्पी एवं फोटो एम.एस.टी.सी. ई-ऑक्सन पोर्टल में अपने आई.डी से लॉगईन करके देख सकते है।
(4) इ-ऑक्सन में लॉट क्रय के पश्चात् प्रथम क्रेता को 30 सेंकड का समय प्राप्त होगा, उसी लॉट में अन्य क्रेताओं द्वारा 30 सेकण्ड के पूर्व क्रय करने पर 20 सेकण्ड का समय प्राप्त होगा।

G-252605640/3 स्वा./- वनमंण्डलाधिकारी, जशपुर बनमण्डल, जशपुर

**ଶିବିରରୁ ୨୧ ୟୁନିଟ୍ ରକ୍ତ ସଂଗ୍ରହ**

**କଣ୍ଟାବାଞ୍ଜି,୨୫।୧୨(ଗୁରୁଦୟାଲ ହଂସ):** ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିର ହରି ଭବନ ସଭାଗୃହରେ ରକ୍ତଦାନ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ୍ ଉଦ୍‌ଘାଟନ କରିଥିଲେ। ଶିବିରରେ ମୋଟ୍ ୨୧ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଉକ୍ତ ଶିବିରରେ ଭାଜପା ଜିଲା ଉପସଭାପତି ବେଦବ୍ୟାସ ନାଗ, ଜିଲା ସମ୍ପାଦକ ପୁରୁନ୍ଦର ବାଗଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

**ଓଡ଼ିଶା ସରକାର**
**ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ,ମାଲକାନଗିରି**
**ଘୋଷଣା**

File No.2179/2025 Date:26.7.2025

**No.XXVII-19**: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା-**ବୋଡ଼ାଗୁଡା**, ଥାନା-ମାଥିଲି, ତହସିଲ-ମାଥିଲି, ଜିଲ୍ଲା-ମାଲକାନଗିରିରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ (RFCTLAR & R Act.2013)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୮୯/୨୦୨୩, ତା.୧୬.୦୬.୨୦୨୩ ରିଖରେ ପ୍ରକାଶିତ ହୋଇଅଛି । ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-**ବୋଡାଗୁଡା**, ଥାନା-ମାଥିଲି, ତହସିଲ-ମାଥିଲି, ଜିଲ୍ଲା-ମାଲକାନଗିରିର ଜୟପୁର-ମାଲକାନଗିରି ନୂତନ ଓସାରିଅ ରେଳ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ କୌଣସି ବିସ୍ଥାପିତ ପରିବାର ନଥିବାରୁ ପୁନର୍ବାସ ଓ ଥଇଥାନ ନିମନ୍ତେ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ଏହା ମଧ୍ୟ ଜିଲ୍ଲା ୱେବସାଇଟ୍ www.malkangiri.odisha.gov.in ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଯାଇଅଛି । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ-ତଥା-ତହସିଲଦାରଙ୍କ କାର୍ଯ୍ୟାଳୟ, ମାଥିଲିଠାରେ କାର୍ଯ୍ୟଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ତଫସିଲ-କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା-ମାଲକାନଗିରି ତହସିଲ:ମାଥିଲି

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ବୋଡାଗୁଡା | ଗ୍ରାମାଞ୍ଚଳ | ଅଧିଗ୍ରହଣ ହେବାକୁ ଥିବା ଜମିର ସମ୍ପୂର୍ଣ୍ଣ ବିବରଣୀ ଏଥିସହ ସଂଲଗ୍ନ କରାଗଲା | | | | | |

ତଫସିଲ-ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା-ମାଲକାନଗିରି ତହସିଲ:ମାଥିଲି

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନା ବୈଧ ତାରିଖ: ଅଧିସୂଚନା ପ୍ରକାଶିତ ହେବାର ୩୦ ଦିନ ଠାରୁ ଛଅ ମାସ ମଧ୍ୟରେ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ, ମାଲକାନଗିରି

**ଭୂମି ଅନୁସୂଚୀ**

**ମୌଜା:ବୋଡାଗୁଡା, ଥାନା-ମାଥିଲି ନଂ.-୧୦୨, ତହସିଲ-ମାଥିଲି, ଜିଲ୍ଲା-ମାଲକାନଗିରି**
**ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ଜୟପୁର ନିର୍ମାଣ ନିମନ୍ତେ**

| କ୍ର. ନଂ. | ଗ୍ରାମର ନାମ ଓ ମୌଜା | ରୟତଙ୍କ ନାମ | ଖାତା ନଂ. | ପ୍ଲଟ ନଂ. | କିସମ | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧ | ବୋଡାଗୁଡା | ଅର୍ଜ୍ଜୁନ ଚାଲାଣ, ରାମ ଚାଲାଣ, ଶୁକ୍ରା ଚାଲାଣ, ପି-ନରସିଂହ ଚାଲାଣ, ଜା-ଭୂମିଆ, ବା-ନିଜଗାଁ | ୨ | ୬୧ | ଧାନ-୨ | ୧.୦୧୧ | ୧.୦୧୧ |
| ୨ | ଏଜନ | ଅର୍ଜ୍ଜୁନ ଚାଲାଣ, ରାମୁ ଚାଲାଣ, ଶୁକ୍ରା ଚାଲାଣ, ପି-ନରସିଂହ ଚାଲାଣ, ଦୁପତା ଚାଲାଣ, ସ୍ୱା-ନରସିଂହ ଚାଲାଣ, ଗୋବିନ୍ଦ ଚାଲାଣ, ପି-ଶୁକ୍ରା ଚାଲାଣ, ନରସିଂହ ଚାଲାଣ, ସନ୍ୟାସୀ ଚାଲାଣ, ପି-ବଳରାମ ଚାଲାଣ, ସନାମଣି ଚାଲାଣ, ସ୍ୱା-ବଳରାମ ଚାଲାଣ, ଜା:ଭତରା, ବା-ନିଜଗାଁ | ୩ | ୪୩୦ | ଡଙ୍ଗର-୨ | ୦.୮୦୧ | ୦.୭୪୫୦ |
| ୩ | ଏଜନ | ଗଣପତି ଚୌଧୁରି, ପି-ଗାଙ୍ଗାନା ଚୌଧୁରି, ଜା-ପାଙ୍ଗାମ, ବା-ନିଜଗାଁ | ୧୪ | ୪୨୫ | ଧାନ-୧ | ୩.୦୧୨ | ୧.୨୦୪୧ |
| | | | | ୪୨୩ | ଧାନ-୨ | ୧.୩୯୧ | ୦.୧୨୮୦ |
| ୪ | ଏଜନ | ଗୋବିନ୍ଦ ଚାଲାଣ, ପି-ଶୁକ୍ରା ଚାଲାଣ, ନରସିଂହ ଚାଲାଣ, ସନ୍ୟାସି ଚାଲାଣ, ପି-ବଳରାମ ଚାଲାଣ, ଜା-ଭୂମିଆ,ବା-ନିଜଗାଁ | ୧୫ | ୫୬ | ଧାନ-୨ | ୦.୯୬୧ | ୦.୦୫୪୫ |
| | | | | ୬୪ | ଧାନ-୨ | ୦.୯୬୪ | ୦.୮୫୬୯ |
| | | | | ୫୫୩ | ଡଙ୍ଗର-୧ | ୦.୮୧୫ | ୦.୮୧୫ |
| | | | | ୪୨୯ | ଧାନ-୨ | ୦.୮୬୦ | ୦.୭୩୫୦ |
| ୫ | ଏଜନ | ଗୋବିନ୍ଦ ଭୂମିଆ, ପି-ଲାଲସିଂହ ଭୂମିଆ,ଜା-ଭୂମିଆ,ବା-ନିଜଗାଁ | ୧୭ | ୬୯ | ଧାନ-୧ | ୧.୪୩୩ | ୧.୨୫୨୬ |
| | | | | ୭୦ | ଧାନ-୨ | ୦.୧୧୧ | ୦.୧୦୮୪ |
| | | | | ୧୬୮ | ଧାନ-୨ | ୧.୦୬୩ | ୦.୦୬୭୪ |
| ୬ | ଏଜନ | ଡମ୍ବୁ ନାୟକ, ପି-ଘାସି ନାୟକ, ଜା-ଭୂମିଆ, ବା-ନିଜଗାଁ | ୨୮ | ୬୪୧ | ଧାନ-୧ | ୨.୨୬୩ | ୦.୨୧୯୯ |
| | | | | ୬୩୮ | ଧାନ-୧ | ୧.୫୫୯ | ୦.୪୦୩୩ |
| | | | | ୬୩୨ | ଧାନ-୧ | ୦.୯୮୧ | ୦.୩୦୧୩ |
| ୭ | ଏଜନ | ପଦଲାମ ନାଏକ, ପି-ସୁନାଧର ନାଏକ, ଜା-ଭୂମିଆ, ବା-ଖଲିଆଗୁଡା | ୩୮ | ୬୩୬ | ଧାନ-୧ | ୧.୧୪୨ | ୦.୬୩୧୩ |
| ୮ | ଏଜନ | ପଦ୍ମ ନାୟକ, ଜଗନ୍ନାଥ ନାୟକ, ପି-ସନାତନ ନାୟକ, ଜା-ଭୂମିଆ,ବା-ଚାଉଳମେଦି | ୩୯ | ୫୫୧ | ଧାନ-୨ | ୧.୧୩୨ | ୦.୨୩୭୯ |
| ୯ | ଏଜନ | ବଳଭଦ୍ର ନାୟକ, ପି-ଅର୍ଜ୍ଜୁନ ନାୟକ, ଜା-ଭୂମିଆ, ବା-ନିଜଗାଁ | ୪୦ | ୭୪ | ଧାନ-୧ | ୦.୮୪୦ | ୦.୭୯୯୪ |
| | | | | ୧୬୭ | ଧାନ-୧ | ୦.୬୦୦ | ୦.୬୦୦୪ |
| ୧୦ | ଏଜନ | ବୁରୁଷ୍ଟ ବଟେ, ଭଗତ ବଟେ, ପି-ଜଗନ୍ନାଥ ବଟେ, ସୁନ୍ଦୁରା ବଟେ, ସ୍ୱା-ଜଗନ୍ନାଥ ବଟେ, ଜା-ଭୂମିଆ, ବା-ନିଜଗାଁ | ୪୭ | ୬୧୯ | ଧାନ-୨ | ୦.୯୯୮ | ୦.୪୫୬୮ |
| | | | | ୬୧୮ | ଡଙ୍ଗର-୨ | ୦.୯୩୯ | ୦.୫୧୦୫ |
| | | | | ୬୧୭ | ଧାନ-୧ | ୩.୨୬୨ | ୦.୪୨୧୮ |
| ୧୧ | ଏଜନ | ବୁର୍ଷ୍ଣୁ ଭୂମିଆ, ଗୁରୁ ଭୂମିଆ, ପି-ଲାଲସିଂ ଭୂମିଆ, ବା-ନିଜଗାଁ, ରଙ୍ଗିନଗୁଡା | ୪୮ | ୫୫ | ଡଙ୍ଗର-୨ | ୦.୬୫୫ | ୦.୦୭୫୮ |
| | | | | ୭୧ | ଡଙ୍ଗର-୨ | ୦.୯୦୨ | ୦.୮୫୩୧ |
| | | | | ୭୨ | ଧାନ-୧ | ୦.୬୨୦ | ୦.୬୨୦ |
| | | | | ୭୮ | ଧାନ-୧ | ୧.୯୦୦ | ୧.୫୩୭୪ |
| ୧୨ | ଏଜନ | ବୃହସ୍ପତି ନାୟକ, ପି-ସମୁନ୍ଦୁ ନାୟକ, ଜା-ଭୂମିଆ, ବା-ଚାଉଳମେଦି | ୫୦ | ୧୬୧ | ଧାନ-୨ | ୩.୦୮୮ | ୩.୦୮୮୮ |
| ୧୩ | ଏଜନ | ରାମଚନ୍ଦ୍ର ନାୟକ, ପି-ଅର୍ଜ୍ଜୁନ ନାୟକ, ଜା-ଭୂମିଆ, ବା-କାଟିଗୁଡା | ୬୩ | ୬୨୦ | ଧାନ-୧ | ୦.୮୯୦ | ୦.୮୧୬୪ |
| ୧୪ | ଏଜନ | ରୁପଧର ଖରା, ପି-ସୁନାଧର ଖରା, ଜା-ଡମ, ବା-ନିଜଗାଁ | ୬୭ | ୬୪୮ | ଧାନ-୧ | ୨.୬୦୨ | ୦.୫୩୮୩ |
| | | | | ୬୩୪ | ଧାନ-୨ | ୦.୨୦୦ | ୦.୧୪୦୮ |
| | | | | ୬୩୩ | ଧାନ-୨ | ୦.୨୦୦ | ୦.୨୦୦ |
| ୧୫ | ଏଜନ | ଲଇଖଣ ନାଏକ, କୁସୁମା ନାଏକ, ଗଙ୍ଗାଦେଇ ନାଏକ, ପି-ରାମସୁନ୍ଦର ନାଏକ,ମୁକୁତା ନାଏକ, ସ୍ୱା-ରାମ ସୁନ୍ଦର ନାଏକ, ଲଛମନ ନାଏକ, ଭାଗିରଥୀ ନାଏକ, ପି-ନରସିଂ ନାଏକ, ଜା-ଭୂମିଆ, ବା-ନିଜଗାଁ | ୬୮ | ୬୦୬ | ଧାନ-୨ | ୦.୦୪୦ | ୦.୦୨୦୦ |
| | | | | ୬୦୫ | ଧାନ-୨ | ୦.୨୨୦ | ୦.୦୦୮୧ |
| ୧୬ | ଏଜନ | ଲଇଖଣ ଚଲାଣ, ପି-ଅର୍ଜ୍ଜୁନ ଚଲାଣ, ଜା-ଭୂମିଆ, ବା-ନିଜଗାଁ | ୭୦ | ୫୫୮ | ଘରବାରି | ୦.୧୩୧ | ୦.୦୯୬୮ |
| ୧୭ | ଏଜନ | ଲଇଖଣ ଚାଲାଣ, ବୁଦ୍ରା ଚାଲାଣ, ପି-ଅର୍ଜ୍ଜୁନ ଚାଲାଣ, ଜା-ଭୂମିଆ, ବା-ନିଜଗାଁ | ୭୧ | ୫୫୭ | ଡଙ୍ଗର-୧ | ୦.୩୦୯ | ୦.୩୦୮୫ |
| | | | | ୪୨୮ | ଡଙ୍ଗର-୨ | ୦.୭୧୯ | ୦.୭୧୯୦ |
| ୧୮ | ଏଜନ | ଲଇଖଣ ଭୂମିଆ, ଜଗନ୍ନାଥ ଭୂମିଆ, ପି-ଚକ୍ର ଭୂମିଆ, ଜା-ଭୂମିଆ, ବା-ନିଜଗାଁ | ୭୨ | ୧୬୩ | ଧାନ-୨ | ୦.୨୦୦ | ୦.୧୬୫୨ |
| ୧୯ | ଏଜନ | ଲକ୍ଷ୍ମୀଧର ବଟେ, ପି-ମୁକୁନ୍ଦ ବଟେ, ଜା-ଭୂମିଆ, ବା-ନିଜଗାଁ | ୭୩ | ୬୨୧ | ଧାନ-୧ | ୧.୯୩୨ | ୦.୩୪୫୦ |
| ୨୦ | ଏଜନ | ଲଛମନ ଦଳାଇ, ପି-ରାମଚନ୍ଦ୍ର ଦଳାଇ, ଜା-ଡମ, ବା-ପାଙ୍ଗାମ | ୭୪ | ୭୬ | ଧାନ-୧ | ୦.୪୯୯ | ୦.୪୪୦୯ |
| | | | | ୧୬୬ | ଧାନ-୧ | ୦.୩୨୧ | ୦.୩୨୧୨ |
| ୨୧ | ଏଜନ | ଲଛମନ ନାଏକ, ଭାଗିରଥି ନାଏକ, ସମନ୍ଦ ନାଏକ, ପି-ନରସିଂ ନାଏକ, ଲଇଖଣ ନାଏକ, କୁଶୁମା ନାଏକ, ଗଙ୍ଗାଦେଇ ନାଏକ, ପି-ରାମଚନ୍ଦ୍ର ନାଏକ, ମୁକ୍ତା ନାଏକ, ସ୍ୱା-ରାମଚନ୍ଦ୍ର ନାଏକ, ଜା-ଭୂମିଆ, ବା-ନିଜଗାଁ | ୭୫ | ୬୦୧ | ଧାନ-୧ | ୦.୯୬୪ | ୦.୦୪୦୫ |
| ୨୨ | ଏଜନ | ଲଛମି ଧର ମଲ୍ଲି, ପି-ବୁର୍ଷ୍ଣୁ ମୁଣ୍ଡା ମଲ୍ଲି, ଜା-ଭୂମିଆ, ବା-ଚାଉଳମେଦି | ୭୬ | ୬୪୦ | ଧାନ-୧ | ୧.୨୦୧ | ୦.୮୬୪୫ |
| ୨୩ | ଏଜନ | ସନାଦର ବଟେ, ପି-ହରି ବଟେ, ଗୁରୁବାରି ବଟେ, ସ୍ୱା-ହରି ବଟେ, ଜା-ଭୁମିଆ, ବା-ନିଜଗାଁ ଗୁଡା ଘେନା ଗୁଡା | ୭୮ | ୨୯୦ | ଧାନ-୧ | ୧.୫୮୧ | ୦.୧୫୬୭ |
| ୨୪ | ଏଜନ | ସନ୍ୟା ବଟେ, ରାମ ବଟେ, ସନା ବଟେ, ପି-ଅର୍ଜ୍ଜୁନ ବଟେ, ଜା-ଭୂମିଆ, ବା-ନିଜଗାଁ | ୭୯ | ୨୯୨ | ଧାନ-୧ | ୧.୭୩୦ | ୦.୮୨୬୭ |
| | | | | ୨୯୩ | ଧାନ-୧ | ୧.୦୬୦ | ୦.୯୧୫୧ |
| ୨୫ | ଏଜନ | ସମାରୁ ବଟେ, ଭଲା ବଟେ, ଲଳିତା ବଟେ, ପି-ବୁରୁଷ୍ଟ ବଟେ, ସନି ବଟେ, ସ୍ୱା-ବୁରୁଷ୍ଟ ବଟେ, ସମ୍ବାରୁ ବଟେ, ଅଦି ବଟେ, ପି-ସନ୍ୟାସି ବଟେ, ସନାଦି ବଟେ, ସ୍ୱା-ସନ୍ୟା ବଟେ ସୁକ୍ରି ବଟେ, ବିମଳା ବଟେ, ପି-ମତିସିଂ ବଟେ, ବଳା ବଟେ, ସ୍ୱା-ମତିସିଂ ବଟେ, ବନ୍ଧୁ ବଟେ, ପି-ଗଙ୍ଗାଧର ବଟେ, ଜା-ଭୁମିଆ, ବା-ଖଲିଆଗୁଡା | ୮୩ | ୧୮୬ | ଧାନ-୨ | ୧.୬୮୦ | ୦.୬୨୮୫ |
| ୨୬ | ଏଜନ | ହର ବଟେ, ପି-ତିଳ ବଟେ, ରଘୁନାଥ ବଟେ, ମଙ୍ଗଳା ବଟେ, ପି-ସନା ବଟେ, ରଘୁନାଥ ବଟେ, ସମ୍ଭଳ ବଟେ, ବଳରାମ ବଟେ, ପି-ଚୈତନ୍ୟ ବଟେ, ଜା-ଭୁମିଆ,ବା-ନିଜଗାଁ | ୯୩ | ୧୮୨ | ଧାନ-୨ | ୦.୯୮୮ | ୦.୯୨୬୦ |
| | | | | ୨୯୯ | ଧାନ-୧ | ୧.୬୯୦ | ୦.୫୬୭୦ |
| ୨୭ | ଏଜନ | ହରି ଭୁମିଆ, ପି-ଅର୍ଜ୍ଜୁନ ଭୁମିଆ, ଜା-ଭୁମିଆ, ବା-ନିଜଗାଁ | ୯୪ | ୬୩୦ | ଧାନ-୧ | ୧.୫୮୧ | ୦.୨୪୯୨ |
| ୨୮ | ଏଜନ | ହରିପଦ ସାହା, ପି-ଦିଗାମ୍ବର ସାହା, ଜା-ବୈଶ୍ୟ, ବା-ପାଙ୍ଗାମ | ୯୫ | ୬୩୯ | ଧାନ-୧ | ୧.୩୧୨ | ୧.୦୧୦୮ |
| ୨୯ | ଏଜନ | ସନିଆ ଗଡିଙ୍ଗି, ପି-ମଙ୍ଗଳା ଗଡିଙ୍ଗି, ସମ୍ବାରି ଗଡିଙ୍ଗି, ସ୍ୱା-ସନିଆ ଗଡିଙ୍ଗି, ଜା-ଭୁମିଆ, ବା-ବୋଡାଗୁଡା | ୯୮/୧୫ | ୫୫୪ | ଡଙ୍ଗର-୧ | ୧.୯୦୩ | ୦.୪୨୧୮ |
| ୩୦ | ଏଜନ | ଚୈତନ ଜାଲି, ପି-ନରସିଂହ ଜାଲି, ଜା-ଭୁମିଆ, ବା-ଚାଉଳମେଦି | ୯୮/୫୧ | ୬୦୨ | ଧାନ-୨ | ୧.୮୨୧ | ୦.୭୪୧୦ |
| ୩୧ | ଏଜନ | ବନ୍ଧୁ ମଲ୍ଲି, ପି-ଲଛମି ମଲ୍ଲି, ଜା-ଭୁମିଆ, ବା-ମଲ୍ଲିଗୁଡା | ୯୮/୫୯ | ୬୩୫ | ଧାନ-୧ | ୧.୯୨୦ | ୦.୫୨୧୧ |
| ୩୨ | ଏଜନ | ଆମ୍ବି ଖରା, ପି-ରଘୁ ଖରା, ଜା-କନ୍ଧ, ବା-ପୋଡାଗୁଡା | ୯୮/୬ | ୬୪୩ | ଧାନ-୧ | ୧.୫୮୧ | ୦.୦୨୩୧ |
| ୩୩ | ଏଜନ | ନରସିଂହ ଚାଲାଣ, ପି-ବଳରାମ ଚାଲାଣ, ଜା-ଭୁମିଆ,ବା-ବୋଡାଗୁଡା | ୯୮/୬୮ | ୫୫୯/ ୧୦୪୨ | ଘରବାରି | ୦.୦୪୦ | ୦.୦୩୯୫ |
| ୩୪ | ଏଜନ | ମଙ୍ଗଳା ଚାଲାଣ, ପି-ନରସିଂ ଚାଲାଣ,ଜା-ଭୁମିଆ,ବା-ନିଜଗାଁ | ୧୧୦ | ୧୬୨ | ଜଙ୍ଗଲ | ୧.୨୨୧ | ୦.୪୬୯୫ |
| ୩୫ | ଏଜନ | ସମଲା ଚାଲାଣ,ସ୍ୱା-ଉଦ୍ଧବ ଚାଲାଣ,ଜା-ଭୁମିଆ, ବା-ନିଜଗାଁ | ୧୦୯ | ୧୬୪/ ୦୨ | ଜଙ୍ଗଲ | ୦.୩୭୦ | ୦.୩୭୦୬ |
| ୩୬ | ଏଜନ | ଜଗନ୍ନାଥ ଭୁମିଆ, ପି-ଚକ୍ର ଭୁମିଆ, ଜା-ଭୁମିଆ, ବା-ନିଜଗାଁ | ୧୧୧ | ୧୬୪/ ୦୧ | ଜଙ୍ଗଲ | ୧.୦୦୦ | ୧.୦୦୦ |
| ୩୭ | ଏଜନ | ସମଲା ଚାଲାଣ, ସ୍ୱା-ଉଦ୍ଧବ ଚାଲାଣ, ଜା-ଭୁମିଆ, ବା-ନିଜଗାଁ | ୧୦୦ | ୧୬୫ | ଜଙ୍ଗଲ | ୦.୧୯୩ | ୦.୧୯୨୭ |
| ୩୮ | ଏଜନ | ରାମକୃଷ୍ଣ ଚାଲାଣ, ପି-ନରସିଂହ ଚାଲାଣ, ଜା-ଭୁମିଆ,ବା-ନିଜଗାଁ | ୧୦୭ | ୧୭୦/ ୦୧ | ଜଙ୍ଗଲ | ୧.୩୮୩ | ୧.୩୮୩୭ |
| ୩୯ | ଏଜନ | ରାମକୃଷ୍ଣ ଚାଲାଣ, ପି-ନରସିଂହ ଚାଲାଣ, ଜା-ଭୁମିଆ,ବା-ନିଜଗାଁ | ୧୦୦ | ୧୭୫/ ୧ | ଜଙ୍ଗଲ | ୧.୩୮୩ | ୦.୬୯୧୮ |
| ୪୦ | ଏଜନ | ରାମକୃଷ୍ଣ ଚାଲାଣ, ପି-ନରସିଂହ ଚାଲାଣ, ଜା-ଭୁମିଆ,ବା-ନିଜଗାଁ | ୧୦୦ | ୧୭୮/ ୦୧ | ଜଙ୍ଗଲ | ୩.୦୧୪ | ୦.୦୮୮୯ |
| ୪୧ | ଏଜନ | ନାରାୟଣ ବଟେ, ପି-ବୁରୁଷ୍ଟ ବଟେ, ଜା-ଭୁମିଆ,ବା-ନିଜଗାଁ | ୧୦୫ | ୬୧୬/ ୦୨ | ଜଙ୍ଗଲ | ୧.୨୩୧ | ୦.୫୯୩୦ |
| ୪୨ | ଏଜନ | ଭରତ ବଟେ, ପି-ଜଗନ୍ନାଥ ବଟେ, ଜା-ଭୁମିଆ, ବା-ନିଜଗାଁ | ୧୦୪ | ୬୧୬/ ୦୧ | ଜଙ୍ଗଲ | ୧.୨୨୮ | ୦.୨୮୦୮ |
| ୪୩ | ଏଜନ | ଟମ୍ପୁ ଚାଲାଣ, ପି-ସମନ୍ଧ ଚାଲାଣ, ଜା-ଭୁମିଆ, ବା-ନିଜଗାଁ | ୧୦୬ | ୪୩୮/ ୦୨ | ଜଙ୍ଗଲ | ୦.୪୩୨ | ୦.୦୧୪୧ |
| ୪୪ | ଏଜନ | ସମଦ ଚାଲାଣ, ପି-ଶଶି ଚାଲାଣ, ଜା-ଭୁମିଆ, ବା-ନିଜଗାଁ | ୧୦୮ | ୪୩୧/ ୦୧ | ଜଙ୍ଗଲ | ୦.୪୧୫ | ୦.୦୬୯୧ |
| | | | | ମୋଟ | | ୬୪.୪୯୮ | ୩୪.୯୫୩ |

OIPR-24074/14/0018/2526

# ବିବାଦ ପରେ ନୂତନ ବିଦ୍ୟାଳୟରେ ଶିକ୍ଷୟିତ୍ରୀଙ୍କ ଯୋଗଦାନ

**ଡୁଙ୍ଗୁରିପାଲି,୨୫।୧୨ (ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ସ୍ଥିତ ବୈଦୁପାଲି ସ୍କୁଲରୁ ଚେରୁପାଲି ଗ୍ରାମପଞ୍ଚାୟତ କୁଶାମାଲ ସ୍କୁଲକୁ ଶିକ୍ଷୟିତ୍ରୀ ଉପମା ଗୁଆଲଙ୍କୁ ଜିଲା ଶିକ୍ଷା ଅଧିକାରୀଙ୍କ ପତ୍ର ସଂଖ୍ୟା -୫୯୩୬ ଅନୁଯାୟୀ ବଦଳି ହୋଇଥିଲା। ଶିକ୍ଷୟିତ୍ରୀ ଉପମା ଗୁଆଲ ଡୁଙ୍ଗୁରିପାଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଣେଶ କିଷାନଙ୍କ ଆଦେଶରେ କୁଶାମାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଯୋଗଦାନପତ୍ର ନେଇ ଯୋଗଦାନ ପାଇଁ ଆସିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଭବାନୀ ମେହେର ଗ୍ରାମବାସୀ ତଥା ଅଭିଭାବିକା ଅଭିଭାବକଙ୍କ ଚାପରେପଡି ଯୋଗଦାନ ଚିଠିକୁ ବିଦ୍ୟାଳୟ ଗେଟ ବାହାରେ ଗ୍ରହଣ କରିଥିଲେ। ଶିକ୍ଷୟିତ୍ରୀ ଉପମା ଗୁଆଲ ବିଦ୍ୟାଳୟକୁ ପ୍ରବେଶ କରିପାରି ନ ଥିଲେ। ଶିକ୍ଷୟିତ୍ରୀ ଉପମା ଗୁଆଲଙ୍କ ଯୋଗଦାନକୁ ନାପସନ୍ଦ କରି ଗ୍ରାମବାସୀ ଗେଟକୁ ତାଲା ଦେଇ ୧୦ ଦିନହେବ ଗେଟ ସମ୍ମୁଖରେ ଆନ୍ଦୋଳନ ଜାରିରଖିଥିଲେ। ଯାହା ଫଳରେ ଯୋଗଦାନକୁ ନେଇ ବିବାଦ ଲାଗିରହିଥିଲା।




ଶୁଖା ବିଦ୍ୟାଳୟରେ ନୂତନ ଭାବେ ଯୋଗଦାନ କରିଥିବା ଶିକ୍ଷୟିତ୍ରୀ ଉପମା ଗୁଆଲଙ୍କୁ ପରିଚାଳନା କମିଟି ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଉଛି।

**ଶୁଖା ଉଚ୍ଚ ବିଦ୍ୟାଳୟ**

- ପରିଚାଳନା କମିଟି ଓ ଅଭିଭାବକଙ୍କ ପକ୍ଷରୁ ଶିକ୍ଷୟିତ୍ରୀଙ୍କୁ ସ୍ୱାଗତ
- ଯୋଗଦାନକୁ ନେଇ ପ୍ରତିକ୍ରିୟା ରଖିଲେ ଗୋଷ୍ଠୀ ଶିକ୍ଷା ଅଧିକାରୀ

ଛାତ୍ରୀଛାତ୍ରଙ୍କ ପାଠପଢା ବ୍ୟାଘାତ ହୋଇଥିଲା। ବିଦ୍ୟାଳୟକୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଣେଶ କିଷାନ ଆସିଥିଲେ ମଧ୍ୟ ସମାଧାନ ହୋଇ ନ ପାରିଥିଲା। ଗୁରୁଙ୍କୁ ସମ୍ମାନ ଦେବାଟା ଗ୍ରାମବାସୀ ଭୁଲିଗଲେ ବୋଲି ଶିକ୍ଷୟିତ୍ରୀ ଗୁଆଲ କହିଛନ୍ତି। ଅନ୍ୟ ପକ୍ଷେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଣେଶ କିଷାନଙ୍କ ପତ୍ର ସଂଖ୍ୟା ୨୦୧୬ ତାରିଖ ୧୧ /୧୨/୨୦୨୫ ଆଦେଶ ଅନୁଯାୟୀ ଶୁଖା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଯୋଗଦାନ ନେଇ ବଦଳି କରିଥିଲେ। ବିଦ୍ୟାଳୟରେ ନୂତନ ଶିକ୍ଷୟିତ୍ରୀ ଉପମା ଗୁଆଲଙ୍କ ଯୋଗଦାନକୁ ନେଇ ଶୁଖା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏକ ସ୍ୱାଗତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରାଧେଶ୍ୟାମ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ଶୁଖା ସରପଞ୍ଚ ରଶ୍ମିତା ବିଶ୍ୱାଳ, ଶୁଖା ସମିତି ସଭ୍ୟ ମଦନମୋହନ ସିଂ ବରିହା, ବିଦ୍ୟାଳୟ ପ୍ରଧାନ ଶିକ୍ଷକ କ୍ଷିତୀଶ କୁମାର ସାହୁ, ପଞ୍ଚସଖା ଶିକ୍ଷା ସେତୁର ସଭାପତି ବାଳମୁକୁନ୍ଦ ଭୋଇ,ବରିଷ୍ଠ ଶିକ୍ଷକ ପ୍ରସନ୍ନ କୁମାର ଭୋସାଗର, ସିଆରସିସି ସୁରେଶ ନାଏକ, ସହକାରୀ ଶିକ୍ଷକ ଅଭିମନ୍ୟୁ ନାଏକ, ଶିକ୍ଷକ ତୁଫାନ ପଧାନ, ଲକ୍ଷ୍ମୀ ବୁଡ଼େକ ଯୋଗଦେଇ ଶିକ୍ଷୟିତ୍ରୀ ଗୁଆଲଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଣେଶ କିଷାନ ଶିକ୍ଷୟିତ୍ରୀ ଗୁଆଲଙ୍କ କୁଶାମାଲ ବିଦ୍ୟାଳୟରେ ଯୋଗଦାନକୁ ଗ୍ରାମବାସୀ ବିରୋଧ କରିଥିଲେ, କିନ୍ତୁ ଶୁଖା ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଉପମା ଗୁଆଲ ଯୋଗଦାନ କରି ସୁଚାରୁ ଭାବେ ଶିକ୍ଷାଦାନ କରୁଥିବା ପ୍ରତିକ୍ରିୟା ଦେଇ କହିଛନ୍ତି।

# ଲୁଡୁରପଙ୍କ କ୍ରିକେଟ୍ କପ୍: ସେମିରେ ବାଙ୍ଗାଲୋର ଏକାଦଶ କର୍ଣ୍ଣାଟକ

**ଅମରପାଲି,୨୫।୧୨(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଲୁଡୁରପଙ୍କ ହାଇସ୍କୁଲ ପଡିଆରେ ଜେଜେସିସି ଆନୁକୂଲ୍ୟରେ ହେଉଥିବା ୨୯ତମ ସର୍ବଭାରତୀୟ ଜୟ ଜଗନ୍ନାଥ ଲୁଡୁରପଙ୍କ କ୍ରିକେଟ କପର ପଞ୍ଚମ ଦିବସରେ ବୋକାରୋ ଚ୍ୟାଲେଞ୍ଜର ଝାଡ଼ଖଣ୍ଡକୁ ହରାଇ ବାଙ୍ଗାଲୋର ଏକାଦଶ କର୍ଣ୍ଣାଟକ ସେମି ଫାଇନାଲରେ ପ୍ରବେଶ କରିଛି। ମ୍ୟାଚ ଟି ଟି-୨୦, ଟି--୧୦ ଓ ସୁପର -୨ ଓଭର ବିଶିଷ୍ଟ ଫର୍ମାଟରେ ଖେଳା ଯାଇଥିଲା। ପ୍ରଥମ ଫର୍ମାଟରେ ବୋକାରୋ ଚ୍ୟାଲେଞ୍ଜର ଝାଡଖଣ୍ଡ ପ୍ରଥମେ ବ୍ୟାଟିଂ କରି ୧୯.୩ ଓଭର ରେ ସମସ୍ତ ଉଇକେଟ ହରାଇ ୧୩୪ ରନ କରିଥିଲେ। ଦଳର ଜିସାନ ହାସମି ୪୮ ରନ , ଅଖିଳ ଯାଦବ ୨୯ ରନ କରିଥିଲେ। ବିପକ୍ଷ ଓମକାର ମହାନ୍ତି, ରାଗା ଶିବ କୁମାର, ଇନିତ କୁମାର ଓ ନୀତିଶ ୱାଣିକିଆଲା ପ୍ରତ୍ୟେକ ୨ଟି ଲେଖାଏଁ ଉଇକେଟ ନେଇଥିଲେ। ଜବାବରେ କର୍ଣ୍ଣାଟକ ୧୫.୨ ଓଭରରେ ସମସ୍ତ ଉଇକେଟ ହରାଇ ୯୬ ରନ କରିଥିଲେ। ଦଳର ବିନୟ ମାସକି ୩୫ ଓ ଅଭିଷେକ ଏସକେ ୨୯ ରନ କରିଥିଲେ। ଝାଡଖଣ୍ଡର ଆଶିଷ ଯାଦବ ଓ ପବନ କୁମାର ପ୍ରତ୍ୟେକ ୩ ଟି ଲେଖାଏଁ ଉଇକେଟ ନେଇଥିଲେ। ଟି-୧୦ ଫର୍ମାଟରେ ଝାଡ଼ଖଣ୍ଡ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୭ ଉଇକେଟ ହରାଇ ୬୪ ରନ କରିଥିଲା। ଦଳର ମଙ୍ଗଲମ ଦ୍ୱିବେଦୀ ୧୪ ରନ କରିଥିଲେ। ବିପକ୍ଷ କର୍ଣ୍ଣାଟକ ଓମକାର ମହାନ୍ତି, ରୁପକ ସାହୁ ଓ ନୀତିଶ ୱାଣିକିଆଲା ପ୍ରତ୍ୟେକ ୨ଟି ଲେଖାଏଁ ଉଇକେଟ ନେଇଥିଲେ। ଜବାବରେ କର୍ଣ୍ଣାଟକ ୪.୩ ଓଭରରେ କୌଣସି ଉଇକେଟେ ନ ହରାଇ ଆବଶ୍ୟକୀୟ ୬୫ ରନ କରିଥିଲା। ଦଳର ଅଭିଷେକ ଏସକେ ୧୫ଟି ବଲରୁ ୪୦ ରନ କରିଥିଲେ। ଉଭୟ ଦଳ ଗୋଟିଏ ଲେଖାଏଁ ଫର୍ମାଟରେ ବିଜୟୀ ହେବାରୁ ସୁପର-୨ ଖେଳାଯାଇଥିଲା। ଏଥିରେ ବୋକାରୋ ଚ୍ୟାଲେଞ୍ଜର ଝାଡ଼ଖଣ୍ଡ ୭ରନ କରିଥିବା ବେଳେ କର୍ଣ୍ଣାଟକ ୮ ରନ କରି ବିଜୟୀ ହୋଇଥିଲା। ଫଳରେ କର୍ଣ୍ଣାଟକ ପୁଲ -ବି ରୁ ପ୍ରଥମ ଦଳ ଭାବେ ସେମି ଫାଇନାଲରେ ପ୍ରବେଶ କରିଛି। ପୀତାମ୍ବର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ସୁବର୍ଣ୍ଣପୁର ଜିଲାପାଳ ଡ.ନୃପରଜ ସାହୁ ମୁଖ୍ୟ ଅତିଥି ଏବଂ ବୀରମହାରାଜପୁର ବରିଷ୍ଠ ନାଗରିକ ସଙ୍ଗଠନର ସଭାପତି ଡ.ପ୍ରଫୁଲ୍ଲ କୁମାର ରଥ, ସ୍ଥାନୀୟ ସରପଞ୍ଚ ସୂର୍ଯ୍ୟ କୁମାର ନନ୍ଦ, ବ୍ୟବସାୟୀ କୁଶ କୁମାର ସାହୁ, ସଞ୍ଜୟ ବଡ଼ପଣ୍ଡା, ଆକାଶ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଓଡ଼ିଶା ପ୍ରଶାସନିକ ସେବାରେ କୃତକାର୍ଯ୍ୟ ହୋଇଥିବା ଶାଶ୍ୱତ ସୌମ୍ୟକାନ୍ତ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ସହିତ କର୍ଣ୍ଣାଟକର ଅଭିଷେକ ଏସ.କେ ଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ମ୍ୟାଚକୁ ଓସିଏ ମାନ୍ୟତାପ୍ରାପ୍ତ ଆମ୍ପାୟାର ବିଶ୍ୱଜିତ ପୁରୋହିତ ଓ ପୃଥ୍ୱୀରାଜ ମିଶ୍ର ପରିଚାଳନା କରିଥିବା ବେଳେ ମାନସ ରଞ୍ଜନ ମହାକୁର ସ୍କୋରିଙ୍ଗ, ଚମାରୁ ମହାକୁର ଅନଲାଇନ ସ୍କୋରିଙ୍ଗ ଏବଂ ମ୍ୟାକ ମିଲନ ମହାକୁର ଓ ଆଶିଷ ଦେଓ ଧାରାବିବରଣୀ ପ୍ରଦାନ କରିଥିଲେ। ଶୁକ୍ରବାର କ୍ୟୁସିଆ ଛତିଶଗଡ଼ ଓ ବିରାଟ କ୍ରିକେଟ ଏକାଡେମି କୋଲକତା (ୱେଷ୍ଟ ବେଙ୍ଗଲ) ମଧ୍ୟରେ ଖେଳ ହେବ ବୋଲି ଆୟୋଜକ ଉପସଭାପତି ଟୁଟୁ ମହାକୁର ପ୍ରକାଶ କରିଛନ୍ତି।




କର୍ଣ୍ଣାଟକର ଅଭିଷେକ ଏସକେଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଉଛି।

# ଧାନ ଉପକେନ୍ଦ୍ର ଉଦ୍‌ଘାଟିତ

**ବିନିକା,୨୫।୧୨ (ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ କୁହିବାହାଲ ପଞ୍ଚାୟତ ପଧାନପଲି କଲ୍ୟାଣ ମଣ୍ଡପ ଠାରେ ମହଦା ସେବା ସମବାୟ ସମିତି ପକ୍ଷରୁ ଧାନ ବିକ୍ରୟ ଉପକେନ୍ଦ୍ର ଗୁରୁବାର ଉଦଘାଟିତ ହୋଇଯାଇଛି । ସମିତିର ସମ୍ପାଦକ ନାରାୟଣ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଡିଓ ଶରତ ବାଗ, ସରପଞ୍ଚ ସୁଦାମ ପଧାନ ଯୋଗଦେଇ ଯଥାରିତ ପୂଜାର୍ଚ୍ଚନ ପରେ ନଡ଼ିଆ ଭାଙ୍ଗି ଶୁଭାରମ୍ଭ କରିଥିଲେ। ଏଥିରେ ପୂଜକ ଭାବେ ବିଭୁତି ପୁରୋହିତ ଦାୟିତ୍ୱ ତୁଲାଇଥିଲେ । ପ୍ରଥମ ଦିନରେ ୫ ଜଣ ପଞ୍ଜୀକୃତ ଚାଷୀଙ୍କ ୨୨୦ କୁଇଣ୍ଟାଲ ଧାନ କିଣାଯାଇ କଲ୍ୟାଣିକା ଓ ଖୁର୍ଦ୍ଧିଆବାହାଲ ମିଲକୁ ପଠାଯାଇଥିବା ସମ୍ପାଦକ ବିଶ୍ୱାଳ ସୂଚନା ଦେଇଛନ୍ତି। ଏଥିରେ ଆର୍‌ଏମସି କର୍ମଚାରୀ ସୌମ୍ୟରଞ୍ଜନ ପଧାନ, ଷ୍ଟାଫ ବିକାଶ ପଧାନଙ୍କ ସମେତ ଚାଷୀ ଆନନ୍ଦ ପଧାନ , ଗଜିନ ପଧାନ, କ୍ଷୀରୋଦ୍ର ପଧାନ, ପ୍ରକାଶ ଭୋଇ, ରାଜେନ୍ଦ୍ର ବାରିକ, ଟଙ୍କଧର ପଧାନ, ମାଲୁରାମ ପଧାନ, କନ୍ଦର୍ପ ପଧାନ, ଘୁସ ପଧାନ, ଗୁରୁ ଚରଣ ଭୋଇ, ରାଜେନ୍ଦ୍ର ବାରିକ ପ୍ରମୁଖ ଉପସ୍ଥିତ ଥିଲେ ।

# ବାଉଁଶୁଣୀରେ ଅଟଳ ସ୍ମୃତି ସମ୍ମିଳନୀ

**ବାଉଁଶୁଣୀ,୨୫।୧୨ (ଦେବାଶିଷ ନେପାକ)**

ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ଅବସରରେ କନ୍ଧମାଳ ନିର୍ବାଚନ ମଣ୍ଡଳୀ ଭାଜପା ପକ୍ଷରୁ ବାଉଁଶୁଣୀର ଏକ କଲ୍ୟାଣ ମଣ୍ଡପରେ ଗୁରୁବାର ଅପରାହ୍ନ ୧ଟାରେ ଅଟଳ ସ୍ମୃତି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କନ୍ଧମାଳ ବିଧାୟକ କହ୍ନାଇ ଚରଣ ଡାଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ଜିଲା ଭାଜପା ସଭାପତି ପ୍ରେମାନନ୍ଦ ମିଶ୍ର, ଜିଲା ପରିଷଦ ସଦସ୍ୟ ରାକେଶ ତ୍ରିପାଠୀ, ଜଲା ଯୁବମୋର୍ଚ୍ଚା ସଭାପତି ଅଟଳ କୁମାର ପ୍ରଧାନ, ପୂର୍ବତନ ଜିଲା ସଭାପତି ବିପ୍ର ଚରଣ ମହାନ୍ତି, ମନୋରଞ୍ଜନ ଦାଶ, ମାଗୁଣି ଚରଣ ଗାଇଗୌରିଆ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ମଞ୍ଚାସୀନ ଥିଲେ। ବକ୍ତାମାନେ ବାଜପେୟୀଙ୍କ ଜୀବନାଦର୍ଶ, ମହାନ ଗୁଣାବଳୀ ଓ ଦେଶ ଭକ୍ତି ସମ୍ପର୍କରେ ଆଲୋଚନା କରିଥିଲେ।

**DISTRICT COUNCIL OF CULTURE, KALAHANDI**

No. 960/DCC (KUG) Date: 24.12.2025

**TENDER CALL NOTICE FOR KALAHANDI UTSAV GHUMURA - 2026**

Sealed tenders are invited from registered Firms/Agency/Proprietor/Vendor/Tent House having work experience and valid GST & PAN. They should have fulfill the minimum eligibility criteria as stipulated in the terms and conditions of the tender for arrangement of following works during 'Kalahandi Utsav Ghumura - 2026' at Lal Bahadur Shastri Stadium, Bhawanipatna, Kalahandi. The detailed tender paper along with terms and conditions are available from on dated 24.12.2025 to 30.12.2025 in the district website **https://kalahandi.odisha.gov.in** or in the office of the District Culture Officer, Kalahandi. Last date for receipt of tender paper: 30.12.2025 latest by 04.00 P.M.

01. Installation of Sound System
02. Electrical Installation
03. Installation of LED Panels & TV Set
04. Tentage and Allied works (Erection & Installation of Stall, Gate & Stage).

By order of Collector, Kalahandi
**Sd./- DCO & Secertary**
**DCC, Kalahandi**

**OFFICE OF THE PANCHAYAT SAMITI, GANJAM**

Phone: 06811-254345(O), E-Mail: oribganjam@gramsat.nic.in

No. i-436 **TENDER CALL NOTICE**

**BID IDENTIFICATION No. - GJMPS - 01/2025-26 Dt.22.12.2025**

1. Name of the Work : Construction of 50MT Godown & Office Building
2. No. of Work : 03 Nos. i.e. i. Lunguri SCS, GP-Malada ii. Kartikadhi SCS, GP-Santoshpur iii. Santoshpur SCS, GP-Santoshpur
3. No. of Covers : Single Cover
4. Estimated Cost : Rs.23,81,992/- for each
5. Period of Completion : Six Calendar Months
6. Date & time of availability of bid documents in portal : From 11.00 A.M. of Dated: 30.12.2025
7. Last date/time for receipt of bids in the portal : Upto 5.00 P.M. of 12.01.2026
8. Date of opening of Online bid documents : At 11.30 A.M. of 13.01.2026
9. Class of Contractor : "B" & "C" Class Contractor
10. Name & address of Officer Inviting Bid : Panchayat Samiti, Ganjam

Further, details can be seen from the e-procurement portal **www.tenderodisha.gov.in**. The Addendum/Corrigendum if any will be hosted in the website only.

OIPR-19440/11/0003/2526 **Sd./- Block Development Officer, Ganjam**

**GOVERNMENT OF CHHATTISGARH**
**WATER RESOURCES DEPARTMENT**
**OFFICE OF THE SUPERINTENDING ENGINEER**
**M.R.P. DAM CIRCLE, RUDRI (CHHATTISGARH)**
**e-PROCUREMENT TENDER NOTICE**
**eProcurement Portal: https://eproc.cgstate.gov.in**
**(First Call)**

**System Tender No. 182190/NIT No. 03/SAC/25-26 Dated: 23.12.2025**

Online Tenders are invited for the following works upto 13.01.2026 at 17.30 hours.

Name of Work: Construction of Cross Regulator at R.D. 1220m of Sondur Feeder Canal for Sankara and Ghatula Group Water Supply Scheme in Block Nagri, District Dhamtari.

Probable Amount of Contract: Rs.192.35 Lakhs (Excluding G.S.T.).

(As per S.O.R. Enforced from Dated: 01.05.2025 and amended on dated 08.08.2025).

The details can be viewed and downloaded online directly from the Government of Chhattisgarh Integrated e-Procurement Portal **(https://eproc.cgstate.gov.in) from Date: 30.12.2025 at 17.31 hours (IST) onwards**.

